R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୬
ତିଥି : ଦଶମୀ
୧୨ ମେ' ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 216
12 May 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏକାମ୍ର କ୍ଷେତ୍ର- ଲିଙ୍ଗରାଜ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'ରେ ମୁଖ୍ୟମନ୍ତ୍ରୀ

## ୧୪୦ କୋଟି ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ ସୋମନାଥ

ଭୁବନେଶ୍ୱର, ୧୧।୫ (ସବ୍ୟୁ) : ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ସୋମନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ଥିବା ଏକ ଅଦୃଶ୍ୟ ଓ ଗଭୀର ସମ୍ପର୍କ

- ପଶ୍ଚିମର ପ୍ରହରୀ ସୋମନାଥ, ପୂର୍ବର ଅଜେୟ ଶକ୍ତି ଲିଙ୍ଗରାଜ
- ୭୫ ବର୍ଷ ପୂର୍ତ୍ତିରେ ଭାରତର ସାଂସ୍କୃତିକ ନୂଆ ଅଧ୍ୟାୟ
- 'ଅରେଞ୍ଜ ଇକୋନୋମି'ରେ ସମୃଦ୍ଧ ହେବ ଓଡ଼ିଶା

ଉପରେ ଆଲୋକପାତ କରି କହିଥିଲେ ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି ।

ଆଜି ଏକାମ୍ର ପୀଠରେ ଏକ ବିଶେଷ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା, ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ ଦେଖିଥିଲେ । ଗୁଜରାଟରୁ ଶ୍ରୀ ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାର ସହ ଦେଖିବା (୯ ପୃଷ୍ଠାରେ)

## ୧୫ ସୁଦ୍ଧା ବଢ଼ିବ ପେଟ୍ରୋଲ, ଡିଜେଲ!

ନୂଆଦିଲ୍ଲୀ, ୧୧।୫ : ପେଟ୍ରୋଲ, ଡିଜେଲ ମୂଲ୍ୟ ଖୁବ୍‌ଶୀଘ୍ର ବଢ଼ିବ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନେଇ ତୈଳ ବିତରଣ କମ୍ପାନୀଗୁଡ଼ିକ ଚାପରେ ଅଛନ୍ତି । ଅର୍ଥନୀତିଜ୍ଞଙ୍କ ମତରେ ଏବେ ଦେଶରେ ଖୁବ୍‌ଶୀଘ୍ର ତୈଳ ମୂଲ୍ୟ ବଢ଼ିବ ।




ବିଶ୍ୱ ବଜାରରେ ଅଶୋଧିତ ତୈଳର

- ଏଲ୍‌ପିଜି ସିଲିଣ୍ଡରରେ ବୃଦ୍ଧି ହୋଇପାରେ ୪୦ ରୁ ୫୦ ଟଙ୍କା
- ପେଟ୍ରୋଲ, ଡିଜେଲରେ ବଢ଼ିପାରେ ୪ ରୁ ୫ ଟଙ୍କା
- ତୈଳ କମ୍ପାନୀଗୁଡ଼ିକର ଦୈନିକ କ୍ଷତି ହଜାରେ କୋଟି
- ପ୍ରଧାନମନ୍ତ୍ରୀଙ୍କ ନିବେଦନକୁ ବିରୋଧୀଙ୍କ କଟାକ୍ଷ
- ୬୦ ଦିନ ଲାଗି ମହଜୁଦ ଅଛି ପେଟ୍ରୋଲ, ଡିଜେଲ : ସରକାର

ମୂଲ୍ୟ ବ୍ୟାରେଲ୍ ପିଛା ୧୦୫ ଡଲାରରୁ ଅଧିକ ରହିଛି । ଆମେରିକା ଓ ଇରାନର ବିବାଦ ଯୋଗୁ ହର୍‌ମୁଜ୍ ପ୍ରଣାଳୀ ଦେଇ ତେଲ ଆସିପାରୁନାହିଁ। ତୈଳ ବଜାରରେ ଅନିଶ୍ଚିତତା ଦେଖାଦେଇଛି । ଅର୍ଥନୀତିଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ ଉପଭୋକ୍ତାଙ୍କ ଉପରେ ଏକକାଳୀନ ମୂଲ୍ୟବୋଝ ଚାପି ନ ଦିଆଯାଇ ଧୀରେ ଧୀରେ ବୃଦ୍ଧି କରାଯିବ। ମେ' ୧୫ ତାରିଖରେ ପେଟ୍ରୋଲ, ଡିଜେଲ ମୂଲ୍ୟ ବଢ଼ିପାରେ ବୋଲି ସେମାନେ ଆଶଙ୍କା କରୁଛନ୍ତି। ଇନ୍‌ଫୋମେରିକ୍ସର ମୁଖ୍ୟ ଅର୍ଥନୀତିଜ୍ଞ ମନୋରଞ୍ଜନ ଶର୍ମାଙ୍କ କହିବାନୁଯାୟୀ ଅର୍ଥନୀତି ଉପରେ ଏବେ ଚାପ ପଡ଼ିଛି। ନୀତି ଲାଗି ଚାପ ପଡ଼ିରହୁଛି। ମେ' ୧୫ ସୁଦ୍ଧା ତୈଳ ଦର ବୃଦ୍ଧି ହୋଇପାରେ। ପେଟ୍ରୋଲ ଓ ଡିଜେଲରେ ଲିଟର ପିଛା ୪ ରୁ ୫ ଟଙ୍କା ଓ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୪୦ ରୁ ୫୦ ଟଙ୍କା ବୃଦ୍ଧି ହୋଇପାରେ। ତୈଳ ବିତରଣ କମ୍ପାନୀଗୁଡ଼ିକ (୯ ପୃଷ୍ଠାରେ)

## ମୌସୁମୀ ଲାଗି ପାଗ ଅନୁକୂଳ

ଭୁବନେଶ୍ୱର, ୧୧।୫ (ସବ୍ୟୁ) : ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ନେଇ ପାଗ ଅନୁକୂଳ ରହିଛି। ଚଳି ସପ୍ତାହର ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନସାଗର ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବାର ସମ୍ଭାବନା ରହିଛି। ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ।

ଶ୍ରୀ ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି, ଦକ୍ଷିଣ-ପଶ୍ଚିମବଙ୍ଗୋପସାଗରରୁ ଉତ୍ତର

**ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି**

**ଆଗୁଆ ମୌସୁମୀ ନେଇ ଆକଳନ**

ଶ୍ରୀଲଙ୍କା ଉପକୂଳ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ସ୍ପଷ୍ଟ ଚିତ୍ର ୪୮ ଘଣ୍ଟା ମଧ୍ୟରେ ଜଣାପଡିବ। ଏହା କେଉଁ ଦିଗକୁ ଯିବ ଏବଂ ତୀବ୍ରତା କଣ ରହିବ, ତାର ଚିତ୍ର ୧୩ ତାରିଖ ବେଳକୁ ଜଣାପଡିବ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ନେଇ ସମୁଦ୍ରର ତାପମାତ୍ର ଅନୁକୂଳ ରହିଛି। ଚଳିତ ମାସ ୨୦ ତାରିଖ ବେଳକୁ ଆଣ୍ଡାମାନ ଛୁଇଁଥାଏ ମୌସୁମୀ ବାୟୁ ଏହାର ୧୦ ଦିନ ପରେ ଅର୍ଥାତ୍ ଜୁନ ପ୍ରଥମ ସପ୍ତାହରେ କେରଳକୁ ପ୍ରବେଶ କରିଥାଏ। ଜୁନ ୧୦ରୁ ୧୫ ତାରିଖ ମଧ୍ୟରେ ଏହା ସାଧାରଣତଃ ଓଡ଼ିଶା ଛୁଇଁଥାଏ। ତେବେ ଏଥର ପାରିପାଶ୍ୱରିକ ସ୍ଥିତି ଠିକ୍ ଥିବାରୁ ଆଗୁଆ ମୌସୁମୀ ପ୍ରବେଶ କରିବାର ବହୁ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ସୁପ୍ରିମ୍‌କୋର୍ଟରେ ପ.ବଙ୍ଗ ନିର୍ବାଚନ ମାମଲା

## ଜିତିବା ବ୍ୟବଧାନ ଠାରୁ ଅଧିକ କଟିଛି ଭୋଟରଙ୍କ ନାମ

ନୂଆଦିଲ୍ଲୀ, ୧୧।୫ : ପ.ବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ ପୁଣି ଆଇନ୍‌ଗତ ଲଢ଼େଇ ଆରମ୍ଭ ହୋଇଛି । ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଏସ୍‌ଆଇଆରରେ ଭୋଟରଙ୍କ ନାମ କଟିବା ଯୋଗୁ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ପ୍ରଭାବିତ ହୋଇଛି ବୋଲି ଏକ ଯାଚିକା ଦାଖଲ କରାଯାଇଛି ।



ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଆବେଦନ

- ୩୧ ନିର୍ବାଚନମଣ୍ଡଳୀରେ ଟିଏମ୍‌ସି ପ୍ରାର୍ଥୀ ହାରିଛନ୍ତି ୮୬୨ ଭୋଟ୍‌ରେ
- ଏସ୍‌ଆଇଆର୍‌ରେ ଭୋଟରଙ୍କ ନାମ କଟିଛି ୫ ହଜାରରୁ ଉର୍ଦ୍ଧ୍ୱ

କରାଯାଇଥିଲା। ବରିଷ୍ଠ ଆଇନ୍‌ଜୀବୀ ଓ ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀ ପ.ବଙ୍ଗ ନିର୍ବାଚନର ଫଳାଫଳକୁ ନେଇ ପକ୍ଷ ରଖିଥିଲେ । ସେ କହିଥିଲେ ଯେ ୩୧ ବିଧାନସଭା ଆସନରେ ଯେଉଁ ଭୋଟ୍ ବ୍ୟବହାର ହାର (୯ ପୃଷ୍ଠାରେ)

## ଚିତ୍ରକାରିଣୀ ମନ୍ଦିରରୁ ମୂର୍ତ୍ତି ସହ ୩୦ଭରି ଅଳଙ୍କାର ଲୁଟ୍

ଭୁବନେଶ୍ୱର,୧୧।୫ (ସବ୍ୟୁ) : ପୁରୁଣା ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ପାଖରେ ଥିବା ଚିତ୍ରକାରିଣୀ ମନ୍ଦିରରୁ ମା'ଙ୍କ ମୂର୍ତ୍ତି ସହ ୩୦ଭରି ସୁନା ଅଳଙ୍କାର ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି ।

ରବିବାର ରାତିରେ ପୂଜକମାନେ ମା'ଙ୍କ ମନ୍ଦିର ପୂଜାର୍ଚ୍ଚନା ସାରି ତାଲା ପକାଇ ଘରକୁ ଗଲେ । ସୋମବାର ସକାଳେ ଆସି ଦେଖିବା ବେଳକୁ ମନ୍ଦିରର କବାଟ ଓ ଗେଟ୍ ପ୍ରଭୃତି ତଡା ହୋଇଛି । ମା'ଙ୍କ ମୂର୍ତ୍ତି ନାହିଁ କିମ୍ବା କୌଣସି ସୁନା ଅଳଙ୍କାର ନାହିଁ । ସୁନା ଅଳଙ୍କାର ମଧ୍ୟରେ ତିନିଟି ହାର, ତିନି ମଙ୍ଗଳ ସୂତ୍ର, ସୁନା ଗଳାମାଳ ଥିବା ଏତଲାରେ ଦର୍ଶାଯାଇଛି । ୫୦ଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କାର ମୂଲ୍ୟ ହେବ ସୁନା ଗହଣାର ଦାମ୍ ବୋଲି ପୂଜକ କହିଛନ୍ତି ।

ଚିତ୍ରକାରିଣୀ ମା'ଙ୍କ ମୂର୍ତ୍ତି ବହୁ ପ୍ରାଚୀନ । ପ୍ରାଚୀନ ମୂର୍ତ୍ତି ଓଡ଼ିଶାର ବିଭିନ୍ନ ମନ୍ଦିରରୁ ଚୋରି କରି ବିଦେଶ ଚାଲାଣ ହେଉଥିବା ପୂର୍ବରୁ ଅଭିଯୋଗ ଥିବାବେଳେ ସେହି ଆନ୍ତର୍ଜାତୀୟ ର୍‌ୟାକେଟ୍ ସହ ସମ୍ପର୍କ ଥିବା ଲୁଟେରା ଏହି ଲୁଟ୍‌ପାଟ ଘଟାଇଥିବା ସନ୍ଦେହ ହେଉଛି । ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିବା ସହ ପୁରୁଣା ମନ୍ଦିର ଲୁଟେରାଙ୍କ (୯ ପୃଷ୍ଠାରେ)

## ଇଚ୍ଛାମୃତ୍ୟୁ ଲାଗି ଚାଷୀଙ୍କ ଆବେଦନ

ବରଗଡ଼, ୧୧।୫ (ସବ୍ୟୁ) : ଚାଷୀ ମାଗିଲେ ଇଚ୍ଛାମୃତ୍ୟୁ । ଗତ ଖରିଫରେ ଧାନବିକ୍ରି କରିବାକୁ ବଞ୍ଚିତ ହେବାରୁ ବରଗଡ଼ ଜିଲ୍ଲାପାଳଙ୍କୁ ଏକ ଚିଠି ଲେଖି ଇଚ୍ଛା ମୃତ୍ୟୁ ମାଗିଛନ୍ତି ଜିଲ୍ଲାର ଚାଷୀ ରୋହିତ ଭୋଇ। ଧାନ ବିକ୍ରି ହୋଇନଥିବାରୁ ଟଙ୍କା ନାହିଁ ଫଳରେ ବାପାଙ୍କ ଔଷଧ କିଣିପାରୁନାହାନ୍ତି ଏବଂ ପୁଅଝିଅଙ୍କ ପାଠପଢ଼ା ପରି ମୌଳିକ ଆବଶ୍ୟକତା ପୂରଣ କରିପାରୁନଥିବାରୁ ଇଚ୍ଛା ମୃତ୍ୟୁ ପାଇଁ ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲାରୁ । ରାଜ୍ୟରେ ଚାଷୀଙ୍କ ସମସ୍ୟା ଏବର୍ଷ ବହୁତ ଅଧିକ ଦେଖାଦେଇଛି । ଏଭଳି ପରିସ୍ଥିତିରେ ଜଲ୍ଲାପାଳଙ୍କୁ ଇଚ୍ଛା ମୃତ୍ୟୁ ମାଗିଛନ୍ତି। ବରଗଡ଼ରେ ଆରମ୍ଭ ହୋଇଛି ରବି ଧାନ କିଣା । ଆଉ ଏହାରି ଭିତରେ ଯେଉଁ ଖବର ଆସିଛି ତାହା ସମସ୍ତଙ୍କୁ ଚକିତ କରିଛି । କାରଣ ଜଣେ ଚାଷୀ ଇଚ୍ଛାମୃତ୍ୟୁ ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଖରିଫ ଧାନ ବିକ୍ରିରେ ବଞ୍ଚିତ ହୋଇଥିବାରୁ ଏପରି ନିଷ୍ପତ୍ତି ନେଇଛନ୍ତି ଚାଷୀ । ଅନ୍ୟଚାଷୀ ମଧ୍ୟ ଖରିଫ ଧାନ କିଣା ସମୟରେ ଯେପରି ଚିନ୍ତିତ ଥିଲେ, ସେପରି ସମସ୍ୟା ନେଇ ପୁଣି ଆଶଙ୍କା କରିଛନ୍ତି । ବରଗଡ଼ ଜିଲ୍ଲାରେ ସୋମବାରଠୁ ଆରମ୍ଭ ହୋଇଛି ରବି ଧାନ କିଣା। ଗତ ଖରିଫ ଋତୁରେ ଧାନ ବିକ୍ରି କରିବାରୁ ବଞ୍ଚିତ ଚାଷୀ ରୋହିତ ଭୋଇ ଜିଲ୍ଲାପାଳଙ୍କୁ ଚିଠି ଲେଖି ଇଚ୍ଛା ମୃତ୍ୟୁ ମାଗିଛନ୍ତି । ଧାନ ବିକ୍ରି ହୋଇନଥିବାରୁ ଟଙ୍କା ନାହିଁ, ବାପାଙ୍କ ଔଷଧ କିଣି ପାରୁନାହାନ୍ତି, ପୁଅ ଝିଅଙ୍କ ପାଠପଢ଼ା ଭଳି ମୌଳିକ ଆବଶ୍ୟକତା ପୂରଣ (୯ ପୃଷ୍ଠାରେ)




**ମାଙ୍କଡା ପଥର ମାଫିଆଙ୍କ ନୃଶଂସ କାଣ୍ଡ**

## ଖଣ୍ଡାରେ ହାଣି ଯୁବକଙ୍କୁ ହତ୍ୟା

ଶରଣକୁଳ ,୧୧/୫ (ସବ୍ୟୁ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନଏସି ଅନ୍ତର୍ଗତ କଦଳୀବନ୍ଧ ଗ୍ରାମ ଠାରେ ରବିବାର ଦିନ ରାତିରେ ଜଣେ ଯୁବକଙ୍କୁ ବିଭତ୍ସ ଭାବରେ ଖଣ୍ଡାରେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ଜଣକ ହେଲେ ଓଡ଼ଗାଁ ଖେଳ ପଡିଆ ସାହିର ସଦାଶିବ ସାହୁଙ୍କ ପୁଅ ଅଜିତ ସାହୁ(୩୮) । ବିଶେଷ କରି ମାଙ୍କଡ଼ା ପଥର ଖଣି ମାଫିଆଙ୍କ ଏଥିରେ ହାତ ଥିବା ଆଲୋଚନା ହେଉଛି । ଦୁର୍ବୃତ୍ତମାନେ ଏକ କାରରେ ଆସି ଅଜିତ ସାହୁଙ୍କ ଡାହାଣ ହାତ ପାପୁଲି କାଟି ଅଲଗା କରି ଦେବା ସହିତ ଶରୀରର ବିଭିନ୍ନ ଅଂଶକୁ ହାଣି କ୍ଷତ ବିକ୍ଷତ କରିଥିବା ଜଣାପଡିଛି ।



ଅଜିତଙ୍କ କଟା ପାପୁଲି ଶବ ଠାରୁ କିଛି ଦୂରରେ ପଡ଼ିଥିବା ଦେଖିବାକୁ ମିଳିଛି । ରାତିରେ ଲାଇନ କାଟି ଯୋଜନା ମୂଳକ ଭାବେ ହତ୍ୟା କରାଯାଇଛି । ତେବେ ସକାଳୁ ସକାଳୁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପାଇଁ ଓଡ଼ଗାଁ ପୋଲିସର ମୁଣ୍ଡବ୍ୟଥାର (୯ ପୃଷ୍ଠାରେ)

### ଭୁଜାଲିରେ ହାଣିଲେ : ଜଣେ ମୃତ, ଜଣେ ଗୁରୁତର

ଝାରସୁଗୁଡା, ୧୧।୫ (ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଫାଟକ ନିକଟ ଗାନ୍ଧୀନଗରରେ ଭୁଜାଲିରେ ହାଣିବା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତକୁ ଅଟକ କରିଛି । ଅଟକ ଅଭିଯୁକ୍ତମାନେ ସମ୍ବଲପୁର ବୁର୍ଲାର ପ୍ରଦୀପ ବାନଛୋର, ପୁଷ୍ପା ବନଛୋର ଏବଂ କାର ଡ୍ରାଇଭର ଚୁଡାମଣି କଲେତ । ମୁଖ୍ୟ ଅଭିଯୁକ୍ତ ଚାନ୍ଦ ବାନଛୋର, ବାବୁ ବାନଛୋର ଫେରାର ଅଛନ୍ତି । ଅଭିଯୁକ୍ତମାନେ ସୋମବାର ଅପରାହ୍ନ ପ୍ରାୟ ୨ ଟାରେ ଏକ କାରରେ ଗାନ୍ଧୀନଗରରୁ ବୁର୍ଲା ପଟେ ଯାଉଥିବାବେଳେ ବାଇକରେ ଯାଉଥିବା ରାହୁଲ ମହତ ଏବଂ ଆକାଶ ସାହୁଙ୍କ ସହ ବେଲପାହାଡ ଫାଟକ ନିକଟ ଗାନ୍ଧୀନଗର ଛକରେ ଦୁର୍ଘଟଣା ହୋଇଥିଲା । ପରେ ପାଟି ତୁଣ୍ଡ ହେବାରୁ ରାହୁଲ ଏବଂ ଆକାଶଙ୍କୁ,ଚାନ୍ଦ ବନଛୋର ଏବଂ ବାବୁ ବନଛୋର ଭୁଜାଲିରେ ଆକ୍ରମଣ କରିଥିଲେ । ଫଳରେ ରାହୁଲ ମହତଙ୍କ ମୃତ୍ୟୁ ହୋଇଥିବାବେଳେ ଆକାଶ ସାହୁଙ୍କ ଛାତିରେ ଗୁରୁତର ଆଘାତ ଲାଗିଛି । ଆକାଶ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଝାରସୁଗୁଡା ପୋଲିସ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ବେଲପାହାଡ ଗାନ୍ଧୀ ନଗରରେ ରହୁଥିବା ରିଙ୍କି ବନଛୋରଙ୍କ ଘରକୁ (୯ ପୃଷ୍ଠାରେ)



ବିଶ୍ୱ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସ ବା ସେବିକାମାନଙ୍କର ଅତୁଳନୀୟ ଅବଦାନକୁ ସ୍ୱୀକୃତି ଦେବା ପାଇଁ ପ୍ରତିବର୍ଷ ମେ' ୧୨ ତାରିଖକୁ ସାରା ବିଶ୍ୱରେ 'ଅନ୍ତର୍ଜାତୀୟ ନର୍ସ ଦିବସ' ଭାବେ ବେଶ୍ ଉତ୍ସାହର ସହ ପାଳନ କରାଯାଇଥାଏ । ଆଧୁନିକ ନର୍ସିଂର ଜନନୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମ ବାର୍ଷିକୀ ସ୍ମୃତିରେ ପାଳିତ ହେଉଥିବା ଏହି ଦିବସର ଇତିହାସ ୧୯୬୫ ମସିହାର । ୧୯୬୫ ମସିହାରେ 'ଇଣ୍ଟରନ୍ୟାସନାଲ କାଉନସିଲ୍ ଅଫ୍ ନର୍ସେସ୍' ପ୍ରଥମ କରି ଏହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଣେ ରୋଗୀର ଜୀବନ ବଞ୍ଚାଇବା ଏବଂ ସମାଜକୁ ସୁସ୍ଥ ରଖିବା ଦିଗରେ ନର୍ସମାନଙ୍କର ତ୍ୟାଗ, ସେବା ଓ ନିଷ୍ଠାକୁ ସମ୍ମାନ ଜଣାଇବା । ଆଜିର ଦିନରେ ବିଭିନ୍ନ ଡାକ୍ତରଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ସଚେତନତା ସଭା, ମହମବତୀ ଶୋଭାଯାତ୍ରା ଏବଂ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ନର୍ସମାନଙ୍କୁ ପୁରସ୍କୃତ କରାଯାଇଥାଏ । ସେହିଭଳି ସେମାନଙ୍କର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଜରିଆରେ ଏହାକୁ ପାଳନ କରାଯାଉଛି । ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ନର୍ସମାନେ ହେଉଛନ୍ତି ମୁଖ୍ୟ ସ୍ତମ୍ଭ, ଯେଉଁମାନେ ନିଜ ପରିବାରକୁ ପଛରେ ପକାଇ ଦିନରାତି ରୋଗୀଙ୍କ ସେବାରେ ନିୟୋଜିତ ରୁହନ୍ତି । ତେଣୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ସହ ସେମାନଙ୍କର କାର୍ଯ୍ୟକ୍ଷେତ୍ରକୁ ସୁରକ୍ଷିତ ଓ ସୁବିଧାଜନକ କରିବା ଏହି ଦିବସର ପ୍ରକୃତ ସାର୍ଥକତା ଅଟେ ।

# ଅନ୍ତର୍ଜାତୀୟ ନର୍ସ ଦିବସ

# ସୋସିଆଲ କୋଟ୍ସ



ଖତରୋଁ କି ଖିଲାଡୀ ଶୋରେ ପ୍ରତିଯୋଗିତା ଅନ୍ୟ ପ୍ରତିଯୋଗୀ ନୁହେଁ ବରଂ ନିଜ ସହିତ ହୋଇଥାଏ । ଏହା ଖୁବ ଭଲ ଶୋ' ନିଜର ଶକ୍ତି ଚିହ୍ନିବା ପାଇଁ ।

**ଫରହାନା ଭଟ୍ଟ, ଅଭିନେତ୍ରୀ**



ଅଭିନେତ୍ରୀ ହେବା ଦୂର କଥା ପିଲାଦିନେ ନିଜକୁ ଦର୍ପଣରେ ମଧ୍ୟ ଦେଖିବାକୁ ଭଲ ଲାଗିନଥାଏ । ଧୀରେଧୀରେ ସବୁ ବଦଳିଲା ମୁଁ ଏହି ଲାଇନରେ କ୍ୟାରିୟର କରିଲି । ତେବେ ଯାହା ହେଲା ଭଲ ହିଁ ହେଇଛି ।

**ଅବିକା ଗୌର, ଅଭିନେତ୍ରୀ**



ଖତରୋଁ କି ଖିଲାଡୀ ଶୋ କରିବାକୁ ହେଲେ ମୋତେ ପରିବାରଠାରୁ ଦୂରରେ ରହିବାକୁ ପଡିବ । ଯେଉଁଟା ମୁଁ ବର୍ତ୍ତମାନ ଚାହୁଁ ନାହିଁ। ତେଣୁ ବର୍ତ୍ତମାନ ଏହି ଶୋ ଠାରୁ ଦୂରରେ ରହୁଛି ।

**ରୁବିନା ଦିଲାଇକ, ଅଭିନେତ୍ରୀ**



# ବହି ଚୋର

ଆପଣ ସାଧାରଣତଃ ଚୋରମାନେ ଟଙ୍କା କିମ୍ବା ସୁନା ଗହଣା ଚୋରି କରିବା କଥା ଆପଣ ଶୁଣିଥିବେ, କିନ୍ତୁ ଆମେରିକାର ଷ୍ଟିଫନ ବ୍ଲମବର୍ଗ ନାମକ ଜଣେ ବ୍ୟକ୍ତି ନିଜର ନିଆରା ନିଶା ପାଇଁ ସାରା ବିଶ୍ୱରେ 'ବୁକ୍ ଥିଫ୍' ବା ବହି ଚୋର ଭାବେ ପରିଚିତ ହୋଇଥିଲେ । ଷ୍ଟିଫନଙ୍କର ପିଲାଦିନରୁ ବହି ପ୍ରତି ଏତେ ଗଭୀର ଭଲପାଇବା ଥିଲା ଯେ, ସେ ଭାବୁଥିଲେ ବଡ଼ ବଡ଼ ଲାଇବ୍ରେରୀଗୁଡ଼ିକ ଦୁର୍ଲଭ ପୁସ୍ତକର ସଠିକ୍ ଯତ୍ନ ନେଇପାରୁ ନାହାଁନ୍ତି। ଆଉ ଏହି ଚିନ୍ତାଧାରା ତାଙ୍କୁ ଚୋରି ଦୁନିଆକୁ ଟାଣି ନେଇଥିଲା । ୧୯୭୦ ରୁ ୧୯୯୦ ମସିହା ମଧ୍ୟରେ ସେ ଆମେରିକା ଏବଂ କାନାଡାର ପ୍ରାୟ ୪୫ଟି ରାଜ୍ୟର ୨୬୮ଟି ଲାଇବ୍ରେରୀରୁ ହଜାର ହଜାର ଦୁର୍ଲଭ ପୁସ୍ତକ ଓ ଐତିହାସିକ ଦସ୍ତାବେଜ ଚୋରି କରିଥିଲେ । ଶେଷରେ ୨୦ ମାର୍ଚ୍ଚ ୧୯୯୦ରେ ଯେତେବେଳେ ଏଫବିଆଇ ତାଙ୍କ ଘରେ ଚଢ଼ାଉ କରିଥିଲା, ସେତେବେଳେ ପୋଲିସ ଅଧିକାରୀମାନେ ତାଙ୍କ ଘରର ବାଥରୁମ୍, କିଚେନ୍ ଏବଂ ବେଡରୁମ୍ ସବୁଠି ବହି ଭର୍ତ୍ତି ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେଠାରୁ ପ୍ରାୟ ୨୩,୬୦୦ଟି ବହି ମିଳିଥିଲା, ଯାହାର ମୋଟ ଓଜନ ପାଖାପାଖି ୧୯ ଟନ୍ ଥିଲା, ଯାହାକି ପୁସ୍ତକ ଜଗତରେ ଚୋରିର ଏକ ସବୁଠାରୁ ବଡ଼ ଏବଂ ଅଜବ ଘଟଣା ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିଛି ।

# ଉଡ଼ିପାରୁନି ପାରା



ଏହି ଖବର ଅନୁସାରେ, ଚୀନ୍‌ର ଏକ ବଜାର ଅଞ୍ଚଳରେ ଫାଷ୍ଟଫୁଡ୍ ଖାଇ ଅତ୍ୟଧିକ ମୋଟା ହୋଇଯାଇଥିବା ଏକ ପାରା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ସ୍ଥାନୀୟ ଲୋକଙ୍କ କହିବା କଥା ଯେ, ଗ୍ରାହକମାନେ ଫିଙ୍ଗିଥିବା ଫ୍ରେଞ୍ଚ ଫ୍ରାଇଜ୍, ବ୍ରେଡ୍ ଏବଂ ଅନ୍ୟାନ୍ୟ ଜଙ୍କ ଫୁଡ୍ ଖାଇ ପାରାଟିର ଓଜନ ଏତେ ବଢ଼ିଯାଇଛି ଯେ ତାକୁ ଏବେ ଆକାଶରେ ଉଡ଼ିବା ପାଇଁ ମଧ୍ୟ କଷ୍ଟକର ହେଉଛି । ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଏହି ପାରାକୁ 'ଫୁଲ-ଟାଇମ୍ ଫୁଡି' କହି ମଜା କରୁଥିବା ବେଳେ, ଅନ୍ୟପଟେ କିଛି ଲୋକ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ବିଶେଷଜ୍ଞ ଏବଂ ପରିବେଶବିତ୍‌ଙ୍କ ମତରେ, ମଣିଷମାନଙ୍କର ଏହି ଅସ୍ୱାସ୍ଥ୍ୟକର ଖାଦ୍ୟ ପଶୁପକ୍ଷୀଙ୍କ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ଏବଂ ଜନଗହଳିପୂର୍ଣ୍ଣ ସହରଗୁଡ଼ିକରେ ବଳକା ଖାଦ୍ୟ ଖାଇ ପଶୁପକ୍ଷୀମାନେ ଅନେକ ସମୟରେ ରୋଗାକ୍ରାନ୍ତ ହେଉଛନ୍ତି, ଯାହା ଏକ ଗମ୍ଭୀର ବିଷୟ ଅଟେ ।



ଇଥୋପିଆର ଜଣେ ମହିଳା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ସୂଚନା ଅନୁସାରେ ଏଠାରେ ୩୫ ବର୍ଷୀୟା ବେଦରିଆ ଅଦେମ ନାମକ ଜଣେ ମହିଳା ଏକସଙ୍ଗେ ପାଞ୍ଚଟି ସନ୍ତାନକୁ ଜନ୍ମ ଦେଇଛନ୍ତି । ଏହି ଘଟଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ, ବେଦରିଆ କୌଣସି ଆଇଭିଏଫ୍ କିମ୍ବା ଔଷଧର ସାହାଯ୍ୟ ନନେଇ ପ୍ରାକୃତିକ ଭାବରେ ଗର୍ଭଧାରଣ କରିଥିଲେ, ଯାହାକି ଡାକ୍ତରଙ୍କ ମତରେ ପ୍ରାୟ ୫.୫ କୋଟି ମାମଲାରେ ଥରେ ଘଟିଥାଏ । ଦୀର୍ଘ ୧୨ ବର୍ଷ ଧରି ମା' ହୋଇପାରୁ ନଥିବାରୁ ସେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ । ହେଲେ ପରେ ସେ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିଥିଲେ । ଯାହାପରେ ଡାକ୍ତରମାନେ ପାଞ୍ଚଟି ସନ୍ତାନ (୪ ପୁଅ ଓ ୧ ଝିଅ) ଥିବା ଜାଣିବାକୁ ପାଇଥିଲେ । ବର୍ତ୍ତମାନ ନାଇଫ୍, ଅମ୍ମାର, ମୁଞ୍ଜିର, ନଜୀରା ଏବଂ ଅନସାର ନାମକ ଏହି ପାଞ୍ଚ ଶିଶୁଙ୍କ ଆଗମନ ମହିଳାଙ୍କ ଜୀବନରେ ଖୁସି ଆଣିଛି ।

# ଏକାଥରେ ପାଞ୍ଚ ସନ୍ତାନର ମାଆ

# ମାଙ୍କଡ଼ କାଟୁଛି କେଶ



କର୍ଣ୍ଣାଟକର ଚାମରାଜନଗର ଜିଲ୍ଲା ଅନ୍ତର୍ଗତ ସନ୍ତମାରାହଲ୍ଲୀ ଗାଁରୁ ଏକ ଆଶ୍ଚର୍ଯ୍ୟଜନକ କଥା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଠାରେ ଏକ ମାଙ୍କଡ଼ ନିଜର କେଶ କାଟିବା ସହ ମସାଜ୍ ମଧ୍ୟ କରୁଥିବା ଦେଖିବାକୁ ମିଳିଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ରିପୋର୍ଟ ଅନୁସାରେ, ସ୍ଥାନୀୟ 'ଦେବୁ ମେନ୍ସ ହେୟାରକଟ୍ ସେଲୁନ୍'ର ମାଲିକ ଦେବରାଜ ପଶୁପକ୍ଷୀଙ୍କୁ ବହୁତ ଭଲ ପାଆନ୍ତି ଏବଂ ସେ ସେଲୁନ୍ ଆଖପାଖରେ ଥିବା ମାଙ୍କଡ଼ମାନଙ୍କୁ ପ୍ରତିଦିନ ଖାଇବାକୁ ଦିଅନ୍ତି । ଦିନେ ଏକ ମାଙ୍କଡ଼ ହଠାତ୍ ସେଲୁନ୍ ଭିତରକୁ ପଶି ଆସି ଜଣେ ନିୟମିତ ଗ୍ରାହକଙ୍କ ଭଳି ଚେୟାର୍ ପାଖରେ ବସିଯାଇଥିଲା । ଦେବରାଜ ମଜାକରେ ମାଙ୍କଡ଼ଟିର ଚୁଟି ଉପରେ ବ୍ରଶ୍ ଚଲାଇଥିଲେ ମଧ୍ୟ ସେ ସେଠାରୁ ନ ପଳାଇ ବରଂ ବେଶ୍ ଆରାମରେ ବସି ରହିଥିଲା, ଯାହାପରେ ଏହି ନିଆରା ହେୟାରକଟ୍‌ର ସିଲସିଲା ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଜଣେ ମଣିଷ ଏବଂ ବନ୍ୟଜନ୍ତୁଙ୍କ ମଧ୍ୟରେ ଥିବା ଏହି ନିଆରା ବନ୍ଧୁତା ସମସ୍ତଙ୍କ ମନ ଜିଣିବାରେ ସଫଳ ହୋଇଛି ।

# ଇତିହାସ

୧୬୬୬ - ପୁରନ୍ଦର ସନ୍ଧି ଅନୁସାରେ ଛତ୍ରପତି ଶିବାଜୀ ମହାରାଜ ଔରଙ୍ଗଜେବଙ୍କୁ ଭେଟ କରିବାକୁ ଆଗରା ଯାଇଥିଲେ ।

୧୭୮୪ - ପ୍ୟାରିସ୍ ବୁଝାମଣାକୁ ପ୍ରଭାବକୁ ଆସିଲା ।

୧୮୪୭ - ୱିଲିୟମ କ୍ଲିଣ୍ଟନ ଓଡୋମିଟରର ଆବିଷ୍କାର କରିଥିଲେ ।

୧୯୧୫ - କ୍ରାନ୍ତିକାରୀ ରାସବିହାରୀ ବୋଷ ଜାପାନୀ ନୌକାରେ ବସି ଭାରତ ଛାଡିଥିଲେ ।

୧୯୬୫ - ଇଜରାଇଲ୍ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ରାଜନୈତିକ ସମ୍ବନ୍ଧ ଆରମ୍ଭ କରିବା ପାଇଁ ପତ୍ରର ଆଦାନ ପ୍ରଦାନ କରାଯାଇଥିଲା ।

୧୯୯୩ - ହିନ୍ଦୀର ପରିଚିତ କବି ରାମଶେର ବାହାଦୂର ସିଂଙ୍କର ନିଧନ ।

୨୦୦୮ - ଚୀନର ସିଚୁଆନ୍‌ରେ ଭୂକମ୍ପ ଫଳରେ ୮୭ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା ।

୨୦୧୦ - ଲିବିୟାର ତ୍ରିପୋଲୀ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର ନିକଟରେ ଆଫ୍ରିକୀୟ ଏୟାରୱେଜ୍‌ର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦୩ ଲୋକଙ୍କର ମୃତ୍ୟୁ ।



ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତ୍ରୀ ଯାସମିନ ଭସିନ ପୁଣିଥରେ ରିଆଲିଟି ଶୋ' 'ଖତରୋଁ କେ ଖିଲାଡି'ର ନୂଆ ସିଜନରେ ନଜର ଆସିବେ ଯାହାକୁ ନେଇ ଖୁବ ଚର୍ଚ୍ଚା ହେଉଛି । ତେବେ ଏହି ଶୋ' ମାଧ୍ୟମରେ ସେ ନିଜର ଭୟକୁ ସାମ୍ନା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଉଥିବା ପ୍ରକାଶ କରିଛନ୍ତି । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ ନିଜ ଜୀବନର ଅଜଣା କଥା ସମ୍ପର୍କରେ ଆଲୋଚନା କରିଛନ୍ତି । ଯେଉଁଥିରେ ସେ ପ୍ରକାଶ କରିଛନ୍ତି କି ସେ ଏକ ଅତ୍ୟଧିକ ସୁରକ୍ଷିତ ପରିବେଶରେ ପାଳିତ ହୋଇଥିବାରୁ, ଏକାକୀ ରାସ୍ତା ପାର ହେବାକୁ ମଧ୍ୟ ଭୟ କରୁଥିଲେ । ମାତ୍ର ଏହି ଶୋ' ତାଙ୍କୁ ଜଣେ ମାନସିକ ସ୍ତରରେ ଦୃଢ଼ ବ୍ୟକ୍ତିତ୍ୱ ଭାବେ ଗଢ଼ିତୋଳିଛି । ଉଚ୍ଚତା ଏବଂ ପାଣି ଭିତରେ ବିନା ଅକ୍ସିଜେନରେ ରହିବା ଭଳି ପୁରୁଣା ଭୟ ଏବେ ବି ତାଙ୍କ ମନରେ ରହିଛି । ସେ ନିଜର ପ୍ରକୃତ ସ୍ୱଭାବ ବା 'ଅନଫିଲ୍ଟର୍ଡ' ଅନ୍ଦାଜରେ ସମସ୍ତ ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ସିଜନରେ ଅନେକ ଅଭିଜ୍ଞ ଖେଳାଳିଙ୍କ ସହ କଡ଼ା ପ୍ରତିଯୋଗିତା ହେବାକୁ ଥିବାବେଳେ, ଜାସମିନ ହସଖୁସି ଏବଂ ସାହସର ସହିତ ପ୍ରତିଟି ଷ୍ଟଣ୍ଟକୁ ପୂରଣ କରିବାକୁ ଆଶାବାଦୀ ଅଛନ୍ତି ।

# ପୁଣି ଷ୍ଟଣ୍ଟ କରିବେ ଯାସମିନ



**ମେଷ:** ଖୁସିଖବର, ବ୍ୟବସାୟରେ ସ୍ୱଳ୍ପଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳ, ଦ୍ରବ୍ୟଲାଭ, ପାରିବାରିକ ଖୁସି, ଦାମ୍ପତ୍ୟ କଳହ, ବ୍ୟକ୍ତି ସହାୟତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ନୂତନ ଆୟ, ବିଶିଷ୍ଟ କାର୍ଯ୍ୟରେ ଅନୁତାପ, ବ୍ୟବସାୟିକ ଖୁସି, ସମ୍ପତ୍ତିଲାଭ, ଉତ୍ସବ ପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଅର୍ଥଲାଭ, ଯାତ୍ରାରେ ସାବଧାନ, ନୂତନ ବନ୍ଧୁଲାଭ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ମିଥୁନ:** ଶତ୍ରୁସମସ୍ୟା, ଅଯଥାକଷ୍ଟ, ବ୍ୟକ୍ତିସହାୟତା, ଦୂରଯାତ୍ରା ସଫଳ, ମାଲିମୋକଦ୍ଦମା, ନୂତନ ସମସ୍ୟା, ବ୍ୟବସାୟିକ କଷ୍ଟ, କ୍ରୟ ବିକ୍ରୟ, କର୍ମକ୍ଷେତ୍ରେ ଅଶାନ୍ତି, ଆର୍ଥିକ ଚିନ୍ତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ଅତିଥିସତ୍କାର, ସମ୍ମାନପ୍ରାପ୍ତି, ଦୂରଯାତ୍ରା, ବନ୍ଧୁଲାଭ, ମୋକଦ୍ଦମାରେ ବିଜୟ, ବ୍ୟବସାୟରେ ସ୍ୱଳ୍ପଲାଭ, ସମ୍ପତ୍ତି ମାମଲା, ସନ୍ତାନଖୁସି, ବିଦ୍ୟାରେ ସଫଳ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ଗଣେଶ ଭଗବାନ ।

**ସିଂହ:** ବନ୍ଧୁସାହାଯ୍ୟ, ଶରୀର ସୁସ୍ଥ, ଲୋକସମ୍ପର୍କରେ ଉନ୍ନତି, ଆର୍ଥିକଲାଭ, ନୂତନ ଖବର, ପାରିବାରିକ ଖୁସି, ଦୂରଯାତ୍ରାରେ ସତର୍କ, ପୁରାତନ ମାମଲାରେ କଷ୍ଟ, ବିଦ୍ୟାରେ ସଫଳତା, ଦାମ୍ପତ୍ୟ କଳହ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ଆୟବୃଦ୍ଧି, ଶୁଭଖବର, ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଦ୍ରବ୍ୟପ୍ରାପ୍ତି, ଶରୀର ସୁସ୍ଥ, ସମ୍ମାନଲାଭ, ସମ୍ପତ୍ତିଲାଭ, ଅନୁଷ୍ଠାନରୁ ଲାଭ, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳ, ଦାମ୍ପତ୍ୟ ଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ନାରାୟଣ ।

**ତୁଳା:** ଶାନ୍ତିପ୍ରଦ, ସୁସମାଚାର, ସନ୍ତାନଖୁସି, ବନ୍ଧୁସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ଅନୁଷ୍ଠାନରୁ ଖୁସି, ବ୍ୟବସାୟରେ ସ୍ୱଳ୍ପଲାଭ, କିଛି ମାମଲାରେ ପଡ଼ିବେ, କର୍ମକ୍ଷେତ୍ରେ ବହୁପରିଶ୍ରମ, ଆଶାରେ କଷ୍ଟ, ବିଦ୍ୟାରେ ଅସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**ବିଛା:** କାର୍ଯରେ ବିଳମ୍ବ, ଉଚ୍ଚଆଶାରେ ବିଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, କର୍ମେ ଆନନ୍ଦ, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ଅର୍ଥଲାଭ, ବିଦ୍ୟାରେ ସଫଳତା, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** ବନ୍ଧୁପ୍ରାପ୍ତି, କାର୍ଯ୍ୟରେ ଅଗ୍ରଗତି, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ଆର୍ଥିକଲାଭ, ସମ୍ପତ୍ତିଲାଭ, ବିବାଦ ସମାଧାନ, ସମ୍ମାନଲାଭ, ନୂତନ କର୍ମ ଆରମ୍ଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ଆୟବୃଦ୍ଧି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଗୃହେ ଯାତ୍ରା, ଦାମ୍ପତ୍ୟ ସୁଖ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପରିବହନ କ୍ଷେତ୍ରେ ସଫଳ, ବିଦ୍ୟାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ସନ୍ତୋଷୀ ।

**କୁମ୍ଭ:** ଆର୍ଥିକକ୍ଷେତ୍ରେ ବିପଦ, ମୋକଦ୍ଦମାଭୟ, ବିଶଷ୍ଟ କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ସମ୍ମାନଲାଭ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ବିବାଦ ସମାଧାନ, ନୂତନ ବନ୍ଧୁଲାଭ, ଦୂରଯାତ୍ରା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୫, ଆରାଧନା-ଶଙ୍କର ଭଗବାନ ।

**ମୀନ:** କର୍ମେ ବାଧା, ଶତ୍ରୁସମସ୍ୟା, ଯାତ୍ରାରେ ସତର୍କ, ଗୃହେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ଅସୁସ୍ଥ, ମାନସିକ ଅଶାନ୍ତି, ସନ୍ତାନ ସମସ୍ୟା, ଭ୍ରାତୃ କଳହ, ଦେବଭକ୍ତି, ଦାମ୍ପତ୍ୟ ସୁଖ, ବିଶିଷ୍ଟ ବ୍ୟକ୍ତି ସହାୟତା ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ, ଦଶମୀ**
**୧୨.୫.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଲିଙ୍ଗରାଜ ମନ୍ଦିରଠାରେ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ଆରମ୍ଭ

ପୁରୀ, (ସବ୍ୟୁ): ସୋମବାର ଦିନ ପୁଣି ଥରେ ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ଅଳଙ୍କାର ଗଣତି ପ୍ରକ୍ରିୟା । ଆଜି ଚଳନ୍ତି ରତ୍ନ ଭଣ୍ଡାରର ଗଣତି କାର୍ଯ୍ୟ ଆରମ୍ଭ ହୋଇଛି। ଜାନୀ ଯାତ୍ରା ଓ ନିତ୍ୟ ବ୍ୟବହୃତ ଅଳଙ୍କାର ଗୁଡିକର ହୋଇଛି ଓଜନ ଓ ଗଣତି। ପୂର୍ବ ସ୍ଥିରୀକୃତ ମାହେନ୍ଦ୍ର ବେଳା ଠିକ୍ ୧୨ ଟା ୯ ମିନିଟରେ ଭଣ୍ଡାର ଖୋଲି ଭିତରକୁ ଯାଇଥିଲେ ପ୍ରଶାସନିକ ଟିମ୍ । ପ୍ରାୟ ୫ ଘଣ୍ଟାର ଗଣତି ପ୍ରକ୍ରିୟା ପରେ ପ୍ରଥମ ଦିନର ଗଣତି କାର୍ଯ୍ୟ ଶେଷ ହୋଇଛି । ଭକ୍ତଙ୍କ ଆବେଗ ଓ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ମଧ୍ୟରେ ରତ୍ନ ଅଳଙ୍କାର ମେଳକ ଆରମ୍ଭ ହୋଇଛି ପ୍ରକ୍ରିୟା ।ଐତିହାସିକ ମୁହୂର୍ତ୍ତ ରେ ସିଂହଦ୍ୱାରରେ ସାଷ୍ଟାଙ୍ଗ ପ୍ରଣିପାତ କରି ଭିତରକୁ ଯାଇଥିଲେ ଟିମ୍ ।

ପାରମ୍ପରିକ ପୋଷାକ ପରିଧାନ କରି ସକାଳ ୧୧ ଟା ୧୭ ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ରତ୍ନଭଣ୍ଡାର ଗଣତି ମଣତି ପାଇଁ ଅଧିକୃତ ସଦସ୍ୟମାନେ । ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ପତିତପାବନଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରି ଶ୍ରୀମନ୍ଦିର ଭିତରକୁ ଯାଇଥିଲା ଟିମ୍ ।ଠିକ୍ ଶୁଭ ବେଳା ମଧ୍ୟାହ୍ନ ୧୨ ଟ ୯ ମିନିଟରେ ଆରମ୍ଭ ହୋଇଥିଲା ରତ୍ନଭଣ୍ଡାର ଗଣତି ମଣତି। ଶ୍ରୀମନ୍ଦିର ରତ୍ନ ଭଣ୍ଡାର , ଦୁର୍ମୁଲ୍ୟ ରତ୍ନର ହୋଇଛି ମେଳକ ।ସୁନା,ରୂପା ଓ ରତ୍ନକୁ ୩ ଭାଗରେ ପୃଥକ କରାଯାଇ ହୋଇଥିଲା ଗଣତି ମଣତି କାର୍ଯ୍ୟ ।ଗଣତି ମଣତି ପାଇଁ ସୁପରଭାଇଜିଂ ଟିମ୍ ଓ ହ୍ୟାଣ୍ଡଲିଙ୍ଗ ଟିମ୍ ଗଠିତ ହୋଇଥିଲା ।ହ୍ୟାଣ୍ଡଲିଙ୍ଗ ଟିମ୍ର ସଦସ୍ୟ ଭଣ୍ଡାର ମେକାପ,ବଣିଆ ଓ ଜେମୋଲୋଜିଷ୍ଟ ଚଳନ୍ତି ଭଣ୍ଡାରରେ କରିଥିଲେ ଗଣତି ମଣତି,ମେଳକ । କସଟି ପଥର ,ରତ୍ନ ଚିହ୍ନିବା ପାଇଁ ଲେନ୍ସ ,ଓ ଅଳଙ୍କାର ଓଜନ ମେସିନ୍ ସହ ଭିତରକୁ ଯାଇଥିଲେ ଶ୍ରୀମନ୍ଦିର ବଣିଆ। ଫ୍ରିସ୍କିଂ ବା ଯାଞ୍ଚ୍ କରି ଭିତରକୁ ସମସ୍ତ ଅଧିକୃତ ସଦସ୍ୟଙ୍କୁ ଛଡା ଯାଇଥିଲା ।ମାଳି,ମୁଦି ଓ ଅନ୍ୟ କୌଣସି ବି ମେଟାଲ୍ସ ସାଙ୍ଗରେ ନନେବାକୁ ସ୍ୱାକ୍ଷର କରିବା ସହ ଗୋପନୀୟତା ରଖିବାକୁ ଟିମ୍ ସଦସ୍ୟ ମାନେ ଶପଥ ନେଇଥିଲେ ।

ଫଟୋଗ୍ରାଫି ,ଭିଡ଼ିଓଗ୍ରାଫି ଓ ଥ୍ରୀ ଡି ମ୍ୟାପିଙ୍ଗ ସହ ଅତ୍ୟନ୍ତ ସ୍ୱଚ୍ଛତା ଓ କଡା ସୁରକ୍ଷା ମଧ୍ୟରେ ହୋଇଥିଲା ରତ୍ନଭଣ୍ଡାର ଗଣତି ମଣତି ।ଚଳନ୍ତି ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ସୁନାବେଶ ରେ ବ୍ୟବହୃତ ଶ୍ରୀଭୁଜ,ଶ୍ରୀପୟର,କିରୀଟ,ଆଡକାନି , ଘାଗଡ଼ା ମାଳି,ହରିଡ଼ା ମାଳି ଇତ୍ୟାଦିର ହୋଇଛି ଗଣତି ମଣତି ।ରତ୍ନ ଗଣତି ସମୟରେ ଭିତର କାଠ ଦର୍ଶନ ବନ୍ଦ୍ ରହିଥିଲା ।ବାହାର କାଠରୁ ଭକ୍ତ କରିଥିଲେ ଦର୍ଶନ । ପାରମ୍ପରିକ ବେଶ ପରିଧାନ କରି ଭିତରକୁ ଯାଇଥିଲେ ଅଧିକୃତ ଟିମ୍ ।ସ୍ୱଚ୍ଛତା,ସୁରକ୍ଷା ଓ ଡିଜିଟାଲ ରେକର୍ଡ କୁ ଦିଆଯାଇଥିଲା ଫୋକସ ।ପ୍ରଥମ ଦିନରେ ଚଳନ୍ତି ଭଣ୍ଡାର ଗଣତି କାର୍ଯ୍ୟ ହୋଇଥିବା ବେଳେ ଚଳନ୍ତି ଭଣ୍ଡାରରେ ୨୯ ୯ ଭରିର ୮ ପ୍ରକାର ର ସୁନା, ୨୬୦୦ ଭରିର ୨୩ ପ୍ରକାରର ରୂପା ଅଳଙ୍କାର ରହିଛି । ଏସଓପି ଅନୁଯାୟୀ ସରକାରୀ ବ୍ୟାଙ୍କର ବଣିଆ,ରତ୍ନ ବିଶାରଦ ଓ ଆରବିଆଇ ଅଧିକାରୀ ରହିଥିଲେ । ମାଇନସ ଆଣ୍ଡ ଜିଓ ଲୋଜିଷ୍ଟ ର ୩ ଅଧିକାରୀ ଓ ଓଜନ ମାପ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।ତିନିଟି ଟେବୁଲ୍ ଉପରେ ଅଲଗା ଅଲଗା ରତ୍ନ ରଖାଯାଇ ଗଣତି କରାଯାଇଥିଲା ।ସୁନା,ରୂପା ଓ ରତ୍ନ କୁ ହଳଦିଆ,ଧଳା ଓ ନାଲି ଭେଲଭେଟ କପଡ଼ାରେ ରଖାଯାଇ ମଣତି ହୋଇଥିଲା ।ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ପ୍ରକ୍ରିୟା ସରିବା ପରେ ପୁନଶ୍ଚ ବନ୍ଦ୍ କରି ତାଲା ପକାଯାଇଥିଲା ।

## ବରଗଡ଼ ଜିଲ୍ଲାରେ ରବି ଧାନ କିଣା ଆରମ୍ଭ

# ୧୫ରେ ବାଲେଶ୍ୱର, କଟକ, ପୁରୀ, ସମ୍ବଲପୁରରେ ଧାନକିଣା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି(ସୋମବାର) ଠାରୁ ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି । ବରଗଡ଼ରେ ସରକାରୀସ୍ତରରେ ଧାନ ବିକ୍ରୟ ପାଇଁ ପ୍ରାୟ ୧ ଲକ୍ଷ ୫ ହଜାର ଚାଷୀ ପଞ୍ଜିକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ ହଜାର ୩୭୭ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ସେହିପରି ଆସନ୍ତା ୧୫ ତାରିଖରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନ ସଂଗ୍ରହ କରାଯିବ । ଚଳିତ ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ୩୮, ୧୧୩ ଚାଷୀ ପଞ୍ଜିକରଣ କରିଥିବା ବେଳେ କଟକ ଜିଲ୍ଲାରେ ୩୫୧୮ ଜଣ, ପୁରୀରେ ୨୨,୨୩୬ ଜଣ ଓ ସମ୍ବଲପୁର ଜିଲ୍ଲାରେ ୧୯,୧୧୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ଏହି ସବୁ ଜିଲ୍ଲାର ଚାଷୀ ମାନଙ୍କୁ ଯାଞ୍ଚ ପ୍ରକ୍ରିୟା ପରେ ଆଜି ଟୋକନ ପ୍ରଦାନ କରାଯିବ । ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକୀୟ ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତ କରାଯାଇଛି ।

ସବୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରି ଯେପରି ଏକ ଭଲ ଅନୁଭୂତି ନେଇଫେରିବେ, ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ସେଡ୍, ପାନୀୟ ଜଳ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ବେଳେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସିସିଟିଭିର ବ୍ୟବସ୍ଥା କରାଯାଇଛି । ସେହିଭଳି ଅଦିନିଆ ବର୍ଷା ଓ ଖରାକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଲିଥିନର ବ୍ୟବସ୍ଥା କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଯେପରି ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ନପଡ଼ନ୍ତି, ସେଥିପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ରଖାଯାଉଛି । ଧାନକିଣା ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ସେହିଭଳି ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟଏବଂ ଇନପୁଟ ସବସିଡ଼ି ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ।

## ଚୌଦ୍ୱାର ମଣ୍ଡଳ ବିଜେପିର ଜନ ଆକ୍ରୋଶ ମହିଳା ପଦଯାତ୍ରା

ଚୌଦ୍ୱାର,(ସ.ବ୍ୟୁ): ଭାଜପା ସରକାର ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବାପାଇଁ ପାର୍ଲାମେଣ୍ଟରେ ଏକ ବିଲ ଆଣିଥିବା ବେଳେ ଏହାକୁ ବିରୋଧି ଦଳ ଇଣ୍ଡିମେଣ୍ଟ ଘୋର ବିରୋଧ କରିବା ଦ୍ୱାରା ବିଲ ପାସ୍ ନ ହୋଇପାରିବା ଯୋଗୁଁ ମହିଳାମାନେ ତାଙ୍କର ଅଧିକାରରୁ ବଂଚିତ ହୋଇଥିବା ଯୋଗୁଁ ଏହାର ପ୍ରତିବାଦରେ ଚୌଦ୍ୱାର ମଣ୍ଡଳ ବିଜେପି ପକ୍ଷରୁ ଜନ ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ମମତା ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ପଦଯାତ୍ରାରେ ବାହାରି ଚୌଦ୍ୱାର ମ୍ୟୁନିସିପାଲ ହାଇସ୍କୁଲରୁ ବାହାରି ଗାନ୍ଧିଛକ ଠାରେ ପହଞ୍ଚିଥିଲା।

## ପାରାଦୀପ ବନ୍ଦରର 'ଏମ୍‌ଟି ୟୁନିଟି'ନାମକ ବିଦେଶୀ ଜାହାଜକୁ ଗିରଫ କର : ହାଇକୋର୍ଟ

କଟକ,(ସବ୍ୟୁ): ପାରାଦୀପ ବନ୍ଦରରେ ଥିବା 'ଏମଟି ୟୁନିଟି' ନାମକ ବିଦେଶୀ ଜାହାଜକୁ ଗିରଫ କରିବାକୁ ହାଇକୋର୍ଟ ଆଜି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ବଙ୍କର ତେଲ ଯୋଗାଣ ବାବଦରେ ୪ କୋଟିରୁ ଅଧିକ ଟଙ୍କା ବକେୟା ଥିବା ଅଭିଯୋଗକୁ ନେଇ ଦାଖଲ ହୋଇଥିବା ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦କୁ ଧାର୍ଯ୍ୟ କରାଯାଇଛି। ଟ୍ରେଷ୍ଟା ଇଣ୍ଟରନ୍ୟାସନାଲ ଏଫ୍ରେଜଡ୍‌ଇ ପକ୍ଷରୁ ଅଭିଯୋଗ ଅନୁସାରେ 'ଏମଟି ୟୁନିଟି' ଜାହାଜକୁ ଗତ ଜାନୁଆରୀ ୨୦ରେ ତେଲ ଯୋଗାଣ କରାଯାଇଥିଲା। ଏଥିପାଇଁ ୩୦ ଦିନ ମଧ୍ୟରେ ଅର୍ଥ ପ୍ରଦାନର ସର୍ତ୍ତ ଥିଲେ ମଧ୍ୟ ସମ୍ପୂର୍ଣ୍ଣ ଟଙ୍କା ଏହି ଜାହାଜ ମାଲିକଙ୍କ ପକ୍ଷରୁ ଦିଆଯାଇ ନାହିଁ । କିଛି ଅର୍ଥ ପ୍ରଦାନ କରାଯାଇଥିଲେ ମଧ୍ୟ ପ୍ରାୟ ୪ କୋଟି ଟଙ୍କା ବକେୟା ରହିଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନକାରୀ ସଂସ୍ଥା ପକ୍ଷରୁ ଦାଖଲ ତଥ୍ୟ ଓ ଯୁକ୍ତିକୁ ବିଚାର କରି ହାଇକୋର୍ଟ ଜାହାଜ ମାଲିକଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଜାହାଜକୁ ଗିରଫ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ନକଲି ପୋଲିସ ଗିରଫ, ଗାଡ଼ି

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ନକଲି ପୋଲିସକୁ ଗିରଫ କରିବା ସହ ପୋଲିସ ଲୋଗୋ ଲାଗିଥିବା ଗାଡିକୁ ଜବତ କରିଛି । ଗିରଫ ନକଲି ପୋଲିସ ଆଦିତ୍ୟ ସେଠୀ (୨୫)କୁ ସୋମବାର କୋର୍ଟଚାଲାଣ କରାଯାଇଛି । ତା'ନିକଟରୁ ଶରତ କୁମାର ସେଠୀ ନାମରେ ଥିବା ନକଲି ଆଇକାର୍ଡ ଜବତ କରାଯାଇଛି । ସେହି ଆଇକାର୍ଡରେ ଓଡ଼ିଶା ଫାୟାର ଇମର୍ଜେନ୍ସି ସର୍ଭିସ୍ ଲେଖା ରହିଥିବା ପୋଲିସ କହିଛି । ଅଭିଯୁକ୍ତ ଆଦିତ୍ୟ ନିଜକୁ ଫାୟାର ଅଫିସର ଶରତ କୁମାର ସେଠୀ ବୋଲି ପରିଚୟ ଦେଉଥିବା ପୋଲିସ ଜାଣିବାକୁ ପାଇଛି ।

ରବିବାର ରାତିରେ ଚନ୍ଦ୍ରଶେଖରପୁର ଥାନାର ଏସ୍‌ଆଇ ମନୋଜ ସେନାପତି ପୋଲିସ କର୍ମଚାରୀଙ୍କ ସହିତ ଥାନା ଅଞ୍ଚଳରେ ରାତ୍ରିପାଟ୍ରୋଲିଂ ଡ୍ୟୁଟି କରୁଥିଲେ । ରାତି ପ୍ରାୟ ଗୋଟାଏ ବେଳେ ପଟିଆ ଗାଁ ନିକଟରେ ଏକ ସନ୍ଦେହଜନକ ଗାଡିକୁ ଦେଖିଥିଲେ । ଯେଉଁଥିରେ ବେଆଇନ ଭାବେ ପୋଲିସ ଲୋଗୋ ବ୍ୟବହାର ହୋଇଥିଲା । ଗାଡିକୁ ଅଟକାଇବା ପରେ ସେଥିରେ ଥିବା ବ୍ୟକ୍ତି ନିଜ ପରିଚୟ ଆଦିତ୍ୟ ସେଠୀ, ଜିଲ୍ଲା ବାଲେଶ୍ୱର ବୋଲି କହିବା ସହ ପଟିଆ କାନନବିହାରରେ ରହୁଥିବା ସୂଚନା ଦେଇଥିଲେ । ଯାଞ୍ଚ ସମୟରେ ପୋଲିସ ବିଭାଗ ସହ ତା'ର କୌଣସି ସମ୍ପର୍କ ଥିବା ପ୍ରମାଣ ଦେଖାଇ ପାରିନଥିଲା । ତଲାସୀ ସମୟରେ ଶରତ କୁମାର ସେଠୀ ନାମରେ ଏକ ଜେଲ୍ ପରିଚୟପତ୍ର ତା'ନିକଟରୁ ମିଳିଥିଲା । ଯେଉଁଥିରେ ଓଡ଼ିଶା ଫାୟାର ଆଣ୍ଡ ଇମର୍ଜେନ୍ସି ସର୍ଭିସ୍‌ର ଫାୟାରମ୍ୟାନ୍ ଭାବେ ଦର୍ଶାଯାଇଥିଲା । ଅଭିଯୁକ୍ତ ବେଆଇନ ଭାବେ ପୋଲିସ ଚିହ୍ନ ଏବଂ ଜାଲ୍ ପରିଚୟପତ୍ର ବ୍ୟବହାର କରି ନିଜକୁ ପୋଲିସ ଅଫିସର ପରିଚୟ ଦେଇ ସାଧାରଣ ଲୋକଙ୍କୁ ପ୍ରତାରଣା କରିବା ଉଦ୍ଦେଶ୍ୟ ରଖିଥିଲା ବୋଲି ପୋଲିସ କହିଛି । ତା'ନିକଟରୁ ନକଲି ପରିଚୟପତ୍ର ଓ ସେ ବ୍ୟବହାର କରୁଥିବା ଗାଡି ଜବତ କରାଯାଇଛି । ସୋମବାର ଆଦିତ୍ୟକୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ମାମଲା : ଟ୍ରକ୍ ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଫାୟାର ଷ୍ଟେସନ ପାଖ ଜାତୀୟ ରାଜପଥ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟି ତିନିଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ଯୁବତୀ ଥିଲେ । ସେହି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ସମ୍ପତ୍ତି ସାହୁ (୪୦)କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଟ୍ରକ୍ ଜବତ ହୋଇଥିବା ପୋଲିସ କହିଛି । ଶନିବାର ଦିନ ସନ୍ଧ୍ୟାବେଳେ ମୃତ ସିଦ୍ଧାର୍ଥ ରଥ ତାଙ୍କ ସହଯୋଗୀ ମୃତ ଶ୍ୱାସତ୍ୱ ସୁନ୍ଦରାୟଙ୍କୁ ପଛରେ ବସାଇ ବାଇକ୍‌ରେ ଫାୟାରଷ୍ଟେସନ ପଟୁ ବରମୁଣ୍ଡା ଆଡକୁ ଯାଉଥିଲେ । ସେହି ସମୟରେ ଏକ କୋଇଲା ବୋଝେଇ ଟ୍ରକ୍‌କୁ ସମ୍ପତ୍ତି ସାହୁ ବେପରୁଆ ଭାବେ ଅସାବଧାନତାର ଚଳାଇ ତାଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ଉଭୟ ବାଇକ୍ ଆରୋହୀ ରାସ୍ତାରେ ପଡିଯାଇଥିଲେ । ପରବର୍ତ୍ତୀ ସମୟରେ ସେହି ଟ୍ରକ୍ ବର୍ଷାରାଣୀ ବେହେରା ଚଳାଉଥିବା ସ୍କୁଟିକୁ ମଧ୍ୟ ଧକ୍କା ଦେଇଥିଲେ । ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

10001/141/2627




## ଅଂଶୁଘାତ ସତର୍କତା



### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR: 10001/10003/2/26-27/0016

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

## ସୌମ୍ୟ ମୃତ୍ୟୁ ମାମଲା

# ମଉଜପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା, ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର/କଣ୍ଟାପଡା, (ସବ୍ୟୁ) : ବାଲିଅନ୍ତା ଥାନା ଅଞ୍ଚଳରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ମାମଲାରେ ତାଙ୍କ ନିଜ ଗାଁ ମଉଜପୁରରେ ସୋମବାର କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା । ସୌମ୍ୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିବା ବେଳେ ତାଙ୍କ ମା' ଅଭିଯୁକ୍ତଙ୍କ ଫାଶୀ ଦାବି କରିଛନ୍ତି । ପୋଲିସ ୧୧ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତକୁ ସୋମବାର ଗିରଫ କରାଯାଇଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତର ନାଁ ବଣ୍ଟି ବୋଲି ପୋଲିସ କହିଛି । ଗିରଫ ଅଭିଯୁକ୍ତକୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍‌କୁ ହସ୍ତାନ୍ତର କରାଯାଇଛି ।




କ୍ୟାଣ୍ଡେଲ ଶୋଭାଯାତ୍ରା ମଉଜପୁର ଗାଁରୁ ବାହାରି ଅଡଶପୁର ପର୍ଯ୍ୟନ୍ତ ଯାଇଥିଲା । ସେଠାରୁ ସୌମ୍ୟଙ୍କ ଜିମ୍ ପାଖକୁ ଯାଇଥିବା ଖବର ମିଳିଛି । କ୍ୟାଣ୍ଡେଲ ଶୋଭାଯାତ୍ରାରେ ହଜାରେରୁ ଉର୍ଦ୍ଧ୍ୱର୍ ବିଭିନ୍ନ ବର୍ଗର ମହିଳା, ପୁରୁଷ ଓ ଯୁବକମାନେ ଯୋଗ ଦେଇଥିଲେ । ଶୋଭାଯାତ୍ରାରେ ସୌମ୍ୟଙ୍କୁ ନେଇ ବିଭିନ୍ନ ନାରାବାଜି କରାଯିବା ସହ ସେମାନେ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି । ଶୋଭାଯାତ୍ରାକାରୀମାନେ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରିଛନ୍ତି । ଅନ୍ୟ ପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ଡିଜିଙ୍କ କହିବାନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅଭିଯୁକ୍ତଙ୍କ ବିରୋଧରେ କାହିଁକି ଭିଡହିଂସା ଦଫା ଲାଗୁ କରାଗଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତଦନ୍ତ ଆଗକୁ ବଢିଲେ ଅଭିଯୁକ୍ତଙ୍କ ବିରୋଧରେ ଭିଡହିଂସା ଦଫା ଲାଗୁ କରାଯାଇ ପାରେ ବୋଲି କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍‌ର ଜଣେ ଅଫିସର କହିଛନ୍ତି । ସେହିପରି ପୀଡିତାଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ ପଛର ସତ୍ୟତା କ'ଣ ରହିଛି ବୋଲି ଚର୍ଚ୍ଚା ହେଉଛି । ସେମାନେ କାହାଦ୍ୱାରା ପ୍ରଭାବିତ ହୋଇ ଏପରି ଅଭିଯୋଗ କରିଥାଇପାରନ୍ତି ବୋଲି କୁହାଯାଉଛି । ସୌମ୍ୟଙ୍କ ସହ ବାଇକ୍‌ରେ ଥିବା ଓମ୍‌ଙ୍କ କହିବାନୁଯାୟୀ ବଳାତ୍କାର ଉଦ୍ୟମ କଥା ସମ୍ପୂର୍ଣ୍ଣ ମିଛ ।ଅସଦାଚରଣ କଥାକୁ ମଧ୍ୟ ସେ ଅସ୍ୱୀକାର କରିଛନ୍ତି । ପୋଲିସ ତଦନ୍ତ ଜାରି ରହିଥିବା ବେଳେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ମଧ୍ୟ ଆଗକୁ ବଢୁଛି । ତଦନ୍ତ ଶେଷ ହେବା ପରେ କେତେ ଗିରଫ ହେଉଛନ୍ତି ଓ ଅଦାଲତରେ ସେମାନଙ୍କୁ କ'ଣ ଦଣ୍ଡ ମିଳୁଛି ତାହା ସମୟ କ୍ରମେ ଜଣାପଡିବ । ହେଲେ ସୌମ୍ୟଙ୍କ ମା' ଦାବି କରିଛନ୍ତି, ଅଭିଯୁକ୍ତଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଯାଉ ।



ଗୁଲମାର୍ଗ ଠାରେ ଓମର ଅବଦୁଲ୍ଲାଙ୍କ ଦ୍ୱାରା ଆୟୋଜିତ ରାତ୍ରଭୋଜନରେ ଅର୍ଥ ବିଭାଗୀୟ ସଂସଦୀୟ କମିଟି ଚେୟାରମ୍ୟାନ ଭର୍ତ୍ତୃହରି ମହତାବ

## ଅଟୋମିକ ଏନର୍ଜି କମିଶନ୍ ର ପୂର୍ବତନ ଅଧକ୍ଷଙ୍କ ନାଇଜର ଆଗମନ

ଜଟଣୀ, (ସବ୍ୟୁ): ପୂର୍ବତନ ଅଧକ୍ଷ, ଅଟୋମିକ ଏନର୍ଜି କମିଶନ୍ ଏବଂ ସଚିବ, ଡିପାର୍ଟମେଣ୍ଟ ଅଫ୍ ଆଟମିକ ଏନର୍ଜି, ଏବଂ ପୂର୍ବତନ ଅଧକ୍ଷ, ବୋର୍ଡ ଅଫ୍ ଗଭର୍ନର୍ସ ନ୍ୟାସନାଲ ଟେକ୍ନୋଲୋଜି ଡେ ଅବସରରେ ନାଇଜରକୁ ଆଗମନ କରିଥିଲେ। "ଭାରତର ପରମାଣୁ ଉର୍ଜା କାର୍ଯ୍ୟକ୍ରମ ଏକ ଦୃଷ୍ଟିକୋଣ" ବିଷୟରେ ସେ ତାଙ୍କ ବ୍ୟାଖ୍ୟାନରେ ଭାରତର ପରମାଣୁ ଉର୍ଜା ଖାତିର ଉନ୍ନତି, ସଫଳତା ଏବଂ ଭବିଷ୍ୟତ ଦିଗନିର୍ଦ୍ଦେଶ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଏହାର ସସ୍ତାୟୀ ଉନ୍ନୟନ ଓ ଆତ୍ମନିର୍ଭରତାରେ ଭୂମିକାକୁ ଉଦ୍ଧାର କରିଥିଲେ। ତାଙ୍କ ଉଦବୋଧନରେ ଓ୍ୱାସ ରେଡିଓଆଇସୋଟୋପ୍ର ବ୍ୟାପକ ସାମାଜିକ ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ, ଯାହା ମଧ୍ୟରେ ଉଚ୍ଚ ଉତ୍ପାଦନକ୍ଷମତା ସହ ଉନ୍ନତ ଚାଷବାସ ଜାତିର ବିକାଶ, ଖାଦ୍ୟ ସଂରକ୍ଷଣ ପ୍ରଣାଳୀ, ତଥା ଅବଶିଷ୍ଟ ପରିଚାଳନା ଓ ସ୍ଲଜ୍ ହାଇଜିନାଇଜେସନ୍‌ରେ ତାହାର ବ୍ୟବହାର ସାମିଲ ଅଟେ।

## ଆଇଆଇଟି ବମ୍ବେରେ ଦେଶର ପ୍ରଥମ

# କାର୍ବନ କ୍ୟାପ୍‌ଚର ଲ୍ୟାବ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାରତର ପ୍ରଥମ 'ଇଣ୍ଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଞ୍ଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ୨୦୪୭



ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬' କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି । ଆର୍ଥିକ ପ୍ରଗତି ସହ ସାମାଜିକ ସଚେତନତା ଓ ମାନବୀୟ ସମ୍ବେଦନଶୀଳତା ହିଁ ପ୍ରକୃତ ବିକାଶର ମାପକାଠି । ଟିସ ଭଳି ଅନୁଷ୍ଠାନ ଏହି କ୍ଷେତ୍ରରେ ଏକ ସେତୁ ଭାବେ କାର୍ଯ୍ୟ କରୁଛି । ଶେଷରେ ଶ୍ରୀ ପ୍ରଧାନ ସମସ୍ତ ଅଂଶଗ୍ରହଣକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଫଳ ବିଚାର ବିମର୍ଶ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ଦ୍ୱିତୀୟ ବାର୍ଷିକ ଅଧିକ୍ଷଣ ଯନ୍ତ୍ରୀ, ଡିଭିଜନାଲ ଲେଖା ଅଧିକାରୀ ସମ୍ମିଳନୀ

# ଓଡ଼ିଶାର ଡବ୍ଲ୍ୟୁଏଏମ୍‌ଆଇଏସ୍ ପ୍ରଣାଳୀର ପ୍ରଶଂସା

ଭୁବନେଶ୍ୱର(ସବ୍ୟୁ): ଓଡିଶା ଲୋକସେବା ଭବନ ସମ୍ମିଳନୀ ଗୃହରେ ଦ୍ୱିତୀୟ ବାର୍ଷିକ ଅଧିକ୍ଷଣ ଯନ୍ତ୍ରୀ ଓ ଡିଭିଜିନାଲ ଏକାଉଟାଣ୍ଟ ସମ୍ମିଳନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଅଧିବେଶନରେ ଭାରତର



ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ କେ.ସଞ୍ଜୟ ମୂର୍ତ୍ତି, ଉପମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ମାନବ ସମ୍ପଦ) କେ.ଏସ ସୁବ୍ରମନିୟନ ଭର୍ଚୁଆଲରେ ଉପସ୍ଥିତ ଥିବା ବେଳେ ଉପମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ପୂର୍ବାଞ୍ଚଳ) କୀର୍ତ୍ତି ତିୱାରୀ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରଧାନ ମହାଲେଖାକାର ଡି. ସାହୁ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର-ତଥା ଶାସନ ସଚିବୟାମିନୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ ) ଡ଼. ସାହୁ ସ୍ୱାଗତ ଜଣାଇବା ଅବସରରେ ଓଡିଶା ଏଜି ଉନ୍ନତ ଜ୍ଞାନ କୌଶଳ ଉପଯୋଗ କରି ଉନ୍ନତମାନର ସେବା ପ୍ରଦାନ କରିବା କ୍ଷେତ୍ରରେ ଦେଶରେ ପ୍ରମୁଖ ସ୍ଥାନ ହାସଲ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶାର ଡବ୍ଲ୍ୟୁଏଏମ୍‌ଆଇଏସ ପ୍ରଣାଳୀର ପ୍ରଶଂସା କରି ଏହାକୁ ଅନ୍ୟ ରାଜ୍ୟ ପାଇଁ ଏକ ମଡେଲ୍ ବୋଲି ଉଲ୍ଲେଖ କରିଥିଲେ । ଗ୍ରାମ ଉନ୍ନୟନ ବିଭାଗର ଶାସନ ସଚିବୟାମିନୀ ଷଡ଼ଙ୍ଗୀ ଡବ୍ଲ୍ୟୁଏଏମ୍‌ଆଇଏସର ସଫଳ କାର୍ଯ୍ୟାନ୍ୱୟନ, ଆଇଏଫ୍‌ଏମ୍‌ଏସ୍, ଜିଇପିଏନଆଇସି, ସିଡିଏମଏସ ଓ ଜିଆଇଏସ୍ ସହ ଏହାର ସମନ୍ୱୟ ଏବଂ ରିଅଲ୍ ଟାଇମ୍ ପ୍ରକଳ୍ପ ନିରୀକ୍ଷଣ ବିଷୟରେ ଆଲୋଚନା କରିଥିଲେ । ଉପମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ ଓଡ଼ିଶାକୁ ଡିଜିଟାଲ୍ ଶାସନ ବ୍ୟବସ୍ଥାରେ ଅଗ୍ରଣୀ ରାଜ୍ୟ ଭାବେ ବର୍ଣ୍ଣନା କରିଥିଲେ । ଉଦଯାପନୀ ସମ୍ଭାଷଣରେ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଡି. ସାହୁ, ଓଡ଼ିଶା ଡବ୍ଲ୍ୟୁଏଏମ୍‌ଆଇଏସ ଉପରେ ସର୍ବଭାରତୀୟ ସମ୍ମିଳନୀ ଆୟୋଜନ ପାଇଁ ଓଡ଼ିଶାର ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ଉପ ମହାଲେଖାକାର ଏନ ବାଲକ୍ରୀଷ୍ଣା ପରିଚାଳନା କରିଥିବା ବେଳେ ବରିଷ୍ଠ ଲେଖା ଅଧିକାରୀ ଆନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।

## କଟକ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଛବି ମଲ୍ଲିକଙ୍କୁ ସମ୍ବର୍ଦ୍ଧନା

କଟକ, (ସବ୍ୟୁ): ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ତରଫରୁ ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବେଲଭ୍ୟୁ ଛକ ଠାରୁ ବାରବାଟି କଟକ ୧୦୦୦ ରୁ ଉର୍ଦ୍ଧ୍ୱ ବାଇକ୍ ରାଲି ବାହାରିଥିଲା । ନବ ନିଯୁକ୍ତ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଛବି ମଲ୍ଲିକ ( ମାନ୍ୟବର ବିଧାୟକ ନିଆଳି) ଙ୍କୁ ବିଜେପି କାର୍ଯ୍ୟକର୍ତ୍ତା ମାନେ ରାଲିରେ ପାଛୋଟି ଆଣିଥିଲେ। ସିଡିଏ କୃଷକ ବଜାର, ଫାଇର ଷ୍ଟେସନ ନିକଟସ୍ଥ ପଡ଼ିଆରେ ଏକ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।ପରେ ଶ୍ରୀ ମଲ୍ଲିକ ଯୋଜନା ବୋର୍ଡ ଅଫିସ ଯାଇଥିଲେ ।ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ପ୍ରକାଶ ସେଠୀ , ଚୌଦ୍ୱାର କଟକ ନେତା ନୟନ କିଶୋର ମହାନ୍ତି, କଟକ ନଗର ପୂର୍ବତନ ସଭାପତି ଲଲାଟେନ୍ଦୁ ବଡୁ , କଟକ ଗ୍ରାମୀଣ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି, ଆଠଗଡ ନେତା ଅଭୟ ବାରିକ, ବାଙ୍କୀ ବିଜେପି ନେତା ତୁଷାରକାନ୍ତ ଚକ୍ରବର୍ତ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ପୂର୍ବତନ ସଦର ସଭାପତି ହୃଷୀକେଶ ଜେନା, ଗୀତା ଦାସ, ରଘୁପତି ମହାନ୍ତି, ବିଜେପି ଜିଲା ପଦାଧିକାରୀ,ମୋର୍ଚ୍ଚା, ମଣ୍ଡଳ ସଭାପତି, ୱାର୍ଡ ସଭାପତି, ୱାର୍ଡ ପ୍ରଭାରୀ ମାନେ ସମ୍ବର୍ଦ୍ଧନା ଜଣାଇଥିଲେ । ଭୁବନେଶ୍ୱରରୁ ଆସିବା ବାଟରେ ମଲା ଚଣ୍ଡୀଆ ଛକ ଠାରୁ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମି ରେଖା ଦାସ ଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ମାନେ ଶ୍ରୀ ମଲ୍ଲିକ ଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

# ଧର୍ମପ୍ରାଣା ମହିଳା ଅନୁପମା ପଣ୍ଡାଙ୍କ ପରଲୋକ

କଟକ, (ସବ୍ୟୁ): ମାର୍ଶାଘାଇ ବ୍ଲକ୍ ପରକୁଳା ଗ୍ରାମର ଧର୍ମପ୍ରାଣା ମହିଳା ଅନୁପମା ପଣ୍ଡା (ମମି)ଙ୍କର ଗତ ୬ ତାରିଖ ବୁଧବାର ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା । ଗତ କିଛି ଦିନ ଧରି ସେ ଅସୁସ୍ଥତା ଯୋଗୁଁ ଚିକିତ୍ସାଧୀନ ଥିଲେ । ତାଙ୍କ ଶେଷ ଶଯ୍ୟା ନିକଟରେ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପଣ୍ଡା, ଦୁଇ ପୁଅ ବିଶ୍ୱରଂଜନ ଓ ସୌମ୍ୟରଂଜନ, ବୋହୂ ଲିପ୍‌ସା ଓ ଶ୍ରୀମା, ପୁତୁରା-ପୁତୁରାବୋହୂ, ନାତିନାତୁଣୀ ଓ ଅନ୍ୟ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ଶ୍ରୀମା'-ଶ୍ରୀଅରବିନ୍ଦଙ୍କ ଅନୁଗାମୀ ଅନୁପମା ପରକୁଳାସ୍ଥିତ ନିଜ ଘରେ ଜଗଦ୍ଧାତ୍ରୀ ପାଠଚକ୍ର ସ୍ଥାପନ କରି ପରିଚାଳନା କରୁଥିଲେ। ଜଣେ ମିଷ୍ଟଭାଷୀ ସ୍ନେହୀ ଆଧ୍ୟାତ୍ମବାଦୀ ମହିଳା ତଥା ସୁଗାୟିକା ଭାବେ ସେ ପରିଚିତ ଥିଲେ । ତାଙ୍କ ଦେହାନ୍ତ ଖବର ପାଇ ମାର୍ଶାଘାଇ, ପାଟକୁରା, କେନ୍ଦ୍ରାପଡ଼ା, ଇନ୍ଦୁପୁର, ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା ପରେ ଚିତ୍ରୋତ୍ପଳା ନଦୀ ତଟରେ ଅନ୍ତିମ ସଂସ୍କାର କରାଯାଇଥିଲା । ପୁଅ ଓ ପୁତୁରାମାନେ ମୁଖାଗ୍ନି ଦେଇଥିଲେ।

## ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ପୂର୍ବ ଭାରତ ଆଞ୍ଚଳିକ ଛାତ୍ର ସମ୍ମିଳନୀ "ଜ୍ଞାନୋଥ୍ୟାନ୍" -୨୦୨୬

ଭୁବନେଶ୍ୱର, (ସବ୍ୟୁ): ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ), ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ ପୂର୍ବ ଭାରତ ଆଞ୍ଚଳିକ ଛାତ୍ର ସମ୍ମିଳନୀ ଜ୍ଞାନୋଥ୍ୟାନ-୨୦୨୬ ସୋଆ ୟୁନିଭରସିଟିର କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । "ଜ୍ଞାନ ମାଧ୍ୟମରେ ଉନ୍ନତି" ମୂଳ ବିଷୟକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୧୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ ।ପ୍ରଦୀପ ପ୍ରଜ୍ୱଳନ ଓ ଅତିଥିମାନଙ୍କୁ ସମ୍ମାନିତ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଧ୍ୟକ୍ଷ ସିଏମ୍ଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ଅବିନାଶ କୋଟ୍‌ନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏହି ଅବସରରେ ସିଏମ୍ଏ ଦାମୋଦର ମିଶ୍ର, ସିଏମ୍ଏ ଆରତୀ ଗାଙ୍ଗୁଲୀ, ସିଏମ୍ଏ ବିନୟ ରଞ୍ଜନ ପି, ସିଏମ୍ଏ ମନୋଜ କୁମାର ଆନନ୍ଦ, ସିଏମ୍ଏ ବିଭୂତି ଭୂଷଣ ନାୟକ,



ସିଏମ୍ଏ ଅଭିଜିତ ଗୋସ୍ୱାମୀ ଓ ସିଏମ୍ଏ ପ୍ରଦୀପ କୁମାର ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । "ନେତୃତ୍ୱଙ୍କ ସହ ସାକ୍ଷାତ" ଶୀର୍ଷକ ପ୍ରେରଣାଦାୟକ ଅଧିବେସନ ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ସିଏମ୍ଏ ଡଃ. ଭି ମୂରଲି, ସିଏମ୍ଏ ଦଣ୍ଡଧର ନାୟକ, ସିଏମ୍ଏ ହେମନ୍ତ ଗୁପ୍ତା, ସିଏମ୍ଏ ଅଶୋକ କୁମାର ସାହୁ, ସିଏମ୍ଏ କ୍ଷୀରୋଦ ଚନ୍ଦ୍ର ନନ୍ଦ, ସିଏମ୍ଏ ପ୍ରଣବ କୁମାର ମହାନ୍ତି, ସିଏମ୍ଏ ଶ୍ରୀକାନ୍ତ କୁମାର ସାହୁ ଓ ସିଏମ୍ଏ ବିଶ୍ୱଜିତ ଦ୍ୱିବେଦୀ ନିଜ ଅଭିଜ୍ଞତା ବାଣ୍ଟିଥିଲେ । ସମ୍ମିଳନୀରେ "ଯୁବାବସ୍ଥାରୁ ବିନିଯୋଗ", କୃତିମ ବୁଦ୍ଧିମତା ଓ ଆର୍ଥିକ ପ୍ରଯୁକ୍ତି" ଏବଂ ନୂତନ ଆୟକର ନିୟମ ଓ ଡିଜିଟାଲ ହିସାବ ପ୍ରଣାଳୀ" ଉପରେ ବିଶେଷ ଅଧିବେସନ ଆୟୋଜିତ ହୋଇଥିଲା । ପରିଶେଷରେ ପୁରସ୍କାର ବିତରଣ, ଲକି ଡ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ଗିରଫ ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ବାଧ୍ୟତାମୂଳକ: ହାଇକୋର୍ଟ

କଟକ,(ସବ୍ୟୁ): କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯିବର ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବା ସାମ୍ବିଧାନିକ ତଥା ବାଧ୍ୟତାମୂଳକ । ଅନ୍ୟ ରାଜ୍ୟରୁ ଗିରଫ ହୋଇଥିଲେ ମଧ୍ୟ ପୁଲିସ ଏହି ପ୍ରକ୍ରିୟାକୁ ଏଡ଼ାଇ ପାରିବ ନାହିଁ । ଏକ ଜାମିନ୍ ଆବେଦନର ଶୁଣାଣି ବେଳେ ହାଇକୋର୍ଟର ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏଭଳି ମତବ୍ୟକ୍ତ କରିବା ସହ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି । ପୁଲିସ ଗିରଫଦାରୀ ନିୟମ ଉଲ୍ଲଙ୍ଘନ କରୁଥିବାରୁ ହାଇକୋର୍ଟ ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଭବିଷ୍ୟତରେ ଏପରି ଘଟଣା ଏଡ଼ାଇବାକୁ ପୁଲିସ ପାଇଁ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ମଧ୍ୟ ଜାରି କରିଛନ୍ତି। ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଗିରଫ ପରେ ନିକଟତମ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଅଭିଯୁକ୍ତଙ୍କୁ ହାଜର କରିବା କେବଳ ଔପଚାରିକତା ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ମୌଳିକ ଅଧିକାରର ସୁରକ୍ଷା ସହ ଜଡିତ । ଏହି ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଇଘର ଥାନାରେ ଆବେଦନକାରୀ ଅଭିଯୁକ୍ତଙ୍କ ବିରୋଧରେ ମାନବ ଚାଲାଣ ଆଦି ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଭିପାଞ୍ଜେରୀ ଦିଲୀପ କୁମାରଙ୍କୁ ଆନ୍ଧ୍ରପ୍ରଦେଶର ଚିତାର ଜିଲ୍ଲାରୁ ଗିରଫ କରିଥିଲା। ତେବେ ଗିରଫଦାରୀ ସମୟରେ ପୁଲିସ ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରି ନ ଥିବା ନେଇ ହାଇକାର୍ଟରେ ଜାମିନ୍ ଆବେଦନର ଶୁଣାଣି ବେଳେ ଅଦାଲତଙ୍କୁ ଅବଗତ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ

# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ଜାତୀୟସ୍ତରରେ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ



ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି । ମଧ୍ୟପ୍ରଦେଶର ସିହୋରଠାରେ ମେ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇ ର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି ଯୋଜନାର ସଫଳ ରୂପାୟନ, କାର୍ଯ୍ୟାନ୍ୱୟନ, ଗୁଣାତ୍ମକ ନିର୍ମାଣ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ସ୍ୱୀକୃତି ମିଳିଛି । ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟମାନଙ୍କ ବର୍ଗରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି । ସେହିପରି ଉତ୍ତର-ପୂର୍ବ ରାଜ୍ୟ, କେନ୍ଦ୍ରାଶାସିତ ଅଂଚଳ ଏବଂ ପାହାଡ଼ିଆ ଅଞ୍ଚଳ ବର୍ଗରେ ମଧ୍ୟ ଓଡ଼ିଶା ପାହାଡିଆ ଅଞ୍ଚଳରେ ଥିବା ୨,୧୩୨ ଗୋଟି ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି ।

ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର "ବନ୍ଧାରା ମଡେଲ" ପ୍ରଦର୍ଶିତ ହୋଇଛି । ଗ୍ରାମୀଣ ସଂଯୋଗ ଓ ଜଳ ନିରାପତ୍ତାକୁ ସମନ୍ୱୟ କରିଥିବା ଏହି ବ୍ରିଜ୍-କମ୍-ୱିଅର (ଆଡ଼ିବନ୍ଧ ଯୁକ୍ତ ସେତୁ) ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି । ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଭୁତଳ ଜଳ ସଂରକ୍ଷଣରେ ସହାୟତା କରାଯାଉଛି । ଏହା ଫଳରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି । ପିଏମଜିଏସୱାଇ ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସର ପ୍ରତିଫଳନ, ବୋଲି ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ।

# ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ୧୦୫ ତମ ଜନ୍ମଦିନ ପାଳନ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ୧୦୫ ତମ ଜନ୍ମଦିନକୁ ପ୍ରେରଣା ଦିବସ ଭାବେ ପାଳନ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ସ୍ତମ୍ଭକାର ପ୍ରହ୍ଲାଦ ସିଂହ ତାଙ୍କ ସ୍ମାରକୀ ଅଭିବ୍ୟକ୍ତିରେ କହିଲେ ଭବାନୀବାବୁଙ୍କ ଜୀବନ ଥିଲା ସେବା ଓ ସଦଭାବନାର ଅନନ୍ୟ ଉଦାହରଣ । ତାଙ୍କ ଜୀବନର ପ୍ରତ୍ୟେକ କାର୍ଯ୍ୟ ଥିଲା ଅହିଂସାର ନିଛକ ଅଭିବ୍ୟକ୍ତି । ସ୍ୱାଧୀନ ଭାରତର ଉତ୍ତର ଦାୟାଦ ଭାବେ ସେବାମୟ ଜୀବନ ବଞ୍ଚିବା ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଓଡ଼ିଶା ଖଦୀ ବୋର୍ଡ ପୂର୍ବତନ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ପୂର୍ବତନ ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ଶ୍ରୀମତୀ ସୁମିତ୍ରା ଜେନା, ଜାତୀୟ ଯୁବ ପ୍ରକଳ୍ପ ରାଜ୍ୟ ସଂଯୋଜକ ମଧୁସୂଦନ ଦାସ, ଆଶାଏଁ ଅନୁଷ୍ଠାନ ଅଧକ୍ଷ ରତ୍ନାକର ସାହୁ, ଭବାନୀ ପଟ୍ଟନାୟକଙ୍କ ଝିଅ ଶ୍ରୀମତୀ ସଞ୍ଜୁକ୍ତା ମହାନ୍ତି ଓ ନାତୁଣୀ ସୁଶ୍ରୀ ଦେବୀକା ପଟ୍ଟନାୟକ ପ୍ରମୁଖ ଭବାନୀ ବାବୁଙ୍କ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଶ୍ରୀ ସୋମଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ ପ୍ରତିଭା ମାନଙ୍କୁ ଶାନ୍ତି ଓ ସଦଭାବନାର ସହିତ ଦେଶ ଗଠନରେ "ଯୁବସମାଜ ଓ ପ୍ରେରଣା" ସମ୍ପର୍କିତ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଅତିଥିମାନଙ୍କୁ ଭବାନୀ ପଟ୍ଟନାୟକ



ଫାଉଣ୍ଡେସନର ପରିଚାଳନା ଟ୍ରଷ୍ଟି ଡ. ବେଣୁଧର ସେନାପତି ସ୍ୱାଗତ କରିଥିବା ବେଳେ ଟ୍ରଷ୍ଟି ବିକ୍ରମ କେଶରୀ ନାୟକ, ହର ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଯୁବକ ଯୁବତୀ ଯୋଗଦେଇ ଦେଶ ଗଠନ ପାଇଁ ଭବାନୀ ବାବୁଙ୍କ ପଦାଙ୍କ ଅନୁସରଣ କରିବାକୁ ପ୍ରତିଜ୍ଞା କରିଥିଲେ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ର ଛାତ୍ରୀ ଦେଶାତ୍ମବୋଧକ ନୃତ୍ୟ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ ।

# କିମ୍‌ସ କୁ ଶରୀର ଦାନ କଲେ ଶିକ୍ଷାବିତ୍ ଡ.ରାମକୃଷ୍ଣ ପଣ୍ଡା

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଡ ରାମକୃଷ୍ଣ ପଣ୍ଡା ଭୁବନେଶ୍ୱରର କିମସର ଶରୀର ବିଜ୍ଞାନ ବିଭାଗକୁ ତାଙ୍କ ଶରୀର ଦାନ କରିଛନ୍ତି। ୨୮ ତାରିଖରେ ଡ ପଣ୍ଡାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ପକ୍ଷରୁ ତାଙ୍କ ଶରୀରକୁ କିମସକୁ ଦାନ କରିଥିଲେ। ଜ୍ଞାନ ଓ ମାନବତା ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏକ ଗଭୀର ପ୍ରେରଣାଦାୟକ ଓ ନିଃସ୍ୱାର୍ଥପର କାର୍ଯ୍ୟରେ ଡ ରାମକୃଷ୍ଣ ପଣ୍ଡା ଏଭଳି ମହତ କାର୍ଯ୍ୟ କରିଛନ୍ତି । ଏହା ମାଧ୍ୟମରେ ସେ ପାଣ୍ଡିତ୍ୟ, ନମ୍ରତା ଓ ଜ୍ଞାନ ପ୍ରତି ସମର୍ପଣର ଏକ ସମୃଦ୍ଧ ଐତିହ୍ୟ ଛାଡି ଯାଇଛନ୍ତି ଥିଲେ। ମୃତ୍ୟୁ ପରେ ମଧ୍ୟ ସମାଜରେ ଅବଦାନ ରଖିବାର ତାଙ୍କର ଇଚ୍ଛା ଅନୁଯାୟୀ ପରିବାର ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ କିମସକୁ ହସ୍ତାନ୍ତର କରାଯାଇଥିଲା। ଜଣେ ଉତ୍ସର୍ଗୀକୃତ ଶିକ୍ଷକ, ବିଦ୍ୱାନ ଓ ଜଣେ ଦରଦୀ ମଣିଷ ଭାବରେ ଜଣାଶୁଣା ଡ ପଣ୍ଡାଙ୍କ ଶେଷ ଇଚ୍ଛା ଥିଲା ମୃତ୍ୟୁ ପରେ ମଧ୍ୟ ସମାଜର ସେବା ଜାରି ରଖିବା। ଭବିଷ୍ୟତ ପିଢ଼ିର ଡାକ୍ତରମାନଙ୍କୁ ତାଙ୍କ ମହାନ ଅବଦାନ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା। ବିଜ୍ଞାନରେ ତାଙ୍କର ଅବଦାନ ବ୍ୟତୀତ, ଡକ୍ଟର ପଣ୍ଡାଙ୍କର ପାରମ୍ପରିକ ଭାରତୀୟ ଜ୍ଞାନ ପ୍ରଣାଳୀ, ଯେପରିକି ହସ୍ତରେଖା ବିଜ୍ଞାନ, ହୋମିଓପାଥି ଏବଂ ଆଧ୍ୟାତ୍ମିକ ଅଧ୍ୟୟନ ପ୍ରତି ଗଭୀର ଆଗ୍ରହ ଥିଲା ।

୧୯୪୬ ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିବା ଡ ପଣ୍ଡା ଶିକ୍ଷା ଓ ଗବେଷଣା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ୧୯୬୬ରେ ଶିକ୍ଷା ସମାପ୍ତ କରିବା ପରେ ସେ ୧୯୬୭ରେ



ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଶିକ୍ଷାଗତ କ୍ୟାରିଅରରେ ସେ ବସ୍ତୁ ବିଜ୍ଞାନରେ ତାଙ୍କର ଅବଦାନ ଏବଂ ଶିକ୍ଷାଦାନ ଓ ଗବେଷଣା ପ୍ରତି ତାଙ୍କର ଉତ୍ସର୍ଗ ପାଇଁ ବହୁ ସମ୍ମାନ ଅର୍ଜନ କରିଥିଲେ। ୨୦୦୬ ଜୁଲାଇ ୩୧ରେ ସେ ପ୍ରଫେସର ଭାବରେ ଅବସର ନେବା ପୂର୍ବରୁ ଆମେରିକାରେ ଉନ୍ନତ ଗବେଷଣା ଅଭିଜ୍ଞତା ମଧ୍ୟ ହାସଲ କରିଥିଲେ। ଡ ପଣ୍ଡାଙ୍କ ପିଲାମାନେ ଡ ମାଗ୍ନା ମଞ୍ଜାରିକା ଓ ଡ ଶକ୍ତି ସ୍ୱରୂପ ଉଭୟ କିମସର ଡାକ୍ତର। ଡ ପଣ୍ଡାଙ୍କ ଏହି ମହାନ କାର୍ଯ୍ୟ ପାଇଁ ପରିବାର ସଦସ୍ୟ ଓ ପ୍ରଶଂସକମାନେ ତାଙ୍କୁ ଜଣେ ଦୟାଳୁ ଶିକ୍ଷକ, ମାର୍ଗଦର୍ଶକ, ସମାଜ ସଂସ୍କାରକ ଓ ଜ୍ଞାନ, ସାଧୁତା ଏବଂ ସେବା ନୀତି ଦ୍ୱାରା ପରିଚାଳିତ ଏକ କୋମଳ ଆତ୍ମା ଥିଲେ ବୋଲି ପ୍ରକାଶ କରିଛନ୍ତି। ସେ ଶ୍ରୀମଦ୍ ଭଗବଦ୍ ଗୀତା (ବ୍ୟାଖ୍ୟା ଏବଂ ପ୍ରୟୋଗ), ବ୍ୟବହାରିକ ଭାରତୀୟ ଜ୍ୟୋତିଷର ପରିଚୟ, ଓ ହସ୍ତରେଖା ବିଜ୍ଞାନର ଚିହ୍ନ ଏବଂ ଗୁପ୍ତତା ସମେତ ଅନେକ ପୁସ୍ତକ ରଚନା କରିଥିଲେ । ତାଙ୍କ ଲେଖା ମାଧ୍ୟମରେ, ସେ ସାଧାରଣ ପାଠକଙ୍କ ପାଇଁ ଭାଗବଦ୍ ଗୀତାର ଦାର୍ଶନିକ ଶିକ୍ଷାକୁ ସରଳ କରିବାକୁ ଚେଷ୍ଟା କରିଥିଲେ । ଡ ପଣ୍ଡାଙ୍କ ଏହି କାର୍ଯ୍ୟକୁ କିଟ, କିସ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଚ୍ଚ ପ୍ରଶଂସା କରିବା ସହ ଏଭଳି ମହତ କାର୍ଯ୍ୟ ସମାଜର ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି କହିଛନ୍ତି।

## ଅପରେସନ ସିନ୍ଦୂର ପ୍ରଥମ ବାର୍ଷିକ ପାଳିତ

ନିମାପଡା,(ସବ୍ୟୁ): ଏନସିସି ଓଡିଶା ଷଷ୍ଠ ବାଟାଲିୟନ ନିର୍ଦ୍ଦେଶ କ୍ରମେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅପରେସନ ସିନ୍ଦୂରର ଏକ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡଃ .ରବୀନ୍ଦ୍ର ନାଥ ପାଢ଼ୀ,ପୂର୍ବତନ ଏନସିସି ଅଫିସର୍ ସୁବ୍ରତ କୁମାର ମହାନ୍ତି, ସିଟିଓ ପ୍ରେମରାଜ ଗହୀର, ବିଶ୍ୱଜି ପାଢ଼ୀ ପ୍ରମୁଖ ଯୋଗ ଦେଇ ଅପରେସନ ସିନ୍ଦୂର ଓ ତାହାର ସଂକଳ ସମ୍ପର୍କରେ ଆଲୋକପାତ କରିଥିଲେ ।

# ଗୋପାଳପୁର ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ ପ୍ଲାଷ୍ଟିକ ସଫେଇ ଓ ସଚେତନତା

ବ୍ରହ୍ମପୁର, (ସବ୍ୟୁ): ଇଣ୍ଟରନେସନାଲ ଓଡ଼ିଆ ଫାଉଣ୍ଡେସନ ଓ ଗ୍ରୀନପିସ୍ ଭିଲେଜ ଫାଉଣ୍ଡେସନର ମିଳିତ ଆୟୋଜନରେ ଗୋପାଳପୁର ସମୁଦ୍ର ବେଳାଭୂମିରେ ଏକ ବିଶାଳ ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମୁଦ୍ରତଟର ସୌନ୍ଦର୍ଯ୍ୟ ଓ ପରିବେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଅଭିଯାନରେ ସ୍ଥାନୀୟ ଯୁବକ-ଯୁବତୀ, ସ୍ୱେଚ୍ଛାସେବୀ, ପରିବେଶପ୍ରେମୀ ଓ ବିଭିନ୍ନ ସାମାଜିକ ସଙ୍ଗଠନ ସଦସ୍ୟମାନେ ଉତ୍ସାହର ସହିତ ଅଂଶ ଗ୍ରହଣ କରିଥିଲେ । ଏହି ସ୍ୱଚ୍ଛତା ଅଭିଯାନ ପ୍ରାୟ ୨ କିଲୋମିଟର ଧରି ବିସ୍ତୃତ ଗୋପାଳପୁର ସମୁଦ୍ର ବେଳଭୂମିରୁ ପ୍ଲାଷ୍ଟିକ ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ବୋତଲ, ଖାଦ୍ୟ ପ୍ୟାକେଟ୍ ଓ ଅନ୍ୟାନ୍ୟ ଅପଚୟ ପଦାର୍ଥ ସଂଗ୍ରହ କରାଯାଇଥିଲା । ସମୁଦ୍ର ପରିବେଶ ଉପରେ ପ୍ଲାଷ୍ଟିକ ଦୂଷଣର କୁପ୍ରଭାବ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ବିଶେଷକରି ସମୁଦ୍ରଜୀବ ଓ ପର୍ଯ୍ୟଟନ ଉପରେ ପ୍ଲାଷ୍ଟିକ ଆବର୍ଜନାର ଖରାପ ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଇଣ୍ଟରନେସନାଲ ଓଡ଼ିଆ ଫାଉଣ୍ଡେସନ ଅଧ୍ୟକ୍ଷ ପ୍ରତାପ ନାୟକ, ପରିବେଶ ମୁଖ୍ୟ ରବି ସାହାଣୀ, ଓଡ଼ିଶା ଇଭେଣ୍ଟ କୋଡ଼ିନେଟର ସମୀରା ନାୟକ ସଭାପତି ବିଶ୍ୱରଂଜନ ସାହୁ, ପ୍ରଶାନ୍ତ ମେହେର, ସଂଜିତ ନାୟକ, ଗ୍ରୀନ ପିସ୍ ଭିଲେଜ୍ ପ୍ରତିଷ୍ଠାତା ପ୍ରଶାନ୍ତ ଦାସ, ସଭାପତି ବିକାଶ ନାହାକ, ଉପଦେଷ୍ଟା ରବୀନ୍ଦ୍ର ନାୟକ, ଶାନ୍ତନୁ ନାହାକ, ଲକ୍ଷ୍ମୀନାରାୟଣ ନାହାକ ପ୍ରମୁଖ ଅଂଶଗ୍ରହଣ କରି ସ୍ୱଚ୍ଛ ସମୁଦ୍ରତଟ, ସୁରକ୍ଷିତ ପରିବେଶ ବାର୍ତ୍ତାକୁ ସମସ୍ତଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ କେବଳ ସମୁଦ୍ରତଟକୁ ସଫା ରଖିବାରେ ସହାୟକ ନୁହେଁ, ବରଂ ଲୋକମାନଙ୍କ ମନରେ ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ନିମନ୍ତେ ଏକ ସଚେତନ ବାର୍ତ୍ତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୋପାଳପୁର ସମୁଦ୍ର ବେଳଭୂମିରେ ଆୟୋଜିତ ଏହି ଅଭିଯାନ ସମାଜ ପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ । ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ପାଇଁ ଏପରି ସାମୂହିକ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ ।

# ୬.୬୯ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ



ବ୍ରହ୍ମପୁର, (ସବ୍ୟୁ): ନିଶାମୁକ୍ତ ଓଡିଶା ଅଭିଯାନରେ ପୋଲିସ ବେଆଇନ ନିଶା କାରବାର ଉପରେ ନଜର ରଖିଛି । ରବିବାର ରାତ୍ର ହଳଦିଆପଦର ଜାତୀୟ ରାଜପଥ କଡରେ ଜଣେ ଯୁବକ ବ୍ରାଉନସୁଗର ଧରି ଗ୍ରାହକକୁ ଅପେକ୍ଷା କରିଥିବା ବେଳେ ଗୋଶାଣିନୂଆଗାଁ ପୋଲିସ ତାଙ୍କୁ ସେଠାରେ ମାଡି ବସିଥିଲା । ଅଭିଯୁକ୍ତ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଶାସ୍ତ୍ରୀନଗରର ସନ୍ତୋଷ ପାତ୍ର(୩୫) । ପୋଲିସ ତାଙ୍କ ନିକଟରୁ ୬.୬୯ ଗ୍ରାମ ବ୍ରାଉନସୁଗର ଜବତ କରିଛି । ସେହିପରି ତାଙ୍କ ନିକଟରୁ ଦୁଇଟି ଦାମୀ ମୋବାଇଲ ଓ କଳାରଙ୍ଗର ପଲିଥିନ ବ୍ୟାଗ ମଧ୍ୟ ଜବତ କରିଛି । ମାମଲା ନଂ ୧୬୬/୨୬ରେ ଉକ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ହଳଦିଆପଦର ଜାତୀୟ ରାଜପଥରେ ଜଣେ ଯୁବକ ନିୟମିତ ଭାବେ ବ୍ରାଉନସୁଗର କାରବାର କରୁଥିବା ଗୁପ୍ତ ସୂଚନା ମିଳିଥିଲା । ତାହାରି ଆଧାରରେ ଉକ୍ତ ଥାନା ଏସଆଇ ଗୌରବ ରଞ୍ଜନ ଦାଶ ଓ ତାଙ୍କ ଟିମ ପକ୍ଷରୁ ସେଠାରେ ଚଢଉ କରାଯାଇଥିଲା । ଏହି ସମୟରେ ଅଭିଯୁକ୍ତ ସନ୍ତୋଷ ରାସ୍ତା କଡରେ ସନ୍ଦେହଜନକ ଭାବେ ଛିଡା ହୋଇଥିବା ବେଳେ ଟିମ ତାଙ୍କୁ ଅଟକାଇ ସେ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଅଭିଯୁକ୍ତଙ୍କ ପ୍ୟାଣ୍ଟ ପକେଟରୁ ଏକ ଜରି ପ୍ୟାକେଟରେ ଥିବା ୬.୬୯ ଗ୍ରାମର ବ୍ରାଉନସୁଗର ମିଳିଥିଲା । ଏହି ନିଶଦ୍ରବ୍ୟ କାରବାର ପଛରେ ଆଉ କାହାର ହାତ ଅଛି ସେନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ପିଆରଏମ୍ ମେଡିକାଲ କଲେଜରେ ପୋଷ୍ଟ-ଗ୍ରାଜୁଏଟ୍ ପାଠ୍ୟକ୍ରମ ଖୋଲିବାକୁ ଜେଏମଏମର ଦାବି



ବାରିପଦା, (ସବ୍ୟୁ) : ବହୁ ସଂଘର୍ଷ ପରେ ମୟୂରଭଞ୍ଜର ବାରିପଦା ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା କିନ୍ତୁ ବର୍ତ୍ତମାନ ସୁଦ୍ଧା କଲେଜଟି ପୂର୍ଣ୍ଣାଙ୍ଗ ହୋଇନାହିଁ କିମ୍ବା ରୋଗୀ ମାନେ ଉତ୍ତମ ଓ ସବୁପ୍ରକାର ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ଅତିଶୀଘ୍ର ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମ ଖୋଲିବାର ଆବଶ୍ୟକତା ଅଛି। ତେଣୁ ଜେଏମଏମ ଜେଏମଏମ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୭ଟି ବିଭାଗରେ ପି.ଜି ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଦାବୀ ଜଣାଇଛନ୍ତି। ଏହି ୭ଟି ବିଭାଗ ଗୁଡ଼ିକ ଯଥାକ୍ରମେ ସାଧାରଣ ଭେଷଜ, ସାଧାରଣ ଅସ୍ତ୍ରୋପଚାର, ସ୍ତ୍ରୀରୋଗ ଓ ପ୍ରସୂତି, ଚର୍ମ ଓ ଗୁପ୍ତରୋଗ, ଚକ୍ଷୁ, ଅସ୍ଥିଶଲ୍ୟ, କାନ, ନାକ ଓ ଗଳା ପ୍ରମୁଖ ବିଭାଗ। ଏହି ଗୁଡ଼ିକ ଖୋଲିଲେ ମୟୂରଭଞ୍ଜବାସୀ ଉପକୃତ ବହୁ ମାତ୍ରା ହେବେ ବୋଲି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ତତ୍‌ସହିତ ବିଳମ୍ବ କଲେ ଝାଡଖଣ୍ଡ ଦଳ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ବରିଷ୍ଠ ନେତା ଦିବାକର ସୋରେନ, ସହର ସଭାପତି ତରେନ ସେନାପତି, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ଆଶିଷ ସାତୁଆ, ଶ୍ରବନ ମହାନ୍ତ, ପ୍ରମୋଦ ଦାସ, ଲଖଣ ଚାପିଆର, ଜଗା ସୋରେନ, ସଲମା ମାରାଣ୍ଡି, ଭଗବତୀ ଚାପିଆର ଓ ମିଳନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ପୋଲିସର ୱାରେଣ୍ଟି ଧରପଗଡ ଅଭିଯାନ, ୬ ଗିରଫ

ବୁଗୁଡା, (ସବ୍ୟୁ) : ରାଜ୍ୟ ପୋଲିସ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୫ ତାରିଖ ଠାରୁ ଓ୍ୱାରେଣ୍ଟି ଧରପଗଡ ଅଭିଯାନ ଚାଲିଥିବା ବେଳେ ସୋମବାର ଦିନ ବୁଗୁଡା ପୋଲିସ ୬ ଜଣ ଓ୍ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁଙ୍କଠାରୁ ପ୍ରକାଶ ପାଇଛି । ଗିରଫ ଓ୍ୱାରେଣ୍ଟିମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ପାଣିକେଶର ଗ୍ରାମର ଦୁଃଖୀ ବିଷୋୟୀ(୩୩), ଗୋଲାବନ୍ଧ ଗ୍ରାମର ରବି ଜେନା (୩୩), କଇମ ଗ୍ରାମର ଶ୍ରୀହର୍ଷ ନନ୍ଦ (୫୩), ଘୋଡାପଡା ଗ୍ରାମର ସଞ୍ଜୟ ନାୟକ (୪୬), ଲକ୍ଷ୍ମୀ ଜେନା (୩୩) ଓ ଉଷା ନାୟକ (୨୭) । ପ୍ରକାଶ ଯେ, ଏକ ଡକାୟତି ଘଟଣାରେ ଜଡିତ ଦୁଃଖୀଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୭୫/୨୦୧୨ରେ ଏକ ମାମଲା ରହିଥିଲା । ସେହିପରି ଚୋରି ଘଟଣାରେ ସମ୍ପୃକ୍ତ ରବିଙ୍କ ବିରୁଦ୍ଧରେ ଜିଆର୍ କେସ୍ ନଂ ୫୪/୨୦୧୧ରେ ଏକ ମାମଲା ରହିଥିଲା ଏବଂ ହତ୍ୟା ଉଦ୍ୟମ ଅଭିଯୋଗରେ ଜଡିତ ଶ୍ରୀହର୍ଷଙ୍କ ବିରୁଦ୍ଧରେ ଏସଟି କେସ୍ ନଂ ୧୪୯/୨୦୨୨ରେ ଏକ ମାମଲା ରହିଥିଲା । ଅନ୍ୟପକ୍ଷରେ ଏକ ହତ୍ୟା ଉଦ୍ୟମ ଅଭିଯୋଗର ଅଭିଯୁକ୍ତ ସଞ୍ଜୟ, ଲକ୍ଷ୍ମୀ ଓ ଉଷାଙ୍କ ବିରୁଦ୍ଧରେ ଏସଟି କେସ୍ ନଂ ୧୫୩/୨୦୨୩ରେ ଏକ ମାମଲା ରହିଥିଲା ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ତାଲିମ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ) : ଉତ୍କର୍ଷ କେନ୍ଦ୍ର, ସିଓଇବିଇଏସଓ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ଆୟୋଜିତ ମଡର୍ଣ୍ଣ ବାୟୋଆନାଲିଟିକାଲ୍ ଟେକ୍ନିକ୍ସ ଇନ୍ ଫାଇଟୋକମ୍ପାଉଣ୍ଡ ରିସର୍ଚ୍ଚ ର: ଏ ବାୟୋପ୍ରସପେକଟିଙ୍ଗ ଫ୍ରେମଓ୍ୱାର୍କ ଶୀର୍ଷକ ଏକ ମାସ ଧରି ଚାଲିବାକୁଥିବା ଗ୍ରୀଷ୍ମକାଳୀନ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସୋମବାର ଉଦଘାଟନ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅସୀମା ସାହୁ ଯୋଗଦେଇ ଛାତ୍ରୀ, ଛାତ୍ରମାନଙ୍କୁ ଏହି ଅଞ୍ଚଳରେ ଉପଲବ୍ଧ ଥିବା ଜୈବ ବିବିଧତା ଓ ସମ୍ଭାବନା ବ୍ୟବହାର କରି ସେମାନଙ୍କ ଭବିଷ୍ୟତରେ ତାଲିମ ସୁଯୋଗକୁ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠି ଯୋଗଦେଇ ଏହିଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମର ଫଳାଫଳ ଏବଂ ସେମାନଙ୍କ ଭବିଷ୍ୟତରେ ଅର୍ଜନ କରିବାକୁ ଥିବା ଜ୍ଞାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଯୁଗ୍ମ ସଂଯୋଜକ ଏବଂ ବାୟୋଟେକ୍ନୋଲୋଜି ମୁଖ୍ୟ ପ୍ରଫେସର ସୁଶୀଲ କୁମାର ପାଠକ ଅତିଥି ପରିଚୟ ପ୍ରଦାନ କରିବା ସହ ଅଂଶ ଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ ଯୋଗ ଦେଇ କାର୍ଯ୍ୟକ୍ରମ ବିଷୟରେ ବ୍ୟାଖ୍ୟା କରିଥିଲେ ଏବଂ ଉପଲବ୍ଧ ସୁବିଧା ଏବଂ ସୁଯୋଗ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ବିଭାଗର ପ୍ରଫେସର ମନୋଜ କୁମାର ପଣ୍ଡା ଯୋଗ ଦେଇ ଇଣ୍ଟର୍ନସିପ୍ର ଗୁରୁତ୍ୱ ଉପର ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ତିନୋଟି ରାଜ୍ୟର ୧୩ ଟି ଅନୁଷ୍ଠାନରୁ ୫୩ ଜଣ ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମରର ଡ଼.ଶାଶ୍ୱତ ସୌରଭ ମହାପାତ୍ର, ଡ଼.ସୁନୀଲ କୁମାର ବେହେରା, ଡ଼.ଆଦିତ୍ୟ କୁମାର ପଣ୍ଡା, ତପନ କୁମାର ସିଂ ନାୟକଙ୍କ ସମେତ ବିଭାଗର ଗବେଷକ, ଗବେଷିକା ସହଯୋଗ କରିଥିଲେ ।

# ସହରର ସମସ୍ତ ଥାନାରେ ବ୍ରିଫିଂ ପରେଡ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାରେ ରୋଲ୍ କଲ୍ ଏବଂ ବ୍ରିଫିଂ ପ୍ୟାରେଡ୍ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମରେ ସୋମବାର ସକାଳ ୯ଟା ସମୟରେ ସମସ୍ତ ଥାନାରେ "ରୋଲ୍ କଲ୍ ଏବଂ ବ୍ରିଫିଂ ପ୍ୟାରେଡ୍' ହୋଇଯାଇଛି । ପୋଲିସ ବାହିନୀ ମଧ୍ୟରେ ଶୃଙ୍ଖଳା ବୃଦ୍ଧି ଏବଂ କାର୍ଯ୍ୟକ୍ଷେତ୍ରରେ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଥାନା ଅଧିକାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ୟାରେଡରେ ସମସ୍ତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ । ଦିନର ପ୍ରାଥମିକ କାର୍ଯ୍ୟ, ବିଚାରାଧୀନ ତଦନ୍ତ ଏବଂ ପାଟ୍ରୋଲିଂ କାର୍ଯ୍ୟସୂଚୀ ସମ୍ପର୍କରେ କର୍ମଚାରୀମାନଙ୍କୁ ଅବଗତ କରାଯାଇଥିଲା । ଜନସାଧାରଣଙ୍କ ସହ ସୁସମ୍ପର୍କ ରଖିବା ସହିତ ଅଭିଯୋଗ ଗୁଡ଼ିକର ସଅଳ ସମାଧାନ ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା । ରାଜ୍ୟ ପୋଲିସ ମୁଖ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ଉଚ୍ଚକୋଟୀର ବ୍ୟବସାୟିକ ଆଚରଣ ଓ ଶୃଙ୍ଖଳା ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା । ଆଇନ ଶୃଙ୍ଖଳା ରକ୍ଷା ଏବଂ ଅପରାଧ ରୋକିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଥିଲା ।

# ମୟୂରଭଞ୍ଜ ଗାନ୍ଧୀ ଶରତ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ପ୍ରଜା ମଣ୍ଡଳ ଆନ୍ଦୋଳନର ମୁଖ୍ୟ ସ୍ୱର୍ଗତ ଶରତ ଚନ୍ଦ୍ର ଦାସଙ୍କ ସ୍ମୃତି ରକ୍ଷା ଉଦେଶ୍ୟରେ ତାଙ୍କର ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନା ସହ ତାଙ୍କ ଦ୍ୱାରା ନିର୍ମିତ ମୟୂରଭଞ୍ଜ ସ୍ୱରାଜ ଆଶ୍ରମର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯିବା ନିମନ୍ତେ ପାଣ୍ଠି ଯୋଗାଇ ଦେବାପାଇଁ ଆଜି ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ଏକ ପ୍ରତିନିଧି ଦଳ ମଞ୍ଚର ପ୍ରତିଷ୍ଠା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରିଛନ୍ତି। ୧୯୪୮ ମସିହା ପରେ ଶରତ ଚନ୍ଦ୍ର ଦାସ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ରାଜ୍ୟ ବିଧାନ ପରିଷଦ ଗଠନ କରିଥିଲେ। ୧୯୪୮ ମସିହା ଅକ୍ଟୋବର ମାସ ୧୭ତାରିଖରେ ଏହି ଗଡ଼ଜାତ ରାଜ୍ୟ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତିପତ୍ର ସ୍ୱାକ୍ଷର କରି ଭାରତ ସହିତ ମିଶ୍ରଣ ହୋଇ ଏହା କେନ୍ଦ୍ରାଞ୍ଚଳ ଭାବେ ଶାସିତ ହୋଇଥିଲା। ପରେ ଏହା ଓଡିଶା ସହିତ ଏହା ଏକ ଜିଲ୍ଲା ଭାବରେ ମିଶିଯାଇଥିଲା। ୧୯୪୯ ମସିହା ଜାନୁଆରୀ ୧ତାରିଖ ଦିନ ଓଡିଶା ସରକାରଙ୍କ ସହିତ ମୟୂରଭଞ୍ଜ ମିଶିଗଲା ଏବଂ ଏହା ଏକ ଜିଲ୍ଲା ଭାବରେ ପରିଚାଳିତ ହେଲା। ଏଣୁ ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ମୃତିକୁ ଉଦ୍‌ଜୀବିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଭାଗବତ ପଣ୍ଡା, ଆଇନଜୀବୀ ସତ୍ୟନାରାୟଣ ସାହୁ, ନନ୍ଦଲାଲ ସିଂହ, ପିତାମ୍ବର ମଲ୍ଲିକ, ଗୋଲୋକ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ବିବାହ ଭୋଜିରେ ମାରପିଟ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବାହାଘର ଭୋଜିରେ ପଶି ଗଣ୍ଡଗୋଳ କରିବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ବିଜିପୁର ରଥ ସାହିର କେ. ନବୀନ(୨୫) ଓ ଜି. ନାଗେଶ(୩୦), ବୋଡିଂ ସାହିର ନିଳାଞ୍ଚଳ ପାତ୍ର ଓରଫ ସିତୁ(୩୦), କାଲୁଆ ସାହିର ରହିମ ପାତ୍ର ଓରଫ ରାଜୁ(୩୮) । ଆକ୍ରମଣରେ ବ୍ୟବହୃତ କାଠ ପଟାକୁ ପୋଲିସ ଜବତ କରିଛି । ମାମଲା ନଂ ୧୭୪/୨୬ ରେ ଅଭିଯୁକ୍ତ ମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଥାଉକି, ଖୋଡାସିଂର ରାଜେଶ୍ୱରୀ ମହାଙ୍କୁଡଙ୍କ ଝିଆରିଙ୍କ ବିବାହ ଭୋଜି ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉପରୋକ୍ତ ଅଭିଯୁକ୍ତମାନେ ଭୋଜିସ୍ଥଳରେ ପହଞ୍ଚି ଖାଦ୍ୟ ସାମଗ୍ରୀ ନଷ୍ଟ କରିଥିଲେ । ଏନେଇ ରାଜେଶ୍ୱରୀ ଓ ତାଙ୍କ ଭାଇ ଏନ. କ୍ରିଷ୍ଣା ରାଓ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଅଭିଯୁକ୍ତ କେ. ନବୀନ ଏନ. କ୍ରିଷ୍ଣା ରାଓଙ୍କ ବେକ ଚିପି ଧରି ହତ୍ୟା ଉଦ୍ୟମ କରିଥିଲେ । ପରିବାରର ଅନ୍ୟ ଜଣେ ସଦସ୍ୟ ଏ. ସୁନୀଲ ଏଥିରେ ହସ୍ତକ୍ଷେପ କରିଥିଲେ । ଅଭିଯୁକ୍ତମାନେ ଏକ କାଠ ପଟା ସାହାଯ୍ୟରେ ତାଙ୍କୁ ନିର୍ଘୁମ ମାଡ଼ ମାରିଥିଲେ । ସୁନୀଲଙ୍କ ମୁଣ୍ଡ ଏବଂ ହାତରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା । ଘଟଣାକୁ ନେଇ ରାଜେଶ୍ୱରୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ



ବାରିପଦା, (ସବ୍ୟୁ) : ସୋମବାର ଟିପିଏନ୍‌ଓଡିଏଲ୍ ଓ୍ୱାର୍କସ ତଥା ଏମ୍ପ୍ଲୋଇଜ୍‌ୟୁନାଇଟେଡ୍ ଫୋରମ୍ ପକ୍ଷରୁ ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବିଏ କର୍ମଚାରୀଙ୍କର ଛୋଟେଇ ପ୍ରତିବାଦରେ ଟିପିଏନ୍‌ଓଡିଏଲ୍ ଓ୍ୱାର୍କସ ତଥା ଏମ୍ପ୍ଲୋଇଜ୍‌ୟୁନାଇଟେଡ୍ ଫୋରମ୍ ପକ୍ଷରୁ ବାରିପଦା ସ୍ଥିତ ବିଦ୍ୟୁତ୍ ନିର୍ବାହୀଯନ୍ତ୍ରୀଙ୍କ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କର୍ମଚାରୀ ଏକ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ଏବଂ କାଳବୈଶାଖ ଏବଂ ଏହି ଉକ୍ତ ସମୟ ମଧ୍ୟରେ ଗ୍ରାହକ ମାନେ କୌଣସି ଅସୁବିଧା କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଏହାର ଦାୟୀ ଟିପିଏନ୍‌ଓଡିଏଲ କର୍ତ୍ତୃପକ୍ଷ ରହିବେ, ବାରିପଦା ଖଣ୍ଡ ଏବଂ ଉପଖଣ୍ଡ ରାଇରଙ୍ଗପୁର ଏବଂ ଉଦଳାରେ ମଧ୍ୟ ଏହି ସମାନ ବିକ୍ଷୋଭ ଜାରି ରହିବ। ଉକ୍ତ ବିକ୍ଷୋଭ ଶ୍ରମିକ ନେତା କୈଳାଶ ଚନ୍ଦ୍ର ମହାନ୍ତ, ନୃସିଂହ ଚରଣ ପଣ୍ଡା, ହିତେଶ କୁମାର ରାଉତ, ବିଜେନ୍ଦ୍ର କୁମାର ଗିରି, ଜଗଦିଶ ଚନ୍ଦ୍ର ମହାନ୍ତ, ଅଶ୍ୱନି କୁମାର ପଣ୍ଡା, ବିଜେନ୍ଦ୍ର ନାଥ ବାରିକ, ପଙ୍କଜ ମହାନ୍ତ, ଦେବବ୍ରତ ବେହେରା, ଶରତ ବେହେରା, କ୍ରାନ୍ତିଲାଲ ବିଶ୍ୱାଳ, ଦେବବ୍ରତ ଦାହୁରିଆ, ନିମଳ ମିଶ୍ର, ସାନ୍ତନୁ ମାନ ପ୍ରମୁଖଉଦ୍‌ବୋଧନଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ତଥା ମେ ୧୯ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

## ଶିମିଳିପାଳ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବି.ବି ଆଲୋକ ସ୍ପୋର୍ଟିଂ ଚାମ୍ପିଅନ

ବାରିପଦା, (ସବ୍ୟୁ) : ସ୍ଥାନୀୟ ଲେଟକଟ ପଡିଆରେ ଶିମିଳିପାଳ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ ଟି-ଟ୍ୱେଣ୍ଟି ଶିମିଳିପାଳ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବି.ବି ଆଲୋକ ସ୍ପୋର୍ଟିଂ ୭୭ ରନରେ ମାଅମ୍ବିକା ଲାୟନ୍ସକୁ ପରାସ୍ତ କରି ଚାମ୍ପିଆନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଆଲୋକ ସ୍ପୋର୍ଟିଂ ୨୦ ଓଭରରେ ୮ ଓ୍ୱିକେଟ୍ ହରାଇ ୧୭୩ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶମ୍ଭୁନାଥ ଗିରି ଓ ତୁଷାର ମହାକୁଡ଼ ୪୦ରନ ଲେଖାଏଁ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦେବଶକ୍ତି ଗିରି, ରୁଚିକା ମଣ୍ଡଳ ଓ ଅରମାନ ଆଲାମ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ମାଅମ୍ବିକା ଲାୟନ୍ସ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିପାରିଥିଲେ। ଦଳ ପକ୍ଷରୁ ସୁବ୍ରତ କୁମାର ସିଂ ସର୍ବାଧିକ ୩୯ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରିୟଙ୍କ ପଟ୍ଟନାୟକ ୪ଟି ଏବଂ ଆଲୋକ ରଞ୍ଜନ ନାୟକ ଓ ଲୋକନାଥ ପୃଷ୍ଟି ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ। ମନୋଜ ଟୁଡୁ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଙ୍ଗରେ ସହାୟତା କରିଥିଲେ। ପୁରସ୍କାର ସ୍ୱରୂପ ଚମ୍ପିୟାନ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଲୋକ ରଞ୍ଜନ ନାଏକ, ଶ୍ରେଷ୍ଠ ବୋଲର ଭାବେ ପ୍ରିୟଙ୍କ ପଟ୍ଟନାୟକ, ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଅଭିନାଶ ଦେ ଓ ମ୍ୟାନ ଅଫ ଦି ସିରିଜ ଭାବେ ଲୋକନାଥ ପୃଷ୍ଟି ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ଯୋଗଦେଇ ପୂର୍ବତନ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ତଥା ସମାଜସେବୀ ଲଲାଟେନ୍ଦୁ ବେହେରା, ସମାଜସେବୀ ନନ୍ଦିକେଶ ସେଜପଡା, ପୂର୍ବତନ କ୍ରିକେଟ ଖେଳାଳି ଲୋହିତ ଦାଶ, ରଜତ ସାହୁ ଓ କୌଶିକ ପଟ୍ଟନାୟକ ପୁରସ୍କାର ବିତରଣ କରିଥିଲେ। ସୌରଜିତ ସାହୁ, ଦିବ୍ୟରଞ୍ଜନ ସାହୁ, ମନ'ନ ସାନ୍ତରା, ମୃଣ୍ମୟ ପଣ୍ଡା ଓ ଅରମାନ ଆଲାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।

# ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିଶାପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରିବା ସହ ନିଜ ସ୍ତ୍ରୀକୁ କାତିରେ ଆକ୍ରମଣ କରିବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ରାଧାକୃଷ୍ଣ ମଠ ସାହିର ବିଚିତ୍ର ମହାଙ୍କୁଡ (୪୭) । ଘଟଣାରେ ବ୍ୟବହୃତ କାତି ପୋଲିସ ଜବତ କରିଛି । ମାମଲା ନଂ ୨୭୯/୨୬ ରେ ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାଇ ବିଚତ୍ର ଜଣେ ଦିନମଜୁରିଆ ଭାବେ କାମ କରନ୍ତି । ସେ ସବୁବେଳେ ନିଶାପାନ କରି ଘରକୁ ଆସିବା ସହ ସାମାନ୍ୟ କଥାରେ ସ୍ତ୍ରୀ ସୁନୀତା ମହାଙ୍କୁଡଙ୍କ ସହ ଝଗଡ଼ା କରି ଗାଳିଗୁଲଜ କରନ୍ତି । ପରିବାର ଚଳାଇବା ପାଇଁ ସେ କୌଣସି ଆର୍ଥିକ ସହାୟତା ମଧ୍ୟ ଦିଅନ୍ତି ନାହିଁ । ଶନିବାର ରାତି ପ୍ରାୟ ୧୦ଟା ସମୟରେ ବିଚିତ୍ର ନିଶାପାନ କରି ଘରକୁ ଆସି ସୁନୀତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ସୁନୀତା ଏହାର ପ୍ରତିବାଦ କରିବାରୁ ଏକ କାତି ବାହାର କରି ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ସୁନୀତା ଅଳ୍ପକେ ବର୍ତ୍ତି ଯାଇ କୌଶଳକ୍ରମେ ଘରୁ ବାହାରକୁ ପଳାଇ ଆସିଥିଲେ । ପରଦିନ ସକାଳେ ବିଚିତ୍ର ପୁଣି ଥରେ ସୁନୀତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଜୀବନ ପ୍ରତି ବିପଦ ଥିବା ଭାବି ଅନ୍ୟଉପାୟ ନପାଇ ସୁନୀତା ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଧରିଥିଲା ।

# ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷାଙ୍କ ଗଞ୍ଜାମ ଗସ୍ତ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା କସ୍ତୁରୀ ମିଶ୍ର ଓ ମନସ୍ୱିତା ଖୁଣ୍ଟିଆ ଆଜି ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଉତ୍କଳ ବାଳାଶ୍ରମ, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହା ବିଦ୍ୟାଳୟ ଏବଂ ହିଞ୍ଜିଳି ପୋଲିସ୍ ଷ୍ଟେସନ୍ ପରିଦର୍ଶନ କରିବା ସହିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ । ଉତ୍କଳ ବାଳାଶ୍ରମରେ ଶିଶୁ ମାନଙ୍କ ରକ୍ଷଣା ବେକ୍ଷଣ ଓ ଖାଦ୍ୟ ପାନୀୟର ମାନ ଯାଞ୍ଚ କରିବା ସହିତ ନିକଟ ଅତୀତରେ ହିଞ୍ଜିଳିକାଟୁ ଅଞ୍ଚଳରେ ମାଆକୁ ହରେଇଥିବା ତିନି ବର୍ଷ ଶିଶୁକୁ ସେଠାରେ କିଭଳି ଖାଦ୍ୟ ଦିଆଯାଉଛି, ତାହାର ଯନି ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଶିଶୁ ବା ରାଜ୍ୟର ଯେ କୌଣସି ଶିଶୁ ସେମାନଙ୍କ ଅଧିକାରରୁ ଯେପରି ବଞ୍ଚିତ ନ ହୁଅନ୍ତି ଏବଂ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର ସଦା ସଂକଳ୍ପବଦ୍ଧ ବୋଲି ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷା ପାତ୍ର ପ୍ରକାଶ କରିଛନ୍ତି । ଦୁଇମାସ ମଧ୍ୟରେ ଯଦି ଶିଶୁକୁ ତାର ରକ୍ତ ସମ୍ପର୍କୀୟମାନେ ନ ନିଅନ୍ତି ତାହାହେଲେ ସରକାରୀ ନୀତି ନିୟମ ଅନୁପାଳନ ପୂର୍ବକ ଶିଶୁଟିକୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା କାରାକୁ ପ୍ରେରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହା ବିଦ୍ୟାଳୟ, ବ୍ରହ୍ମପୁରର ଏସ୍. ଏନ୍.ସି.ୟୁ., ମିଲ୍କ, ମଦର କେୟାର ସେଣ୍ଟରରେ ଉପଲବ୍ଧ ସୁବିଧାକୁ ନେଇ ସଦସ୍ୟା ମାନେ ସନ୍ତୋଷ ବ୍ୟକ୍ତ କରିବା ସହିତ



ଏହି ସବୁ ସ୍ଥାନରେ ଆବଶ୍ୟକ ହେଉଥିବା ଆହୁରି ଉନ୍ନତମାନର ସୁବିଧା ଓ ଭେଷଜ ମହାବିଦ୍ୟାଳୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ସେ କହିଛନ୍ତି । ଏହା ବ୍ୟତୀତ ସେମାନେ ବିଭିନ୍ନ ଇଟାଭାଟି ଓ ଛତୁଆ ସେଣ୍ଟରକୁ ଅପ୍ରତ୍ୟାଶିତ ଭାବରେ ଯାଇ ଇଟାଭାଟିରେ ଶିଶୁ ମାନେ କାମ କରୁଛନ୍ତି କି ନାହିଁ ସେ କଥା ଅନୁସନ୍ଧାନ କରିବା ସହିତ ଛତୁଆର ମାନ ଯାଂଚ୍ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ପାଳିତ ହୋଇଯାଇଛି । ଆଇକ୍ୟୁଏସି ଦ୍ୱାରା ମୁଖ୍ୟ ପ୍ରଶାସନିକ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରକୁ ଆଭାସୀ ମାଧ୍ୟମରେ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଯୁବପିଢୀଙ୍କ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ସଫଳତା ହାସଲ କରିବା ସହିତ ରାଷ୍ଟ୍ର ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଓ ଗବେଷକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ଏହି ଦିବସ ପାଳନର ଯଥାର୍ଥତା ପ୍ରମାଣିତ ହେବ ବୋଲି କହିଥିଲେ । ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜିର ଡିନ୍ ଡ. ନୟନ ରଂଜନ ସାମଲଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡିନ୍ (ଗବେଷଣା ) ଡ. ବିଶ୍ୱରଂଜନ ମହାନ୍ତି, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ନିର୍ଦ୍ଦେଶକ (ଆଇକ୍ୟୁଏସି) ପ୍ରାଧ୍ୟାପକ ଡ. ଆଲୋକ ରଂଜନ ବିଶ୍ୱାଳ, ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା, ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଡ଼ଙ୍ଗର ଉଦ୍‌ଯାପିତ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ (ଏମଏସଏ)ର ରଙ୍ଗ ମଞ୍ଚରେ ଶନିବାର ଠାରୁ ଚାଲିଥିବା ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଡ଼ଙ୍ଗର ରବିବାର ରାତିରେ ମହାସମାରୋହରେ ଉଦଯାପିତ ହୋଇଯାଉଛି। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଜୟ ଦିଶାରି, ମୁଖ୍ୟ ବକ୍ତା ଭାବେ ଥୁଆମୁଲ ରାମପୁର ମା'ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଭବାନୀପାଟଣା ପୌରପାଳିକାର ନଗରପାଳ ବିଷ୍ଣୁ ପ୍ରଧାନ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା,ଶିକ୍ଷାବିତ୍ ଡ଼.ଅଜୟ ମିଶ୍ର,ସାମାଜିକ କର୍ମୀ ଯୁଗଳ କିଶୋର ପୋଢ଼,ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ସତ୍ୟ ନାରାୟଣ ସିଂହ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ସଂସ୍କୃତିର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ପରିଚାଳନା କରିଥିବାବେଳେ ଶୁଭମ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ସିଂହ ଧନ୍ୟବାଦ ଦେଇଥିଲେ। ପରେ ରାଜ୍ୟର ବିଭିନ୍ନ ଜିଲାର ସୁନାମଧନ୍ୟ ସାଂସ୍କୃତିକ ଦଳ ଯୋଗଦେଇ ତାଙ୍କର ନୃତ୍ୟ କଳା ପରିବେଷଣ କରିଥିଲେ। ଏଥିରେ କୋରାପୁଟର ଗଦବା ନୃତ୍ୟ ଓ ରିଂଯୋଡି, କେନ୍ଦୁଝରର ଜୁଆଙ୍ଗ, ନବରଙ୍ଗପୁରର ଢ଼େମସା ଓ ଗଣ୍ଡ ନୃତ୍ୟ,ରାୟଗଡ଼ାର ଡ଼ଙ୍ଗରିଆ କନ୍ଧ,ମୟୁରଭଞ୍ଜ ର ସାନ୍ତାଳୀ, କଳାହାଣ୍ଡିର ଆଦିବାସୀ ନୃତ୍ୟ, ଦଣ୍ଡାଲି, ମାଦଳି ଓ ଥୁଆମୁଲ ରାମପୁରର ଆଦିବାସୀ ବାଦ୍ୟ ବିଚିତ୍ର। ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାହାକି ବେଶ ଚିତାକର୍ଷକ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକି ଉଠିଥିଲା ଏମଏସଏର ରଙ୍ଗ ମଞ୍ଚ। ଅପରାହ୍ଣରେ ଓଡ଼ିଶାର ନୃତ୍ୟ ପରମ୍ପରାକୁ ଆଦିବାସୀ ନୃତ୍ୟର ଅବଦାନ ଉପରେ ଏକ ଆଲୋଚନା ଚକ୍ର ମଧ ଅନୁଷ୍ଠିତ ହୋଇଥିଲା। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କଳାହାଣ୍ଡି ଜିଲା ସଂସ୍କୃତି ପରିଷଦ ଓ ଶୁଭମ୍ ଅନୁଷ୍ଠାନ ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା।

## ଗୁଳି ମାରି ଯୁବକଙ୍କୁ ହତ୍ୟା ଘଟଣା

# ଶବ ଶୋଭାଯାତ୍ରା ବେଳେ ଉତ୍ତେଜନା



ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ସହର ଇନ୍ଦିରା ନଗର ୩ୟ ଲାଇନରେ ଗୁଳିକାଣ୍ଡ କରି ସଦର ରେଲି ସାହିର ଯୁବକ ନିଖିଲ ହାଡ଼ିପାକୁ ଅପହରଣ ପରେ ହତ୍ୟା ଘଟଣାରେ ରାୟଗଡା ସହରରେ ଚାପା ଉତ୍ତେଜନା ଲାଗିରହିଛି । ରବିବାର ରାତିରେ ଶବ ବ୍ୟବଛେଦ ପରେ ପୁଲିସ ପରିବାରକୁ ଶବ ହସ୍ତାନ୍ତର କରିଥିଲେ । ଆଜି ସ୍ଥାନୀୟ ସାହି ବାସିନ୍ଦା ଶବକୁ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ । ଏହି ଶୋଭାଯାତ୍ରାରେ ମଧ ଉତ୍ତେଜନା ଦେଖିବାକୁ ମିଳିଥିଲା । ଉତ୍ୟକ୍ତ ଶୋଭାଯାତ୍ରାକାରୀମାନେ ରାୟଗଡ଼ା ବସ ଷ୍ଟାଣ୍ଡ ନିକଟରେ ଗୋଟିଏ ବାଇକକୁ ନିଆଁ ଲଗେଇ ଦେଇଥିଲେ । ଉତ୍ତେଜନାକୁ ଦେଖି ମୁତୟନ ହୋଇଥିବା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ ।

ମୃତ ନିଖିଲର ବାପା ଶିବା ହାଡ଼ିପା ପୁତ୍ର ନିଖିଲର ହତ୍ୟାକୁ ନେଇ ଗଣମାଧମ ଆଗରେ ପୁଲିସ ବିରୋଧରେ ବର୍ଷିଛନ୍ତି । ଶିବା ଅଭିଯୋଗ କରି କହିଛନ୍ତି ପୁଲିସ ତଦନ୍ତରେ ସହଯୋଗ କରୁନାହିଁ । ଏହି ହତ୍ୟାକାଣ୍ଡରେ ୧୦ରୁ ଉର୍ଦ୍ଧ ଅଭିଯୁକ୍ତ ରହିଛନ୍ତି ଓ ସେମାନଙ୍କ ନାମ ଆମେ ପୁଲିସକୁ କହିଛୁ, କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଶବ ଶୋଭାଯାତ୍ରା ବେଳେ ଉତ୍ୟକ୍ତ ସାହି ବାସିନ୍ଦା ଟାଉନ ଥାନା ଆଗରେ ଶବ ରଖି ପ୍ରତିବାଦ କରିଥିଲେ ।

ସୂଚନାରୁ ଜଣାପଡିଛି, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡ । ସୀମାନ୍ତ ଅଞ୍ଚଳରେ ଗୋଟିଏ ଜୁଆ ଆଡ୍ଡାରୁ କୋଟିଏ ରୁ ଉର୍ଦ୍ଧ ଟଙ୍କାର ସୁନା ଏବଂ ଟଙ୍କା ଲୁଟ ହୋଇଥିଲା । ଜୁଆ ଆଡ୍ଡାରୁ ଲୁଟ ହୋଇଥିବା ଯୋଗୁଁ କେହି ଏତଲା ଦେଇ ନଥିଲେ । ଏହି ଲୁଟ ଘଟଣାରେ ମୃତ ନିଖିଲ ଓ ଅନ୍ୟମାନଙ୍କ ହାତ ରହିଥିବା କୁହାଯାଇଛି । ଜୁଆ ଖେଳକୁ ଆୟୋଜନ କରୁଥିବା କିଛି ବ୍ୟକ୍ତି ମୃତ ନିଖିଲ ଓ ଅନ୍ୟମାନଙ୍କୁ ଲୁଟ କରିଥିବା ଟଙ୍କା ସୁନାକୁ ଫେରାଇବା ପାଇଁ ଚାପ ପକାଉଥିଲେ । କିନ୍ତୁ ନିଖିଲ ଧରାଛୁଆଁ ଦେଉନଥିଲେ। ଗତ ୯ ତାରିଖ ରାତିରେ ନିଖିଲ ସ୍ଥାନୀୟ ବୁଢୁରାବାଲାସା ସାହିରେ ପୂଜା ଦେଖିବାକୁ ଆସିଥିବା ବେଳେ ଦୁର୍ବୃତ୍ତମାନେ ଗୋଡ଼ାଇଥିଲେ । ଇନ୍ଦିରା ନଗର ତୃତୀୟ ଲାଇନରେ ନିଖିଲକୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ । ଗୁଳି ନିଖିଲ ର ଛାତି ଓ ଅଣ୍ଟାରେ ବାଜିଥିଲା ବେଳେ ମୁମୂର୍ଷୁ ଅବସ୍ଥାରେ ନିଖିଲକୁ ଅପହରଣ ପରେ ହତ୍ୟା କରି ତୁମ୍ପିଗୁଡା ନିକଟରେ ମୃତଦେହକୁ ଫିଙ୍ଗି ଦେଇ ଫେରାର ହୋଇ ଯାଇଥିଲେ । ଶୋଭାଯାତ୍ରା ବେଳେ ଥାନାରେ ରାୟଗଡା ଏସ ପି ସୁଶ୍ରୀ ସ୍ୱାଥୀ ଏସ କୁମାର, ଏସ ଡି ପି ଓ ଗୌରହରି ଦାସ, ଆଇ ଆଇ ସି ପ୍ରସନ୍ନ କୁମାର ବେହେରାଙ୍କ ଉପସ୍ଥିତିରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ । ଦୁର୍ବୃତ୍ତମାନଙ୍କୁ ଗିରଫ ପାଇଁ ୪ଟି ପୁଲିସ ଟିମ ଗଠନ ହୋଇଥିବା ବେଳେ ଖୁବ ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ ପି ସ୍ୱାଥୀ ଏସ କୁମାର ଗଣମାଧମକୁ କହିଛନ୍ତି ।

# ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ରବିଋତୁ ଧାନ କିଣା ଆରମ୍ଭ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଆରଏମସି ଅଧୀନରେ ଚଳିତ ବର୍ଷର ରବିଋତୁ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପଦ୍ମପୁର ଉପଜିଲ୍ଲାପାଳ ତଥା ଆରଏମସି ସଭାପତି ହେମସାଗର ଭୋଇ ଆନୁଷ୍ଠାନିକ ଭାବରେ ଧାନ କ୍ରୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ପଦ୍ମପୁର ଆରଏମସି ପକ୍ଷରୁ ମୋଟ ୫୯ଟି ଧାନ କ୍ରୟ କେନ୍ଦ୍ରରେ ରବି ଧାନ କ୍ରୟ କରାଯିବ । ଏହାମଧ୍ୟରୁ ୧୧ଟି ମୁଖ୍ୟ ବଜାର ରହିଥିବା ବେଳେ ୨୫ଟି ସମବାୟ ସମିତି ଧାନ କ୍ରୟ ପ୍ରକ୍ରିୟାରେ ସମ୍ମିଳିତ ହୋଇଛନ୍ତି । ଚାଷୀମାନେ ସୁଚାରୁ ଭାବରେ ଧାନ ବିକ୍ରୟ କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସୁବିଧା ଉପଲବ୍ଧ କରାଯାଇଛି । ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ମଣ୍ଡିଗୁଡିକରେ ଥଣ୍ଡା ପାନୀୟଜଳ, ଚାଷୀଙ୍କ ବସିବା ଓ ବିଶ୍ରାମ ପାଇଁ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି । ସେହିପରି କାଳବୈଶାଖୀ ବର୍ଷା ଓ ଝଡ଼ରୁ ଧାନକୁ ସୁରକ୍ଷା ଦେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଟାର୍ପୋଲିନ ବ୍ୟବସ୍ଥା ରଖାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ । ସେ ଆହୁରି କହିଛନ୍ତି ଯେ, ଚାଷୀମାନଙ୍କୁ ଧାନ ବିକ୍ରୟରେ କୌଣସି ପ୍ରକାର ଅସୁବିଧା ନ ହେବାକୁ ପ୍ରଶାସନ ସତର୍କ ରହିଛି । ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ପାଇଁ ଆରଏମସି ଓ ସମବାୟ ବିଭାଗର କର୍ମଚାରୀମାନେ ମଣ୍ଡିଗୁଡିକରେ ନିୟୋଜିତ ହୋଇଛନ୍ତି । ଚାଷୀମାନେ ସମୟ ମଧ୍ୟରେ ନିଜ ଧାନ ବିକ୍ରୟ କରି ଯଥୋଚିତ ମୂଲ୍ୟ ପାଇବେ ବୋଲି ପ୍ରଶାସନ ଆଶା ପ୍ରକାଶ କରିଛି ।ଏହି ଅବସରରେ ଆରଏମସି ସମ୍ପାଦକ ରବିନାରାୟଣ ପଣ୍ଡା, ସହକାରୀ ନିବନ୍ଧକ ଗୋପାଳ ପୃଷେଠ, ୟାର୍ଡମ୍ୟାନ ସମରେନ୍ଦ୍ର ପଣ୍ଡା, ବାସୁଦେବ ମିଶ୍ର, ବିନୋଦ ସାହୁ, ସୁଦୀପ୍ତ କୁମାର ମହାନ୍ତି, ରବିନ୍ଦ୍ର ବୁଢ଼ିଆ ସହ ଅନ୍ୟାନ୍ୟ କର୍ମଚାରୀ ଓ ସମବାୟ ସମିତିର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ମାଓ ବଙ୍କର ଠାବ, ବନ୍ଧୁକ ଓ ବୋମା ତିଆରି ସାମଗ୍ରୀ ଜବତ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଗାଙ୍ଗଲୁର ଥାନା ଅନ୍ତର୍ଗତ ଡୋଡିତୁମନାର ଜଙ୍ଗଲରୁ ସୁରକ୍ଷାକର୍ମୀ ମାଓବାଦୀଙ୍କ ଏକ ବଡ ବଙ୍କରକୁ ଠାବ କରିଛନ୍ତି। ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଓ ସର୍ଚ୍ଚ ଅପରେସନ୍ କାର୍ଯ୍ୟକ୍ରମ ଚାଲିଛି। ସୋମବାର ମଧ ପୁଲିସ ଏବଂ ସୁରକ୍ଷାକର୍ମୀ ଡୋଡିତୁମନାର ଜଂଗଲରେ ପଶିଥିଲେ। ସର୍ଚ୍ଚ ଅପରେସନ ବେଳେ ଜଂଗଲର ମଝିରେ ମାଟି ତଳେ ବଙ୍କର କରି ମାଓବାଦୀ ବହୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଲୁଚାଇ ରଖିଥିଲେ। ପ୍ରଶିକ୍ଷିତ ଯବାନଙ୍କ ଏକ ଟିମ୍ ଅତି ସତର୍କତାର ସହ ବଙ୍କରରେ ପଶି ମାଓ ସାମଗ୍ରୀକୁ ଜବତ କରିଥିଲେ। ବଙ୍କରରୁ ବିଜିଏଲ ଲଞ୍ଚର, ବିଦ୍ୟୁତ ତାର, ଡିଟୋନେଟର, ସୋଲାର ପ୍ଲେଟ, ବ୍ୟାଟେରି, ଓ୍ୱେଲଡିଂ ମେସିନ ସମେତ ଅନ୍ୟ ବନ୍ଧୁକ ତିଆରି ଯନ୍ତ୍ରପାତି ମଧ ରହିଥିବା ଜଣାପଡିଛି। ତେବେ ଏହି ବଙ୍କରରେ ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ବୋମା ପ୍ରସ୍ତୁତ ପାଇଁ ଅତ୍ୟାଧୁନିକ ସାମଗ୍ରୀ ରଖାଯାଇଥିଲା। ଯାହା ପରବର୍ତ୍ତୀ ସମୟରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ରଖାଯାଇଥିବା ପୁଲିସ କହିଛି। ସେହି ଜଂଗଲର ଅନ୍ୟ ସ୍ଥାନମାନଙ୍କରେ ମଧ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରୁଥିବା କୁହାଯାଇଛି। ଜଂଗଲରେ ନକ୍ସଲ ବିଭିନ୍ନ ସ୍ଥାନରେ ଡମ୍ପ କରି ମାଓ ସାମଗ୍ରୀ ଲୁଚାଇ ରଖିଛନ୍ତି। ଏଥିସହ ଜଂଗଲର ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ମଧ ଖଞ୍ଜିଛନ୍ତି। ଯାହାକୁ ସୁରକ୍ଷାକର୍ମୀମାନେ କ୍ରମାଗତ ଭାବେ ଯାଞ୍ଚ କରି ନିଷ୍କ୍ରିୟ କରୁଛନ୍ତି।

# ବେକରେ ଶାଢ଼ି ଦେଇ ନାବାଳିକାଙ୍କ ଆତ୍ମହତ୍ୟା

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅଧୀନସ୍ଥ ମହୁଲିପାଲି ଡୁମାବାହାଲ ଗ୍ରାମରେ ରବିବାରି ବିଳମ୍ବିତ ରାତିରେ ଜଣେ ୧୬ ବର୍ଷୀୟା ନାବାଳିକା ନିଜ ଘରେ ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ଘଟଣା ଘଟିଛି। ସୂଚନାନୁସାରେ, ଘରେ ସମସ୍ତେ ଖାଇପିଇ ଶୋଇଯିବା ପରେ ନାବାଳିକା ଏହି ଚରମ ପଦକ୍ଷେପ ନେଇଥିଲେ। ପରିବାର ଲୋକେ ସକାଳେ ଘଟଣା ବିଷୟରେ ଜାଣିବାବେଳେ ତାଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ସନ୍ଦର୍ଭରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକା କାହିଁକି ଏପରି ଚରମ ପଦକ୍ଷେପ ନେଲେ, ସେଥିନେଇ ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ।

# ବିନକାରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବିନକା ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମହଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ କୁମାର ରଣା ଯୋଗଦେଇ ଜନସାଧାରଣ ଜନତାଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ । ୧୦୫ ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୭୮ (ଅଠସ୍ତରୀ)ଟି ବ୍ୟକ୍ତିଗତ ଓ ୨୭ ଟି ସାମୁହିକ ଦରଖାସ୍ତ ଥିଲା । ଶୁଣାଣି ସମୟରେ ୨୫ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଏହି ଅବସରରେ ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କାଳିଆ ମଲ୍ଲିକ, ତହସିଲଦାର ରଶନା ଭୋଇ, ସହାୟକ କଲେକ୍ଟର (ଅଭିଯୋଗ) ପ୍ରିୟଦର୍ଶିନୀ ସାହୁଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର

# ୫୩୪ କେଜି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ

ନୂଆପଡ଼ା,(ସବ୍ୟୁ): ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଖଡ଼ିଆଳସ୍ଥିତ କଲ୍ୟାଣ ମଣ୍ଡପ-୨ ଠାରେ ଏକ ଜିଲ୍ଲାସ୍ତରୀୟ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର ଓ ସ୍ୱଚ୍ଛତା ଅଭିଯାନ' ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ବଲାଙ୍ଗିର ଆଞ୍ଚଳିକ କାର୍ଯ୍ୟାଳୟ)ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନବନୀତା ଦାଶ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବବିତା ସିଂ ଆଞ୍ଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅଜିଜ ଖାନ ଖଡିଆଲ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ), ପ୍ରଶାନ୍ତ କୁମାର ମହାନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ, ମିଲନ କୁମାର ଝଙ୍କାର ବିଡ଼ିଓ , ତହସିଲଦାର ନରସିଂହ ଗଡବା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକ, 'ୟାର' ସଂସ୍ଥାର ମୁଖ୍ୟ ମହେନ୍ଦ୍ର ଯୋଶୀ, ପ୍ୟାନେଲ ଓକିଲ ଆଲୋକ ତିଓ୍ୱାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରିଥିଲେ। ନୂତନ ନିୟମାବଳୀ ଓ ଆଇନଗତ ସଚେତନତା ସମ୍ବନ୍ଧରେ ବକ୍ତାମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନୂତନ ଭାବେ ଲାଗୁ ହୋଇଥିବା 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ -୨୦୨୬' ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି, ବର୍ଜ୍ୟବସ୍ତୁର ପୃଥକୀକରଣ, ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ କରିବା।

ଏହି ଅବସରରେ ପରିବେଶ ସୁରକ୍ଷାକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯେଉଁଥିରେ ଖଡ଼ିଆଳ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସଚେତନତା ଶିବିର ଶେଷରେ ଏକ ବିଶାଳ ସ୍ୱଚ୍ଛତା ଅଭିଯାନ ଚଳାଯାଇଥିଲା। ସଫେଇ ମିତ୍ର, ଅଧିକାର ମିତ୍ର ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟାରେ ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ୫୩୪ କେଜି ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମଟି ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା ଦିଗରେ ଏକ ନୂତନ ଜାଗରଣ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବର୍ଷକରେ ୩୦୯୦ ଅଗ୍ନିକାଣ୍ଡ, ୩୫୦ ହେକ୍ଟର ଜମି କ୍ଷତିଗ୍ରସ୍ତ



ସୁନ୍ଦରଗଡ଼,(ସବ୍ୟୁ): ଗ୍ରୀଷ୍ମ ଦିନରେ ତାପମାତ୍ରା ବଢ଼ିବା ସହିତ ଜଙ୍ଗଲ ଓ ଅଣ-ଜଙ୍ଗଲ ଜମିରେ ନିଆଁ ଲାଗିବା ନିତିଦିନିଆ ହେଲାଣି। ଏହି କ୍ରମରେ ଜିଲ୍ଲାରେ ତିନି ବନଖଣ୍ଡ ଯଥା,-ରାଉରକେଲା ସୁନ୍ଦରଗଡ଼ ଓ ବଣାଇ ବନଖଣ୍ଡ ଅଧିନସ୍ଥ ବିଭିନ୍ନ ସ୍ଥାନରେ ନିଆଁ ଲାଗିବା ଘଟଣା, ଏବେ ଏକ ବଡ଼ ସମସ୍ୟା ପାଲଟିଛି। ଅବଶ୍ୟ ନିଆଁ ଲାଗିବା ପଛରେ ଏକାଧିକ ମନୁଷ୍ୟକୃତ କାରଣଗୁଡ଼ିକ ରହିଛି। କେବଳ ଗତ ବର୍ଷକରେ ଜିଲ୍ଲାରେ ୩୦୯୦ଟି ସ୍ଥାନରେ ନିଆଁ ଲାଗିଥିଲା। ଏଥିରେ ୩୪୮.୪୮ ହେକ୍ଟର ଜମି କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଗତବର୍ଷ, ଜିଲ୍ଲାର ବିଭିନ୍ନ ବନଖଣ୍ଡର ସଂରକ୍ଷିତ ଜଙ୍ଗଲର ୨୨୫୧ ସ୍ଥାନରେ ନିଆଁ ଲାଗିଥିବାବେଳେ ୮୩୯ଟି ଅଣ-ଜଙ୍ଗଲ ସ୍ଥାନରେ ନିଆଁ ଲାଗିଥିବା ରେକର୍ଡ କରାଯାଇଥିଲା। ତେବେ ସୁନ୍ଦରଗଡ଼ ବନଖଣ୍ଡ ଅଧିନରେ ସର୍ବାଧିକ ଅଗ୍ନିକାଣ୍ଡ ଘଟଣା ଦେଖିବାକୁ ମିଳିଥିଲା। ସୁନ୍ଦରଗଡ଼ ବନଖଣ୍ଡରେ ମୋଟ୍ ୧୫୭୭ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ବଣାଇରେ ୧୦୦୯ ଓ ରାଉରକେଲାରେ ୫୦୪ଟି ସ୍ଥାନରେ ନିଆଁ ଲାଗିଥିଲା। ସେହିଭଳି ସୁନ୍ଦରଗଡ଼ ବନଖଣ୍ଡରେ ସର୍ବାଧିକ ଜମି, ଅର୍ଥାତ୍ ୨୫୪.୮୨ ହେକ୍ଟର ଜମି ନଷ୍ଟ ହୋଇଥିବାବେଳେ ବଣାଇରେ ୭୨.୬୭ ହେକ୍ଟର ଓ ରାଉରକେଲାରେ ୧୦.୯୯ ହେକ୍ଟର ଜମି ପ୍ରଭାବିତ ହୋଇଥିଲା।

ଅଗ୍ନିକାଣ୍ଡ ରୋକିବାକୁ ବନବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ବିଶେଷକରି ଅଗ୍ନିଶମ ସେବା କର୍ମଚାରୀ ନିୟୋଜନ, ଫାୟାର ଲାଇନ୍ ସୃଷ୍ଟି, ଅତ୍ୟାଧୁନିକ ଯନ୍ତ୍ରପାତି ଯଥା,-'ଲିଫ୍ ବ୍ଲୋଅର', ଯାନବାହନ ସମେତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ସାଟେଲାଇଟ୍ ମନିଟରିଂ ସିଷ୍ଟମ୍ ମାଧ୍ୟମରେ ନଜର ରଖାଯାଉଛି। ଏହା ସତ୍ତ୍ୱେ ଘଞ୍ଚ ଜଙ୍ଗଲ ଓ ମାନବୀୟ କାରଣରୁ ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତି ବୃଦ୍ଧି ପାଉଛି ସିନା କମିବାର ନାଁ ନେଉନି।

# ସ୍କୁଟିକୁ ଧକ୍କା ଦେଲା ଟ୍ରେଲର୍, ଦମ୍ପତି ଗୁରୁତର

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲାର ହେମଗିର ଥାନା ଅନ୍ତର୍ଗତ ଗର୍ଜନବାହାଲ ନିକଟରେ ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗତି ଟ୍ରେଲର୍ ସ୍କୁଟିକୁ ଧକ୍କା ଦେଇଥିବାରୁ ସେଥିରେ ଥିବା ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ହେମଗିରର ବିଶ୍ୱନାଥପୁର ଅଞ୍ଚଳର ଏହି ଦମ୍ପତି ସ୍କୁଟିରେ ଯାଉଥିବାବେଳେ ସାମ୍ନାପଟୁ ଆସୁଥିବା ଏକ ଟ୍ରେଲର୍ ହଠାତ୍ ସ୍କୁଟିକୁ ଧକ୍କା ଦେଇଥିଲା। ଧକ୍କା ପରେ ଟ୍ରେଲରର ଏକ ଚକ ଦମ୍ପତିଙ୍କ ଉପରେ ଚଢ଼ିଯାଇଥିବାରୁ ଦୁହେଁ ଗୁରୁତର ଭାବେ ଆହତ ହୋଇଛନ୍ତି। ଘଟଣାରେ ମହିଳାଙ୍କ ହାତ ଭାଙ୍ଗିଯାଇଥିବାବେଳେ ପୁରୁଷଙ୍କ ହାତ ପାପୁଲି ଗୁରୁତର ଭାବେ ଚୂନା ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁଲିସ ତୁରନ୍ତ ଉଦ୍ଧାର କାର୍ଯ୍ୟ କରି ଆହତ ଦମ୍ପତିଙ୍କୁ ହେମଗିର ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣା ପରେ ଟ୍ରେଲର୍ ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ଦୁଇଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ସହ ସଡ଼କ ସୁରକ୍ଷା ନେଇ ପୁଣି ଥରେ ପ୍ରଶ୍ନ ଉଠିଛି।

# କଂଗ୍ରେସର ମଶାଲ ଶୋଭାଯାତ୍ରା




ନର୍ଲା,(ସବ୍ୟୁ): ନର୍ଲା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଉଚ୍ଛବ ସାହୁଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ଚୁଳମଣି ଗୌଡ଼ିଆଙ୍କ ପୌରହିତ୍ୟରେ ନର୍ଲା ପୂର୍ତ୍ତ ବିଭାଗ ବଙ୍ଗଳା ଠାରୁ ବ୍ଲକ ଯାଏଁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳା ସଶକ୍ତୀକରଣ ଓ ରାଜନୈତିକ ଭାଗିଦାରୀ ଉପରେ ସବୁବେଳେ କଂଗ୍ରେସ ଗୁରୁତ୍ୱ ଦେଇ ଆସିଛି ବୋଲି ଜୋର ଦେଇ କହିବା ସହ ମହିଳାଙ୍କ ମର୍ଯ୍ୟାଦା ପ୍ରତି ସାମାନ୍ୟ ସମ୍ମାନ କିମ୍ବା ଦରଦ ନ ଥିବା ବିଜେପି ତୁଛାଟାରେ ନାଟକ କରୁଛି ବୋଲି ଉପସ୍ଥିତ ବକ୍ତା କହିଛନ୍ତି। ୨୦ ସେପ୍ଟେମ୍ବର ୨୦୨୩ରେ ମହିଳା ସଂରକ୍ଷଣ ବିଲ ସଂସଦରେ ପାସ ହୋଇ ସାରିଥିବାବେଳେ ତାହା କାର୍ଯ୍ୟକାରୀ ନକରି ଏବେ ସୀମା ପୁନଃ ନିର୍ଦ୍ଧାରଣ ବିଲ ଗୃହୀତ କରାଇ ନେବା ହିଁ ବିଜେପିର ଘୃଣ୍ୟ କସରତ ଥିଲା ବୋଲି କଂଗ୍ରେସ କହିଛି। ଜନ ସଂଖ୍ୟାକୁ ଆଧାର କରି ଏକ ମତଭେଦ ପୂର୍ଣ୍ଣ ଯୋଜନା ମାଧ୍ୟମରେ ଓଡ଼ିଶା ପରି କିଛି ରାଜ୍ୟକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରାଯାଉଛି । ୨୦୨୩ରେ କଂଗ୍ରେସ ସମେତ ପ୍ରାୟ ସବୁ ଦଳ ଏହାକୁ ସମର୍ଥନ କରି ଗୃହୀତ କରାଇଥିଲେ। ମାତ୍ର ସରକାର ୨୦୨୪ ନିର୍ବାଚନରେ ତାକୁ କାର୍ଯ୍ୟକାରୀ କଲେ ନାହିଁ କାହିଁକି । ତେଣୁ ୫୪୩ ଆସନ ମଧ୍ୟରୁ ୧୮୧ ମହିଳାଙ୍କୁ ପ୍ରତିନିଧିତ୍ୱ କରିବାକୁ କିଏ ବଂଚିତ କରିଛି ବୋଲି ପ୍ରଶ୍ନ ଉଠିଛି । ୨୦୧୦ ମସିହାରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ୩୩ ପ୍ରତିଶତ ସଂରକ୍ଷଣ ବିଲ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ରାଜ୍ୟସଭାରେ ୧୦୮ ତମ ସମ୍ବିଧାନ ସଂଶୋଧନ ବିଲ ପାସ କରାଇଥିବା ବିଜେପି ଭୁଲି ଗଲା କିପରି । ଏହି ବିଲ ଉପରେ ବିତର୍କରେ ଭାଗ ନେଇ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧି ଯାହା ଉପସ୍ଥାପନ କରିଥିଲେ ତାହା ଯଥାର୍ଥ ବୋଲି କହିଛନ୍ତି ନର୍ଲା କଂଗ୍ରେସ ପ୍ରଭାରୀ ଶ୍ରୀ ସାହୁ । ଶୋଭାଯାତ୍ରାରେ ନର୍ଲା ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ବ୍ଲକ ସଭାପତି ସହ ବରିଷ୍ଠ କଂଗ୍ରେସ ନେତା ଅନିରୁଦ୍ଧ ବିଶ୍ୱାଳ, କୁମୁଦ ନାଏକ, ସୁଦାମ ପଧାନ, ବୀର କିଶୋର ମାଝୀ, ତନୁ ମାଝୀ, ଡୋଳାଧର ଜାନୀ, ଉଦିତ ମହାଲିକ, ମମତା ସେନାପତି, ନିର୍ମଳା ମହାନନ୍ଦ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ମହିଳା କଂଗ୍ରେସର କର୍ମକର୍ତ୍ତା, ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ର ସହ କିଛି କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ରବି ଋତୁରେ ଜମି ତୁଳନାରେ କମ ଧାନ ଟୋକନ

# ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କଣ୍ଡପଲା, ଭୁକ୍ତା ଓ ଲଖନପୁର ସୋସାଇଟିରେ ରବି ଋତୁର ଧାନ କ୍ରୟ ପାଇଁ ଟୋକନ ବଣ୍ଟନକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମିଳିଥିବା ସୂଚନାନୁସାରେ, ମୋଟ ୨୩୬୬ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ସମସ୍ତଙ୍କୁ ଟୋକନ ମିଳିନାହିଁ। କଣ୍ଡପଲା ସୋସାଇଟିରେ ୯୬୩ ଜଣ ମଧ୍ୟରୁ ୮୮୯ ଜଣଙ୍କୁ ଟୋକନ ମିଳିଥିବାବେଳେ ୭୪ ଜଣ ବଞ୍ଚିତ ହୋଇଛନ୍ତି। ସେହିପରି ଭୁକ୍ତା ସୋସାଇଟିରେ ୯୦୧ ଜଣ ମଧ୍ୟରୁ ୮୦୫ ଜଣଙ୍କୁ ଟୋକନ ମିଳିଥିବାବେଳେ ୯୬ ଜଣ ବାଦ ପଡ଼ିଛନ୍ତି। ଲଖନପୁର ସୋସାଇଟିରେ ୫୦୨ ଜଣ ମଧ୍ୟରୁ ୪୭୪ ଜଣଙ୍କୁ ଟୋକନ ମିଳିଥିବାବେଳେ ୨୮ ଜଣ ବଞ୍ଚିତ ହୋଇଛନ୍ତି। ଏଭଳି ମୋଟ ୧୯୮ ଜଣ ଚାଷୀ ଟୋକନରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଏହି ବଞ୍ଚିତ ଚାଷୀମାନେ ପୁଣି ଗତ ଖରିଫ ଋତୁର ୧୧୩ ଜଣ ଚାଷୀଙ୍କ ପରି ଅଫିସରୁ ଅଫିସ ଘୁରିବେ କି? ଏନେଇ ଜିଲ୍ଲା ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଦାବି ହେଉଛି। ଲଖନପୁର ସୋସାଇଟିର ଚକ୍ରାମାଲ ଗ୍ରାମର ଚାଷୀ ସନ୍ତୋଷ ସାହୁ ଅଭିଯୋଗ କରିଛନ୍ତି ଯେ, ସେ ଜଳସେଚନ ସୁବିଧା ସହ ୧.୯୦ ଡିସିମିଲ ଜମିରେ ଧାନ ଚାଷ କରିଥିଲେ, କିନ୍ତୁ ତାଙ୍କୁ କେବଳ ୧୧.୭୦ କ୍ୱିଣ୍ଟାଲ ଟୋକନ ମିଳିଛି, ଯେଉଁଥିରେ ୨୭ କ୍ୱିଣ୍ଟାଲ ମିଳିବା କଥା ଥିଲା।ଅନ୍ୟ ପକ୍ଷରେ, କଣ୍ଡପଲା ସୋସାଇଟିର ମୁଛମଳଦା ଗ୍ରାମର ରାଧେଶ୍ୟାମ ସାହୁ ଗୋଟିଏ ହେକ୍ଟର ଜମିରେ ଚାଷ କରିଥିଲେ ମଧ ତାଙ୍କୁ ମାତ୍ର ୨ କ୍ୱିଣ୍ଟାଲ ୮୬ କେଜି ଧାନର ଟୋକନ ମିଳିଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଚାଷୀଙ୍କୁ ପର୍ଯ୍ୟାୟକ୍ରମେ ଟୋକନ ମିଳୁଥିବା ବେଳେ, ଦୋଲଗୋବିନ୍ଦ ସାହୁ (୧୯ କ୍ୱିଣ୍ଟାଲ), ଜୀବର୍ଦ୍ଧନ ମେହେର (୪୧.୩୪ କ୍ୱିଣ୍ଟାଲ), ଗଜେନ୍ଦ୍ର ବେହେରା (୩୬.୬୬ କ୍ୱିଣ୍ଟାଲ) ଓ ଶୋଭାରାମ ସାହୁ (୧୫.୦୮ କ୍ୱିଣ୍ଟାଲ) ଟୋକନ ପାଇଥିବା ଜଣାପଡ଼ିଛି। ଏହାସହିତ, ବର୍ତ୍ତମାନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚାଷୀମାନେ ମଣ୍ଡିରେ ଥଣ୍ଡା ପାଣି, ଗ୍ଲୁକୋଜ, ଔଷଧ, ତାରପୋଲିନ ଓ ଆଶ୍ରୟ ସ୍ଥଳୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏପର୍ଯ୍ୟନ୍ତ ଜିଲ୍ଲା ଯୋଗାଣ ବିଭାଗ ତରଫରୁ କେଉଁ ମିଲକୁ କେତେ ପରିମାଣରେ ଧାନ କ୍ରୟ ଅନୁମତି ମିଳିଛି ତାହା ସ୍ପଷ୍ଟ ହୋଇନଥିବାରୁ ସୋସାଇଟିମାନେ ମଧ ଅସମଞ୍ଜସରେ ରହିଛନ୍ତି।ଛବାରପାହାଡ କୃଷକ ସଂଗଠନ ସଭାପତି ଇଶାନ ଚନ୍ଦ୍ର ଭୋଇ କହିଛନ୍ତି ଯେ, ପ୍ରଥମେ ଖରିଫ ଋତୁରେ ବଞ୍ଚିତ ୧୧୩ ଜଣ ଚାଷୀଙ୍କ ଧାନ କ୍ରୟ କରାଯିବା ଉଚିତ ଓ ରବି ଋତୁରେ ବଞ୍ଚିତ ୧୯୮ ଜଣ ଚାଷୀଙ୍କୁ ଶୀଘ୍ର ଟୋକନ ଦେବା ସହ ଜମି ତୁଳନାରେ କମ ଟୋକନ ମିଳିଥିବା ଚାଷୀଙ୍କ ମାମଲାର ସଂଶୋଧନ କରି ବଳକା ଧାନ ବିକ୍ରୟକୁ ଅନୁମତି ଦେବା ଆବଶ୍ୟକ।

# ଘରେ ଶୋଇଥିବା ବେଳେ ନିଆଁରେ ବୃଦ୍ଧ ଜୀବନ୍ତଦଗ୍ଧ



ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଥାନା ଅନ୍ତର୍ଗତ ଛୋଟଅନକି ଗାଁରେ ଏକ ଦୁଃଖଦ ଅଗ୍ନିକାଣ୍ଡ ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡରେ ଜୀବନ୍ତ ଦଗ୍ଧ ହୋଇଥିବା ବୃଦ୍ଧ ଜଣକ ହେଉଛନ୍ତି ସେହି ଗାଁର ୬୫ ବର୍ଷୀୟ ସୁନ୍ଦରମଣି ଭୋଇ। ମିଳିଥିବା ସୂଚନା ଅନୁସାରେ ଛୋଟଅନକି ଗାଁର ସୁନ୍ଦରମଣି ଭୋଇ ଓ ତାଙ୍କ ସ୍ତ୍ରୀ ଛୋଟଅନକି ଛକ ନିକଟରେ ଘର କରି ରହୁଥିଲେ । ପେଟ ପାଟଣା ପାଇଁ ଉଭୟ ଗୋଟିଏ ଦୋକାନ କରିଥିଲେ ।ହେଲେ ସୋମବାର ଅପରାହ୍ନ ପ୍ରାୟ ୫ ଟା ସମୟରେ ହଠାତ ନିଆଁ ଲାଗି ଘର ଜଳିବାରେ ଲାଗିଥିଲା । ସୁନ୍ଦରମଣି ଭୋଇ ଘର ଭିତରେ ଶୋଇଥିବା କାରଣରୁ ସେ ବାହାରକୁ ବାହାରି ପାରିନଥିଲେ ଏବଂ ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଝାରବନ୍ଧ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ନିଆଁ ଲାଗିବା କାରଣ ସ୍ପଷ୍ଟ ଭାବରେ ଜଣା ପଡି ନାହିଁ । ଶବ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

# ନିଖିଲ ହତ୍ୟାକୁ ନେଇ ଉତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ଡିଆଇଜିଙ୍କ ସମୀକ୍ଷା

ରାୟଗଡା,(ସବ୍ୟୁ): ନିଖିଲ ହତ୍ୟାକାଣ୍ଡକୁ ନେଇ ରାୟଗଡା ସହରରେ ଉତ୍ତେଜନା ଲାଗି ରହିଛି। ଆଜି ଉତ୍ୟକ୍ତ ଲୋକେ ନିଖିଲଙ୍କ ଶବକୁ ଧରି ସହରରେ ଶୋଭାଯାତ୍ରା କରିଥିବା ବେଳେ ସନ୍ଧ୍ୟାରେ ରୋହିତ କଲୋନୀସ୍ଥିତ ଉମେଶ ହିଆଲଙ୍କ ଘରେ ପସି ଭଙ୍ଗାରୁଜା କରିଥିବା ଘଟଣା ସାମ୍ନାକୁ ଆସିଛି। ହତ୍ୟାକାଣ୍ଡରେ ଉମେଶ ହିଆଲ ମୁଖ୍ୟ ସୂତ୍ରଧାର ବୋଲି ନିଖିଲଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ଉମେଶଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଉତ୍ୟକ୍ତ ଲୋକେ ଘରେ ପସି ଆସବାବପତ୍ର ଭାଙ୍ଗିବା ସହ ସିସିଟିଭି କ୍ୟାମେରାକୁ ମଧ ନଷ୍ଟ କରିଦେଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉମେଶ ହିଆଲଙ୍କ ଘର ଆଗରେ ପୁଲିସ ମୁତୟନ କରାଯାଇଛି। ଏପଟେ ଚର୍ଚ୍ଚିତ ହାଡପା ନିଖିଲ ହତ୍ୟାକାଣ୍ଡ ଘଟଣାରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଲ ସିଂ ଆଜି



ସମୀକ୍ଷା କରିଛନ୍ତି। ଘଟଣାକୁ ପୁଲିସ ଅତ୍ୟନ୍ତ ଗୁରୁତର ଭାବେ ନେଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ମୋଟ ୬ଟି ଟିମ୍ ଗଠନ କରାଯାଇଛି। ଭୁବନେଶ୍ବରର ସାଇବର ଏକ୍ସପର୍ଟଙ୍କ ସହାୟତା ନିଆଯାଉଥିବା ବେଳେ ତଦନ୍ତକାରୀ ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ତନାଘନା ଆରମ୍ଭ କରିଛି ବୋଲି ଡିଆଇଜି ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ଅନେକ ଅଭିଯୁକ୍ତ ଏବଂ ସୂତ୍ରଧାରଙ୍କ ସମ୍ପୃକ୍ତି ଥିବା ପୁଲିସ କହିଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଜଣାପଡ଼ିଛି। ସେହିପରି ରାୟଗଡା ସହରକୁ କେଉଁ ଆଡୁ ମାରଣାସ୍ତ୍ର ଆସୁଛି ସେନେଇ ଜିଲ୍ଲାରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ।ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରି ଆସନ୍ତା ୧୫ ଦିନ ମଧରେ ସମସ୍ତଙ୍କୁ ଜାତୀୟ ସୁରକ୍ଷା ଆଇନ ଅନୁଯାୟୀ ଗିରଫ କରାଯିବ ବୋଲି ଡିଆଇଜି କନଓ୍ୱର ବିଶାଲ ସିଂ ସୂଚନା ଦେଇଛନ୍ତି।ଅନ୍ୟପକ୍ଷରେ, ସହରରେ ଆଇନଶୃଙ୍ଖଳା ରକ୍ଷା ପାଇଁ ୧୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ଦେଇଛନ୍ତି।

## ହାତୀପଲ ପାଇଁ ଅଘୋଷିତ ବିଦ୍ୟୁତ୍ କାଟ

# ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ, ଗ୍ରୀଡ ଘେରାଉ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳକୁ ଆସି ଦୀର୍ଘ ଦୁଇବର୍ଷ ଧରି ରହିଯାଇଥିବା ବଣୁଆ ହାତୀପଲ ସମ୍ପୂର୍ଣ୍ଣ ଆତଙ୍କ ସୃଷ୍ଟି କରୁଛନ୍ତି । ହାତୀପଲ ରହୁଥିବା ବିଭିନ୍ନ ଗ୍ରାମଗୁଡିକରେ କଦଳୀ ଚାଷ, ଧାନ ଚାଷ ଓ ପନିପରିବାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଥିବାରୁ ଚାଷୀମାନେ ଅଭିଯୋଗ କରି କ୍ଷତିପୂରଣ ଦେବାକୁ ଦାବୀ କରୁଛନ୍ତି। ଏହାକୁ ନେଇ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହାତୀପଲ ରହୁଥିବା ଅଞ୍ଚଳରେ ବିଦ୍ୟୁତ କାଟ କରାଯାଉଥିବାରୁ ଅଞ୍ଚଳରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ରେଞ୍ଜ ଅଞ୍ଚଳରେ ଥିବା ୨୩ଟିକିଆ ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ପ୍ରତିଦିନ ଭିନ୍ନ ଭିନ୍ନ ଗାଁକୁ ଯାଉଥିବାରୁ ହାତୀର ଗତିବିଧି ଉପରେ ନିରୀକ୍ଷଣ କରିବା ପାଇଁ ବନବିଭାଗକୁ ଓ ବିଦ୍ୟୁତ କାଟ ପାଇଁ ବିଦ୍ୟୁ ବିଭାଗକୁ ମଧ ନାକେଦମ୍ ହେବାକୁ ପଡୁଛି। ଅନ୍ୟପକ୍ଷରେ ହାତୀପଲ ପାଇଁ ଗୁଡିଘାଟ ଗ୍ରିଡରୁ ବିଭିନ୍ନ ଗାଁର ସାମୟିକ ବିଦ୍ୟୁତ୍ କାଟ କରାଯାଉଥିବାରୁ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଲୋକେ ରାତିସାରା ଶୋଇ ପାରୁନଥିବା ଅଭିଯୋଗ କରୁଛନ୍ତି। ହାତୀପଲ ଯେଉଁଆଡ଼େ ଅଛନ୍ତି ସେପଟେ ବିଦ୍ୟୁତ୍ କାଟ କରି ଅନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ଦେବା ପାଇଁ ଦାବି କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏହାରି ପ୍ରତିବାଦରେ ସୋମବାର ରାତି ୭ଟାରେ ବ୍ଲକର ବଡ଼ସାଇମରା, ଇଚ୍ଛାପଡ଼ା, ଚଲକୀ ଓ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ବିଦ୍ୟୁତ ଉପଭୋକ୍ତାମାନେ ଗୁଡିଘାଟ ବିଦ୍ୟୁ ଗ୍ରିଡ୍ ଘେରାଉ କରିଥିଲେ।ଏହା ସହିତ ବଲାଙ୍ଗିର – ଖଡ଼ିଆଳ ମୁଖ୍ୟରାସ୍ତା ମଧ ଅବରୋଧ କରିଥିଲେ। ମୁରିବାହାଲ ଥାନା ପୁଲିସ,ବିଦ୍ୟୁତ୍ ବିଭାଗ ଓ ବନବିଭାଗ ଅଧିକାରୀମାନେ ଘଟଣା ସ୍ଥଳକୁ ପହଞ୍ଚି ଆଲୋଚନା କରି ଏହାର ସମାଧାନ ପ୍ରତିଶ୍ରୁତି ଦେବା ପରେ ଘେରାଉ ଓ ରାସ୍ତା ଅବରୋଧ ସ୍ଥଗିତ ରହିଥିଲା।

# ଦାଦନ ଶ୍ରମିକର ମୃତ୍ୟୁ

କଣ୍ଟାବାଞ୍ଜି,(ସବ୍ୟୁ): ଦାଦନ ଶ୍ରମିକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । କଣ୍ଟାବାଞ୍ଜି ରେଳ ଷ୍ଟେସନରେ ପଡ଼ିଛି ଦାଦନ ଶ୍ରମିକର ମୃତ ଦେହ । ମୃତ ଦାଦନ ଶ୍ରମିକ ଜଣକ ହେଲେ ଖପ୍ରାଖୋଲ ଥାନା ଅନ୍ତର୍ଗତ ଭରୁଆମୁଣ୍ଡା ଗାଁର ଲୋକନାଥ ମାଝୀ। ଲୋକନାଥ ସହ ପରିବାରରୁ ସ୍ତ୍ରୀ ଦୁଇ ପିଲା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ତେବେ ସୋମବାର ବିଜୟନଗରମରୁ ପାସେଞ୍ଜର ଟ୍ରେନ ଯୋଗେ ଆସିବା ବେଳେ ମୁରିବାହଲ ଷ୍ଟେସନ ପାଖରେ ଟ୍ରେନ ଭିତରେ ହିଁ ଅସୁସ୍ଥ ହୋଇ ମୃତ୍ୟ ହୋଇଥିବା ପରିବାର ବର୍ଗ କହିଛନ୍ତି । ପରିବାରରେ ସ୍ତ୍ରୀ ଓ ଦୁଇଟି ପିଲା ମଧ ସାଙ୍ଗରେ ଅଛନ୍ତି । ତେବେ ଘଟଣା ସ୍ଥଳରେ ପହଞ୍ଚିଜିଆରପି ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡିଛି ।

# ସମ୍ବଲପୁର ଜିଲ୍ଲା ପ୍ରତି ଥାନାରେ ବ୍ରିଫିଂ ପରେଡ୍

ସମ୍ବଲପୁର,(ସବ୍ୟୁ): ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡା ନଜର ରଖିବା ପାଇଁ ବ୍ରିଫିଂ ପରେଡ୍ ପ୍ରତ୍ୟହ କରିବାକୁ ଡିଜିପିଙ୍କ କଡା ନିର୍ଦ୍ଦେଶ ରହିଛି। ଏଭଳିସ୍ଥଳେ ସମ୍ବଲପୁର ଜିଲ୍ଲାର ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ ସୋମବାର ବ୍ରିଫିଂ ମନିଟରିଂ କରିଛନ୍ତି। ସମ୍ପୃକ୍ତ ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧପ୍ରବଣ ଅଞ୍ଚଳ, ଅପରାଧୀଙ୍କ ଚଳନ ଏବଂ ଚାଲୁଥିବା ତଦନ୍ତ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କ ଗିରଫଦାରୀ, ଦୃଢ଼ ତଦନ୍ତ ଓ ଦଣ୍ଡାଦେଶକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ କହିଥିଲେ। ସୂଚନାଯୋଗ୍ୟ, ଅପରାଧ ନିୟନ୍ତ୍ରଣ, ଲୋକଙ୍କ ସହ ପୋଲିସର ସମନ୍ୱୟ ଓ ପୁଲିସିଂ ବ୍ୟବସ୍ଥାକୁ ଅଧିକ ସକ୍ରୀୟ ଏବଂ ଲୋକାଭିମୁଖୀ କରିବା ପାଇଁ ପ୍ରତିଦିନ ପୂର୍ବାହ୍ନ ୯ଟା ସୁଦ୍ଧା ରାଜ୍ୟର ସମସ୍ତ ଥାନାରେ ବ୍ରିଫିଂ ପରେଡ୍ କରିବାକୁ ଡିଜିପି ୱାଇବି ଖୁରାନିଆ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଥାନାରୁ ଅନିୟମିତାର ଅଭିଯୋଗ ବା ଅବହେଳାର ପ୍ରମାଣ ମିଳିଲେ, କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହାଦ୍ୱାରା ଥାନାସ୍ତରରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ସୁଦୃଢ ହେବ ବୋଲି ଆଶା କରାଯାଉଛି। ତେବେ ସମ୍ବଲପୁର ଜିଲ୍ଲାରେ ମୋଟ ୨୫ଟି ଥାନା ରହିଛି।

# ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀଙ୍କୁ ବୁର୍ଲା ଏକତା ମଞ୍ଚର ସହାୟତା



ସମ୍ବଲପୁର,(ସବ୍ୟୁ): ଅର୍ଥ ଅଭାବରୁ ପାଠ ପଢାରେ ଜଣେ ଛାତ୍ରୀଙ୍କ ପକ୍ଷେ ଦେଖାଦେଇଥିବା ପ୍ରତିବନ୍ଧକ ଦୂର କରିବା ପାଇଁ ବୁର୍ଲା ଏକତା ମଞ୍ଚ ପକ୍ଷରୁ ତ୍ୱରିତ ସହାୟତା ପ୍ରଦାନ କରାଯାଇଛି। ଏକତା ମଞ୍ଚର ଆହ୍ୱାନ କ୍ରମେ ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ସମ୍ପୃକ୍ତ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସମୁଦାୟ ୧ ଲକ୍ଷ ୭ହଜାର ୮୦୦ ଟଙ୍କା ଅର୍ଥରାଶି ସମ୍ପୃକ୍ତ ଛାତ୍ରୀଙ୍କୁ ପ୍ରଦାନ କରାଗଲା । ଚାରି ଦିନ ଧରି ବୁର୍ଲା ଏକତା ମଞ୍ଚର ଆହ୍ୱାନ କ୍ରମେ ଛାତ୍ରୀଙ୍କ ପାଇଁ ଏକ ସହାୟତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବୁର୍ଲା ଡିଏଫସି ଗେଷ୍ଟ ହାଉସରେ ସମ୍ପୃକ୍ତ ଛାତ୍ରୀଙ୍କ ଉପସ୍ଥିତିରେ ଏହି ସହାୟତା ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାମଗାଁ ଋତୁକାଳୀନ ଆବାସିକ ବିଦ୍ୟାଳୟ ଘଟଣା

# କମିଟି ଗଠନ ହେଲା, ତଦନ୍ତ ହେଲାନି

ସିନାପାଲି ,(ସବ୍ୟୁ): ଓଡ଼ିଶା ସରକାର ରାଜ୍ୟରେ ଶିକ୍ଷାର ପ୍ରସାର ଓ ଶିଶୁ ଶ୍ରମିକ ପ୍ରଥାର ନିରାକରଣ ପାଇଁ ଋତୁ କାଳୀନ ଆବାସିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି । ଯେଉଁ ପରିବାର ଗୁଡିକ ଜୀବିକା ଅନ୍ବେଷଣରେ ବର୍ଷର କିଛି ମାସ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୁଅନ୍ତି, ସେମାନଙ୍କ ପିଲା ମାନଙ୍କ ପାଠ ପଢ଼ାରେ ଯେପରି କୌଣସି ବ୍ୟାଘାତ ନ ହୁଏ ସେଥିପାଇଁ ଓଡ଼ିଶା ସରକାର ସେହି ପିଲା ମାନଙ୍କୁ ଏକତ୍ର ରଖି ପାଠ ପଢିବାକୁ ସୁଯୋଗ ଦେବାକୁ ନେଇ ଋତୁ କାଳୀନ ଆବାସିକ ବିଦ୍ୟାଳୟ ଆରମ୍ଭ କରିଛନ୍ତି । ସର୍ବ ଶିକ୍ଷା ଅଭିଯାନ ଅଧୀନରେ ପରିଚାଳିତ ଋତୁ କାଳୀନ ଆବାସିକ ବିଦ୍ୟାଳୟ ଗୁଡିକ ପ୍ରତି ବର୍ଷ ନଭେମ୍ବର ମାସରୁ ଜୁନ ମାସ ପର୍ଯ୍ୟନ୍ତ ଚାଲି ଥାଏ । ହେଲେ ଚଳିତ ଶିକ୍ଷା ବର୍ଷରେ ନଭେମ୍ବର ମାସରୁ ଆରମ୍ଭ ନ ହୋଇ ଡିସେମ୍ବର ମାସରୁ ଆରମ୍ଭ ହୋଇଥିଲା । ଋତୁ କାଳୀନ ଆବାସିକ ବିଦ୍ୟାଳୟ ପାଇଁ ସରକାରଙ୍କ ତରଫରୁ ଜଣେ ଛାତ୍ର ବା ଛାତ୍ରୀଙ୍କ ପିଛା ୬ ମାସ ପାଇଁ ମୋଟ ଦଶ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥାଏ ।

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ବୋଇରଗାଁ ଗ୍ରାମପଞ୍ଚାୟତ ନିମନା କ୍ଲଷ୍ଟର ଅନ୍ତର୍ଗତ ଜାମଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଋତୁ କାଳୀନ ଆବାସିକ ବିଦ୍ୟାଳୟ କାର୍ଯ୍ୟକରି ହେଉଥିବା ବେଳେ ଏଠାରେ ମୋଟ ସତର ଜଣ ବାଳକ ଓ ତେର ଜଣ ବାଳିକା ମୋଟ ତିରିଶ (୩୦) ଜଣ ଛାତ୍ରଛାତ୍ରୀ ରହିବା ପାଇଁ ପ୍ରଶାସନ ପକ୍ଷ ରୁ ନିର୍ଦ୍ଦେଶ ରହିଛି । ହେଲେ ଏଠାରେ ୩୦ଜଣ ଛାତ୍ରଛାତ୍ରୀଙ୍କ ନାମ ଲେଖା ଯାଇଥିବା ବେଳେ ଆରମ୍ଭରୁ ୧୦/୧୨ଜଣ ଛାତ୍ରଛାତ୍ରୀ ରହୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା । ତାହା ପୁଣି ସମସ୍ତ ଛାତ୍ରଛାତ୍ରୀ ଜାମଗାଁ ର ଓ ସେମାନଙ୍କ ଅଧିକାଂଶ ପିତାମାତା ଗାଁ ଛାଡ଼ି କାମ ଅନ୍ବେଷଣରେ ବାହାରକୁ ଯାଇ ନାହାନ୍ତି ବୋଲି ଗାଁ ର କିଛି ଭଦ୍ର ବ୍ୟକ୍ତି ସୂଚନା ଦେଇଛନ୍ତି । ଋତୁ କାଳୀନ ଆବାସିକ ବିଦ୍ୟାଳୟ ରେ ନାମକୁ ମାତ୍ର ୩୦ ଜଣଙ୍କ ନାମ ଲେଖି ଥିବା ସହ ସେତିକି ପିଲା ରହୁ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ଋତୁ କାଳୀନ ଆବାସିକ ବିଦ୍ୟାଳୟ ରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ରହିବା ସହ ପୁଷ୍ଟିକର ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି ହେଲେ ଏହି ଜାମଗାଁ ଋତୁ କାଳୀନ ଆବାସିକ ବିଦ୍ୟାଳୟ ରେ ତାହା ବ୍ୟତିକ୍ରମ ହୋଇ ଥିବା ଦେଖିବାକୁ ମିଳିଛି ।

ଏନେଇ ଗତ ଗତ ୨୯ ଏପ୍ରିଲ ତାରିଖରେ ଦୈନିକ ଖବର କାଗଜ ସମୟ ରେ ଏକ ଖବର ପ୍ରକାଶିତ ହୋଇଥିଲା । ଖବର ପ୍ରସାରଣ ପରେ ତତ୍ପରତା ଦେଖାଇ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଏସବୁର ତଦନ୍ତ ପାଇଁ ଅତିରିକ୍ତ ଶିକ୍ଷା ଅଧିକାରୀ ରେଶମଲାଲ ନାୟକଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ ଏକ ତଦନ୍ତ କାରୀ ଦଳ ଗଠନ କରିଥିବା ସୂଚନା ଦେଇଥିଲେ । ହେଲେ ଆଜକୁ ଦୀର୍ଘ ଦିନ ହୋଇଯାଇଥିଲେ ସୁଦ୍ଧା ବର୍ତମାନ ସୁଦ୍ଧା କୌଣସି ତଦନ୍ତ ଆରମ୍ଭ କରାଯାଇ ନ ଥିବାରୁ ତଦନ୍ତ ବାଟ ବଣା ହୋଇ ଯାଇଥିବା ଭଳି ଅନୁମେୟ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସୂଚନାନୁସାରେ ଅତିରିକ୍ତ ଶିକ୍ଷା ଅଧିକାରୀ ରେଶମଲାଲ ନାୟକ ଙ୍କ ନେତୃତ୍ୱ ରେ ଏକ ତଦନ୍ତକାରୀ ଟିମ ଗଠନ କରାଯାଇଛି । ସେମାନେ ଶୀଘ୍ର ଯାଇ ଜାମଗାଁ ଋତୁ କାଳୀନ ଆବାସିକ ବିଦ୍ୟାଳୟ ତଥା ଜିଲ୍ଲା ରେ ଚାଲୁଥିବା ସମସ୍ତ ଋତୁ କାଳୀନ ଆବାସିକ ବିଦ୍ୟାଳୟ ର ସ୍ଥିତି ଅନୁଧ୍ୟାନ କରିବେ ହେଲେ ଆଜକୁ ଦୀର୍ଘ ଦିନ ହେବ ତଦନ୍ତ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ବୁର୍ଲାରେ ଯୁବକକୁ ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

ସମ୍ବଲପୁର,(ସବ୍ୟୁ): ଶିକ୍ଷାନଗରୀ ବୁର୍ଲା ସହରରେ ଜଣେ ଯୁବକକୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଦୁର୍ବୃତ୍ତ ମାନେ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ସରସ୍ୱତୀ ଶିଶୁ ମନ୍ଦିର ଅଞ୍ଚଳର ବିକି ରାୟ(୨୪)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଛି। ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାର ୨୪ଘଣ୍ଟା ପରେ ମଧ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇପାରିନାହିଁ। ସୂଚନାଯୋଗ୍ୟ, ବିକି ଘରୁ ବାହାରି ବୁଲିବାକୁ ଯାଉଥିବା ବେଳେ ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ ନିଛାଟିଆ ଅନ୍ଧାରୁଆ ସ୍ଥାନରେ ପୂର୍ବ ଯୋଜନା ମୁତାବକ କିଛି ଯୁବକ ତାଙ୍କୁ ଘେରି ଯାଇଥିଲେ। ଦୁର୍ବୃତ୍ତ ମାନେ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିକିଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ପୂର୍ବ ଶତ୍ରୁତା କାରଣରୁ ଏଭଳି ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି। ଅପରପକ୍ଷରେ ବିକିଙ୍କ ନାମରେ ପୂର୍ବରୁ ହତ୍ୟା, ବଟି ଅସୁଲି, ମାଡପିଟ ଭଳି ଏକାଧିକ ସଙ୍ଗୀନ ଅପରାଧିକ ମାମଲା ରହିଛି। ବୁର୍ଲା ସହରରେ ବାରମ୍ବାର ଏଭଳି ଗୋଷ୍ଠୀ ସଂଘର୍ଷ ଓ ସଂଘବଦ୍ଧ ଆକ୍ରମଣ ଭଳି ଘଟଣା ଘଟୁଥିବା ବେଳେ ସ୍ଥାନୀୟ ଅଞ୍ଚଳ ଲୋକେ ଭୟଭୀତ ହୋଇ ପଡୁଛନ୍ତି।

# ମହାନଦୀ ବାଲିବନ୍ଧା ଘାଟରୁ ମୃତଦେହ ଉଦ୍ଧାର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ମହାନଦୀ ବାଲିବନ୍ଧା ଘାଟ ନିକଟରୁ ଏକ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଜଣକ କୁଞ୍ଜେଲପଡ଼ାର ରଞ୍ଜନ ସାହାଣୀ (୪୦) ବୋଲି ଜଣାପଡିଛି। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବାଲିବନ୍ଧା ଘାଟକୁ କିଛି ବ୍ୟକ୍ତି ଗାଧୋଇବାକୁ ଯାଇଥିବା ବେଳେ ନଦୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ତେବେ ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ମୃତଦେହକୁ ଜବତ କରିଛି। ଏନେଇ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ଜମନକିରାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବାଲିରାମ ବୋନ୍ଦର ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୭୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ଗୋଷ୍ଠିଗତ ଭାବେ ୩୫ ଟି ଅଭିଯୋଗ ଏବଂ ବ୍ୟକ୍ତିଗତ ଭାବେ ୪୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ପଞ୍ଜିକୃତ ହୋଇଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ଅନେକ ଅଭିଯୋଗ ଆଜି ଜିଲ୍ଲାପାଳ ବିଭିନ୍ନ ବିଭାଗ କୁ ସମାଧାନ ପାଇଁ ନିର୍ଦ୍ଦେଶ କରିଥିଲେ। ଶିବିରକୁ ଭୋଜପୁର ଶକ୍ତି ମହିଳା ଏସଏଚଜି, ବଡରମା ବୈଷ୍ଣୋଦେବି ମହିଳା ଏସଏଚଜି, ଜମନକିରା ପାର୍ବତୀ ମହିଳା ଏସଏଚଜି ମା ମାନେ ନିଜସ୍ୱ ପ୍ରସ୍ତୁତ କରିଥିବା ଖାଦ୍ୟ ସାମଗ୍ରୀକୁ ପ୍ରଦର୍ଶିତ କରି ଅଧିକାରୀ ମାନଙ୍କୁ ଦେଖେଇବା ସହ ସାମଗ୍ରୀର ବିଭିନ୍ନ ଉପାଦେୟତା ଉପରେ ବୁଝାଇଥିଲେ। ଶୁଣାଣିରେ ମୁଖ୍ୟତଃ ଭତ୍ତା, ଆବାସ, ବିଦ୍ୟୁତ, ଜଳସେଚନ, ଉନ୍ନୟନ, ଜମି ବାଡ଼ି, ରାସ୍ତା, ଶିକ୍ଷା, ସାପ୍ତାହିକ ବଜାର ରାସ୍ତା ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଡାକ୍ତର ସମସ୍ୟା ଆଦି ଅଭିଯୋଗ ଆସିଥିଲା। ଶିବିରରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ଉପ – ଜିଲ୍ଲାପାଳ ସରଭାରାନ ସି, ସିଡିଏମଓ ଅଲେଖ ମହାପାତ୍ର, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଭିଣା ବିଲୁଙ୍ଗ, ଏସଡିପିଓ ପ୍ରଦୀପ କୁମାର ଦାଶ, ଆଇଆଇସି ନାଗଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ସାଢ଼େ ୯ ଟାରେ ଶୁଣାଣି ଆରମ୍ଭ ହୋଇ ପୂର୍ବାହ୍ନ ୧୨ ଟାରେ ଶେଷ ହୋଇଥିଲା।

# ସିଆରପିଏଫ ଗ୍ରୁପ ସେଣ୍ଟରରେ ସାମୁହିକ ଯୋଗ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଗୋଶାଳା ସ୍ଥିତ ଗ୍ରୁପ ସେଣ୍ଟର ଠାରେ ସାମୁହିକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପ–ନିରୀକ୍ଷକ ସଞ୍ଜୟ କୁମାର ସିଂହ ଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ସେ ଏହି ଅବସରରେ କହିଥିଲେ ଯେ, ଯୋଗ ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ। ଯାହା ମାନବ ଜୀବନର ବିକାଶରେ ଯୋଗଦାନ କରେ। ଶୃଙ୍ଖଳା ହେଉଛି ସକାରାତ୍ମକ ଶକ୍ତି ଏବଂ ସ୍ୱାସ୍ଥ୍ୟ ସନ୍ତୁଳନ ପ୍ରତିଷ୍ଠା କରିବାର ଏକ ପ୍ରଭାବଶାଳୀ ମାଧ୍ୟମ ଅଟେ। କାର୍ଯ୍ୟକ୍ରମରେ ସିଆରପିଏଫ୍‌ର ଅଧିକାରୀ, କର୍ମଚାରୀ, ସୈନିକ ଓ ସେମାନଙ୍କ ପରିବାର ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

# ମହାନଦୀ ଧାରା ପକ୍ଷରୁ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ




ସୋନପୁର,(ସବ୍ୟୁ): 'ମେରା ଯୁବା ଭାରତ' ସୋନପୁର ଏବଂ 'ମହାନଦୀ ଧାରା' ଅନୁଷ୍ଠାନର ମିଳିତ ସହଯୋଗରେ ୧୧ ମଇ ୨୦୨୬ ରିଖରେ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଏକ ସଭା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମହାନଦୀ ଧାରାର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ଲାବନ ମହାପାତ୍ରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ସେ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା କେବଳ ଏକ ସୁବିଧା ନୁହେଁ, ବରଂ ଏହା ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧମ । ଆମର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନରେ ସଶକ୍ତ କରିବା। କାର୍ଯ୍ୟକ୍ରମରେ ସୋନପୁର କଲେଜର ଆଇ.ଟି. ଅଧ୍ୟାପିକା ନିରୋଜା ଗୁରୁ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନ ସାହାଯ୍ୟରେ ଏକ ସଫଳ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ। 'ମେରା ଯୁବା ଭାରତ' ଟିମ୍ ପକ୍ଷରୁ କୃପାସିନ୍ଧୁ ସା ମଧ ଯୋଗ ଦେଇ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ମହାନଦୀ ଧାରାର ଅଧକ୍ଷା ଆଭା ପୂଜାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ସହଜ ଓ ପ୍ରଭାବଶାଳୀ କରିଥାଏ । ଆଜିର ଯୁବପିଢ଼ି କେବଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକାରୀ ନହୋଇ ଏହାର ନବସୃଜନକାରୀ ହେବା ଆବଶ୍ୟକ। ଏହି ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ବହୁ ସଂଖ୍ୟକ ଯୁବକ ଏହି କାର୍ଯ୍ୟକ୍ରମରୁ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଓ ଜାତୀୟ ବିକାଶରେ ଏହାର ଭୂମିକା ବିଷୟରେ ଅନେକ ଶିକ୍ଷା ଲାଭ କରିଥିଲେ। ଶେଷରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅତିଥିମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଅପହୃତ ଯୁବକଙ୍କୁ ହତ୍ୟା : ପେଟ୍ରୋଲ ଢାଳି ମୃତକଙ୍କ ବାପାଙ୍କ ଆତ୍ମାହୁତି ଉଦ୍ୟମ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ସହରରେ ଗ୍ୟାଙ୍ଗୱାର। ଶନିବାର ବିଳମ୍ବିତ ରାତିରେ ମୁହାଁମୁହିଁ ହୋଇଛନ୍ତି ଦୁଇ ଗୋଷ୍ଠୀ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଇନ୍ଦିରା ନଗର ତୃତୀୟ ଲାଇନ୍ ଆମ୍ବେଦକର ସାହିର ନିଖିଲ ହାଡ଼ିପାଙ୍କୁ ଅପହରଣ ପରେ ଗୁଳି କରି ହତ୍ୟା କରାଯାଇଛି। ରବିବାର ସକାଳେ ନିଖିଲଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ତୁମ୍ବିଗୁଡ଼ା ନିକଟସ୍ଥ ନାଗାବଳୀ ନଦୀପଠାରୁ ପୁଲିସ ଉଦ୍ଧାର କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ଘଟଣାସ୍ଥଳରୁ ଗୋଟିଏ ବ୍ୟବହୃତ ଖୋକା ଜବତ କରିଛି। ସେପଟେ ପୁଲିସ ପଦକ୍ଷେପ ନେବାରେ ବିଳମ୍ବ କରିବାରୁ ପୁଅ ନିଖିଲର ମୃତ୍ୟୁ ହୋଇଥିବା ଅଭିଯୋଗ କରି ବାପା ଶିବା ହାଡ଼ିପା ମେଡିକାଲ ସମ୍ମୁଖରେ ପେଟ୍ରୋଲ ଢାଳି ହୋଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ରାୟଗଡ଼ା ଥାନା ସମ୍ମୁଖରେ ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି ।

ଶନିବାର ରାତି ୧୦ଟାରେ ଦୁର୍ବୃତ୍ତମାନେ ଗୋଟିଏ ବୁଲେଟ୍ ଓ ଚାରିଚକିଆ ଗାଡ଼ିରେ ନିଖିଲଙ୍କୁ ପିଛା କରିଥିଲେ। ପୂର୍ବର କେଣସି କଥାକୁ ନେଇ ଯୁକ୍ତିତର୍କ ପରେ ନିଖିଲ ଓ ତାଙ୍କ ସହଯୋଗୀଙ୍କୁ ଗାଡ଼ିରେ ଉଠାଇ ନେଇଥିଲେ । ଅଜଣା ସ୍ଥାନରେ ଉଭୟଙ୍କୁ ଦୁର୍ବୃତ୍ତମାନେ ଅଟକ ରଖିଥିବା ବେଳେ ସେମାନେ ଖସିଯିବାକୁ ଚେଷ୍ଟା କରିଥିଲେ। ନିଖିଲ ଓ ସହଯୋଗୀ ଦେଉଥିବା ବେଳେ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ନିଖିଲଙ୍କ ଅଣ୍ଟା ଓ ଗୋଡ଼ରେ ଗୁଳି ବାଜିବା ପରେ ଦୁର୍ବୃତ୍ତମାନେ ତାଙ୍କୁ କାବୁ କରିନେଇ ନିର୍ଦ୍ଧୁମ ମାଡ଼ ମାରିବା ସହ ଗାଡ଼ି ଚଢ଼ାଇ ହତ୍ୟା କରିଥିଲେ। ପରେ ମୃତଦେହକୁ ନାଗାବଳୀ ନଦୀପଠାରେ ଫିଙ୍ଗି ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତଙ୍କ କବଳରୁ ଖସି ଆସିଥିବା ନିଖିଲଙ୍କ ସହଯୋଗୀ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ପରିବାର ଲୋକ ରାୟଗଡ଼ା ପୁଲିସକୁ ଖବର ଦେଇଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ କିଛି ସୁରାକ ପାଇନଥିଲେ। ସକାଳୁ ମୃତଦେହ ନଦୀପଠାରୁ ଠାବ ହେବା ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା ପୁଲିସ।

ଏହି ଘଟଣାକୁ ନେଇ ରାୟଗଡ଼ା ଥାନା ସମେତ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଲାଗି ରହିଛି। ରାୟଗଡ଼ା ଏସପି ସ୍ୱାଥୀ ଏସ୍କୁମାର, ରାୟଗଡ଼ା ଏସଡ଼ିପିଓ ଗୌରହରି ସାହୁ ଓ ଅନ୍ୟାନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଦୁର୍ବୃତ୍ତଙ୍କୁ କାବୁ କରିବା ପାଇଁ ୪ଟି ଟିମ୍ ଗଠନ କରିଛନ୍ତି। ସ୍ଥାନୀୟ ଲୋକେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି। ମୃତ ନିଖିଲଙ୍କ ମାଆ ହାଡ଼ପା ବାଲମା ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଦୁର୍ବୃତ୍ତଙ୍କ ନାମ ପୁଲିସକୁ ଦେଇଛନ୍ତି। ଅଭିଯୁକ୍ତ ଚିହ୍ନଟ ହୋଇ ସାରିଛନ୍ତି, ସେମାନଙ୍କୁ ଧରିବା ପାଇଁ ପୁଲିସ ଟିମ୍ ଚଢ ଜାରି ରଖିଛି ବୋଲି ଏସ୍ପି କହିଛନ୍ତି।

# ବିରଳ ରକ୍ତ ଦେଇ ଜୀବନ ବଞ୍ଚାଇଲେ ଆର୍ତ୍ତତ୍ରାଣ

ସମ୍ବଲପୁର,(ସବ୍ୟୁ): ସାମାଜିକ କର୍ମୀ ଆର୍ତ୍ତତ୍ରାଣ ଶତପଥି ବିରଳ ରକ୍ତ ଦେଇ ଜଣେ ପ୍ରସୂତି ମହିଳାଙ୍କ ଜୀବନ ବଞ୍ଚାଇଛନ୍ତି। ବିରଳ ରକ୍ତ ଅଭାବରୁ ଜଣେ ପ୍ରସୂତି ମହିଳାଙ୍କ ଅପରେସନ୍ ଅଟକି ରହିଥିଲା। ଏହି ଜଣାପଡିବା ପରେ ଆର୍ତ୍ତତ୍ରାଣ କାଳ ବିଳମ୍ବ ନକରି ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏ ନେଗେଟିଭ ବ୍ଲଡ ପ୍ରଦାନ କରିଥିଲେ। ଫଳରେ ପ୍ରସୂତି ମହିଳାଙ୍କ ଅପରେସନ୍ ସଫଳ ହୋଇ ପାରିଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି । ଏଭଳି ସ୍ଥଳେ ପ୍ରସୂତି ମହିଳାଙ୍କ ପରିବାର ଲୋକେ ସମ୍ବଲପୁର, ବୁର୍ଲା ଠାରୁ ଆରମ୍ଭ କରି ବରଗଡ ରକ୍ତ ଭଣ୍ଡାର ଯାଏଁ ଯୋଗାଯୋଗ କରିଥିଲେ। ମାତ୍ର ଏହି ବିରଳ ରକ୍ତ ମିଳିବା ସମ୍ଭବ ହୋଇନଥିଲା।

**AFFIDAVIT**

I, Shankarlal Agrawal, resident of House No. 17/217, Near Jaganath Temple, Modipara Hatli, VTC : Sambalpur, PO: Mudipara, District- Sambalpur, State: Orissa, PIN Code: 768002, declare by this affidavit No.1924 dtd-16/04/2026 that now onwards I shall be known as SHANKAR LAL AGRAWAL for all future purposes.

## ସମ୍ପାଦକୀୟ

# ପ୍ରଧାନମନ୍ତ୍ରୀଙ୍କ ସାତଟି ନିବେଦନ

ସାରା ବିଶ୍ୱରେ ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ଭାରତ ମଧ୍ୟ ପ୍ରଭାବିତ ହେବାକୁ ବାଧ୍ୟ । ତେଣୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ନିକଟରେ ସାତଟି ନିବେଦନ ବାଢ଼ିଛନ୍ତି । ଏହାକୁ ଦେଶବାସୀ ଠିକ୍ ଭାବେ ପାଳନ କରିବେ ବୋଲି ମନେ ହେଉଛି ।

ଅତୀତରେ ଗାନ୍ଧିଜୀଙ୍କ ନିବେଦନ ଦେଶବାସୀଙ୍କୁ ପ୍ରଭାବିତ କରିଥିଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆହ୍ୱାନ ମଧ୍ୟ ଅଧିକାଂଶ ଭାରତୀୟଙ୍କୁ ପ୍ରଭାବିତ କରିଥିଲା । ମାତ୍ର ସେ ବେଶୀ ଦିନ ଜନତାଙ୍କ ଗହଣରେ ରହି ନଥିଲେ । ତେଣୁ ଗାନ୍ଧିଜୀଙ୍କ କଥାକୁ (ସେ ଶହୀଦ ହେବା ପର୍ଯ୍ୟନ୍ତ) ଦେଶବାସୀ ଗୁରୁତ୍ୱ ଦେଉଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଭାରତର ଭବିଷ୍ୟତ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାର ଗୁରୁତ୍ୱ ଲୋକେ କିଛି ମାତ୍ରାରେ ଅନୁଭବ କରିଥିଲେ । ମାତ୍ର ନେହରୁଙ୍କ ଭାଷଣ ବା ବାଣୀ ଦେଶବାସୀଙ୍କୁ ଗଭୀର ଭାବେ ଅନୁପ୍ରାଣୀତ କରିଥିବା ପରି ମନେ ହୁଏ ନାହିଁ । ୧୯୬୨ରେ ଭାରତ ଚୀନ ଯୁଦ୍ଧ ସମୟରେ ଅବଶ୍ୟ ନେହରୁଙ୍କ ସତର୍କତାକୁ ଲୋକେ ପାଳନ କରି ଆସୁଥିଲେ । ସହର ବଜାରରେ ଥିବା ଘରର ସ୍କାଇଲାଇଟ ବା ଝର୍କା କାଚ ଉପରେ କଳା କାଗଜ ମାରିବାକୁ ସେତେବେଳେ ଅପିଲ କରା ଯାଇଥିଲା । ଷ୍ଟ୍ରୀଟ ଲାଇଟଗୁଡ଼ିକ ରାତିରେ ଲିଭାଇ ଦିଆ ଯାଉଥିଲା ଓ ରାତିରେ ଘରୁ ପାଦ କାଢ଼ି ବାହାରକୁ ଯିବା ଲାଗି ବାରଣ କରାଯାଇ ରାତିରୁ ସକାଳ ଯାଏଁ ସାନ୍ଧ୍ୟ ଆଇନ ବା କର୍ଫ୍ୟୁ ମଧ୍ୟ ସହରମାନଙ୍କରେ ଜାରି କରା ଯାଉଥିଲା । ଚାଇନାର ଯୁଦ୍ଧ ବିମାନ କେଉଁଠି ସହର ଅଛି ବୋଲି ଜାଣି ହୁଏତ ବୋମା ନିକ୍ଷେପ କରିଥା'ନ୍ତା ବା ଗୁଳି ବର୍ଷଣ କରିଥାନ୍ତା । ଏପରି ଭୟ ଆମର ଥିଲା ।

ନେହରୁଙ୍କ ପରେ ଅଳ୍ପ ସମୟ ପାଇଁ ଲାଲ ବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ତାଙ୍କର ସଚ୍ଚୋଟପଣିଆ ଓ ସରଳ ବାର୍ତ୍ତାକୁ ଲୋକେ ଗ୍ରହଣ କରି ଆସୁଥିଲେ । ସେଥିପାଇଁ ତାଙ୍କର 'ଜୟ ଜବାନ, ଜୟ କିଷାନ' ସ୍ଲୋଗାନଟି ଲୋକଙ୍କ ଉପରେ ଗଭୀର ଭାବେ ପ୍ରଭାବ ପକାଇ ପାରିଥିଲା । ଏପରିକି ତାଙ୍କ କଥାରେ ଲୋକେ ଚିନି ଖାଇବା କମେଇ ଦେଇଥିଲେ ବା ପରିହାର କରିଥିଲେ ।

**ଭାରତର ସ୍ୱର୍ଗୀୟ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଟାଣ ପଣ ମଧ୍ୟ ଆମ ପାଇଁ ଆବଶ୍ୟକ ଥିଲା । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ବୈଦେଶିକ ନୀତି, ଦୂରଦୃଷ୍ଟି ଓ ବ୍ୟକ୍ତିତ୍ୱ ମଧ୍ୟ ଭାରତୀୟମାନେ ଏ ଯାଏଁ ମନେ ରଖିଛନ୍ତି ।**

ଗାନ୍ଧିଜୀଙ୍କ ପରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଦୃଢ଼ତାକୁ ଲୋକେ ପସନ୍ଦ କରି ଆସୁଥିଲେ । ବ୍ୟାଙ୍କ ଜାତୀୟକରଣ କରାଯିବା, ରାଜାରାଜୁଡାଙ୍କ ହାତପାଣ୍ଠି ଉଚ୍ଛେଦ କରାଯିବା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାସିକ ସମ୍ମାନିକ ପେନ୍‌ସନ ଦେବା ବ୍ୟବସ୍ଥା ସେ କରାଇଥିଲେ । ତାଙ୍କ କଥାର ସାମାନ୍ୟ ପ୍ରଭାବ ଥିଲେ ମଧ୍ୟ ନିଜେ ସେ କ୍ଷମତାରେ ରହିବା ଲାଗି ଦେଶରେ ଯେଉଁ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ ୨୧ ମାସ ପାଇଁ, ତାହା ତାଙ୍କ ବିରୋଧରେ ଯାଇଥିଲା । ଭାରତର ସ୍ୱର୍ଗୀୟ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଟାଣ ପଣ ମଧ୍ୟ ଆମ ପାଇଁ ଆବଶ୍ୟକ ଥିଲା । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ବୈଦେଶିକ ନୀତି, ଦୂରଦୃଷ୍ଟି ଓ ବ୍ୟକ୍ତିତ୍ୱ ମଧ୍ୟ ଭାରତୀୟମାନେ ଏ ଯାଏଁ ମନେ ରଖିଛନ୍ତି ।

ଏଥର ଆସିବା ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାତଟି ପରାମର୍ଶକୁ । ଏହି ସାତଟି ପରାମର୍ଶର ଶୀର୍ଷକ ହେଉଛି 'ଦେଶ ପ୍ରଥମ' (Nation First) । ଏବର ଜଟିଳ ଯୁଦ୍ଧଜନିତ ପରିସ୍ଥିତିରେ ସେ ଘରେ ଥାଇ କାମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅବଶ୍ୟ ଦେଶ ଓ ବିଦେଶରେ ଯେତେବେଳେ କରୋନା ମହାମାରୀ ମୁଣ୍ଡ ଟେକିଥିଲା, ସେତେବେଳେ ମଧ୍ୟ ଏପରି ଘରେ ଥାଇ କାମ କରାଯିବାର ସଂସ୍କୃତିକୁ ଗୁରୁତ୍ୱ ଦିଆଯାଇଥିଲା । ଦ୍ୱିତୀୟରେ ଅନ୍ତତଃ ବର୍ଷକ ପାଇଁ ସୁନା କ୍ରୟ କରା ନ ଯାଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତୃତୀୟରେ ପେଟ୍ରୋଲ ଓ ଡିଜେଲର ଚାହିଦାକୁ ହ୍ରାସ କରାଯାଇ ମେଟ୍ରୋ ଓ ଜନସାଧାରଣଙ୍କ ପରିବହନ ବ୍ୟବସ୍ଥା ବସ୍ ପ୍ରଭୃତିରେ ଯିବା ଆସିବା କରାଯାଉ, ଚତୁର୍ଥରେ ଖାଇବା ତେଲର ବ୍ୟବହାର କମ୍ କରାଯାଉ, ପଞ୍ଚମରେ ରାସାୟନିକ ସାର ଉପରେ ନିର୍ଭର ନ କରି ପ୍ରାକୃତିକ ବା ଜୈବିକ କୃଷି ଉପରେ ନିର୍ଭର କରାଯାଉ, ଷଷ୍ଠରେ ବିଦେଶୀ ଦ୍ରବ୍ୟ ଉପରେ ନିର୍ଭର ନ କରି ସ୍ୱଦେଶୀ ନିର୍ମିତ ଦ୍ରବ୍ୟ ଉପରେ ନିର୍ଭର କରାଯାଉ ଏବଂ ସପ୍ତମରେ ଅନ୍ତତଃ ବର୍ଷକ ପାଇଁ ବିଦେଶ ଯାତ୍ରାକୁ ବନ୍ଦ କରାଯାଉ ବୋଲି ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି ।

ପ୍ରକୃତରେ ଅତି ସହଜ ଓ ସରଳ ଉପାୟରେ ଦେଶବାସୀ ମୋଦିଜୀଙ୍କ ପରାମର୍ଶକୁ ମାନି ପାରିଲେ ତାହା ଆମ ଦେଶ ତଥା ଆମମାନଙ୍କ ପାଇଁ ଖୁବ୍ ହିତକର ହେବ ବୋଲି କୁହାଯାଉଛି । ଅତୀତରେ ଅବଶ୍ୟ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଦେଶର ଜଟିଳ ଆର୍ଥିକ ପରିସ୍ଥିତି ଦୃଷ୍ଟିରୁ ଖର୍ଚ୍ଚ କାଟ କରିବାକୁ ଆହ୍ୱାନ ଦେଇଥିଲେ । ତାହାର କିଛି ପ୍ରଭାବ ମଧ୍ୟ ଦେଶବାସୀଙ୍କ ଉପରେ ପଡ଼ିଥିଲା । ବିଜୁ ପଟ୍ଟନାୟକ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବେ ଦଶକରେ ଖର୍ଚ୍ଚ କାଟ ଆରମ୍ଭ କରିଥିଲେ । ନିଜେ ସାଇକେଲ ବା ରିକ୍ସାରେ ଯାଇ ଅଫିସ କାମ କରୁଥିଲେ । ତେଣୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ରାଓ ବିଜୁ ପଟ୍ଟନାୟକଙ୍କୁ ଜାତୀୟ ଖର୍ଚ୍ଚକାଟ କମିଟି (National Austerity Commitee)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ । ଅବଶ୍ୟ ବିଜୁ ବାବୁଙ୍କ ପୂର୍ବରୁ ୧୯୬୭ରେ ତତ୍କାଳୀନ କ୍ୟାବିନେଟ ମନ୍ତ୍ରୀ ଓ ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ପ୍ରଥମେ ସାଇକେଲ ଚଢ଼ି ସଚିବାଳୟକୁ (ଏବର ଲୋକସେବା ଭବନକୁ) କିଛି ଦିନ ପାଇଁ ଯାଇଥିଲେ । ସେତେବେଳେ ଇଂରାଜୀ, ଓଡ଼ିଆ ଓ ଅନ୍ୟାନ୍ୟ ଭାଷାର ଦୈନିକ ସମ୍ବାଦପତ୍ରମାନଙ୍କରେ ଏ ବିଷୟ ସ୍ଥାନିତ ହୋଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା । ଦେଶ ପାଇଁ ଏବର ପ୍ରଧାନମନ୍ତ୍ରୀ ମୋଦିଙ୍କ ପରାମର୍ଶମାନ ଆମମାନଙ୍କୁ ଯେ ଠିକ୍ ମାର୍ଗରେ ପରିଚାଳିତ କରି ପାରିବ, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜିତୁ ମୁଣ୍ଡା ଓ ଜୁଆଙ୍ଗମାନଙ୍କ କଥା...



**ଉମ୍ବରୁଧର ଘଣା**

ସେଦିନ ଦାନ ମାଝୀ ସ୍ତ୍ରୀର ଶବ କାନ୍ଧରେ ବୋହି ଦୀର୍ଘବାଟ ପାଦରେ ଚାଲି ଘରକୁ ଯିବାର ଦୃଶ୍ୟ ଓଡ଼ିଶା ଦେଖିଥିଲା । ଆଜିଠୁ ଠିକ୍ ଦଶ ବର୍ଷ ତଳେ । ଏ ଥିଲା କଳାହାଣ୍ଡିର କଥା । କେବଳ ଦେଶରେ କାହିଁକି, ସାରା ଦୁନିଆଁରେ ଓଡ଼ିଶା ନିନ୍ଦିତ ହୋଇଥିଲା । ତା' ପୂର୍ବରୁ ସେହି କଳାହାଣ୍ଡିରେ , ଉତ୍କଟ ଅଭାବ ଯୋଗୁଁ ଓ ପେଟର ଭୋକ ମେଣ୍ଟାଇବା ନିମନ୍ତେ ମା' ଛୁଆକୁ ବିକ୍ରି କରିବାର ଖବର ଆସୁଥିଲା । ରାଜ୍ୟ ଲଜ୍ଜିତ ହେଉଥିଲା । ଏପରି ଦୁଃଖଦ ଖବର ମନରୁ ଲିଭି ଆସୁଥିବା ବେଳେ, ଏଇ ନିକଟରେ ଦୃଷ୍ଟିକୁ ଆସିଛି ଆଉ ଏକ ହୃଦୟ ବିଦାରକ ଦୃଶ୍ୟ ।

କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳର ଜିତୁ ମୁଣ୍ଡାର କଥା । କଥାଟା ବେଶ୍ ସରଳ । ନିକଟସ୍ଥ ଗ୍ରାମୀଣ ବ୍ୟାଙ୍କରେ ଜିତୁର ଭଉଣୀ ନାଁରେ କିଛି ରାଶି ଗଚ୍ଛିତ ଥିଲା । ଭଉଣୀର ମୃତ୍ୟୁ ପରେ ଜିତୁ ବ୍ୟାଙ୍କକୁ ଯାଇ ଏ କଥା ଜଣାଇଲା ଏବଂ ସେ ଗଚ୍ଛିତ ଅର୍ଥ ତାକୁ ଦେବାକୁ କହିଲା । ବ୍ୟାଙ୍କ ମୃତ୍ୟୁ ପ୍ରମାଣପତ୍ର ଦରକାର କଲା । ଏଥିରେ କିଛି ତ୍ରୁଟି ନାହିଁ ।

ଏହା ହିଁ ନିୟମ । ଟଙ୍କା ଦେବା ପୂର୍ବରୁ ବ୍ୟାଙ୍କ ଜାଣିବା ଦରକାର ଯେ ଜମାକାରୀର ମୃତ୍ୟୁ ହୋଇଛି ଏବଂ ଦରଖାସ୍ତକାରୀ ତା'ର ଉତ୍ତରାଧିକାରୀ । ନହେଲେ ଏହା ଆଉ ଏକ ସମସ୍ୟାକୁ ଜନ୍ମ ଦେବ । ତେବେ, ଏତେ ବଡ ଘଟଣା ଘଟିଲା କେମିତି ? ଏହା ହିଁ ଏ ଆଲୋଚନାର ପ୍ରସଙ୍ଗ ।

ଜିତୁ ମୁଣ୍ଡା ତ ଆଦିବାସୀ । ତା'ର ଚେହେରା ସ୍ପଷ୍ଟ କହୁଛି ସେ ନିରକ୍ଷର । ଅସଚେତନ ନିଶ୍ଚିତ । କିନ୍ତୁ, ସରଳ । ସେଇଥିପାଇଁ ସେ ତା' ଭଉଣୀର ଟଙ୍କା ମାଗୁଥିଲା । ଭଉଣୀର ଜମା ଖାତାରେ ଥିବା ଟଙ୍କା ପାଇବାକୁ କ'ଣ ସବୁ ଆଇନ୍ କାନୁନ୍, ଦସ୍ତାବିଜ ଦରକାର, ଏହା ଜିତୁକୁ ଜଣା ନାହିଁ । ତାକୁ କେବଳ ଏତିକି ଜଣା- ଜମାକାରୀ ତା' ଭଉଣୀ । ତେଣୁ, ଟଙ୍କା ତା'ର ।

ଜିତୁ କହିଲା - ମୋ ଭଉଣୀ ମରିଗଲା । ବ୍ୟାଙ୍କ ବାବୁ କହିଲେ - ସେ ମରିଯାଇଛି ବୋଲି ଆମେ କେମିତି ଜାଣିବୁ? ମରିଗଲା ବୋଲି ପ୍ରମାଣ ଦରକାର ।

ଜିତୁ ମୁଣ୍ଡକୁ ବାବୁମାନଙ୍କ ଦରବାରୀ କାୟେଦା ପସିଲା ନାହିଁ । ଜିତୁ ବୁଝିଲା - ମୁଁ ତା' ଭାଇ । ମୁଁ କହୁଛି, ସେ ମରିଯାଇଛି । ପୁଣି ପ୍ରମାଣ କ'ଣ ? ଏ ବାବୁମାନେ କ'ଣ ସବୁ କହୁଛନ୍ତି, ଜିତୁ ବୁଝି ପାରୁ ନଥାଏ । ସେଇଥିପାଇଁ ସେ ବାର ବାର ବ୍ୟାଙ୍କକୁ ଯାଇଛି । ସବୁଥର ଏହି ସମାନ ଦ୍ୱନ୍ଦ ସୃଷ୍ଟି ହୋଇଛି ଜିତୁ ଓ ବାବୁମାନଙ୍କ ମଧ୍ୟରେ ।

ଶେଷରେ ଜିତୁ ସ୍ଥିର କଲା-ଏ ବ୍ୟାଙ୍କ ବାବୁମାନେ ତା' କଥାକୁ ବିଶ୍ୱାସ କରିବେ ନାହିଁ । ତାକୁ ତା' ମୃତ ଭଉଣୀର ଶବ ଆଣି ଦେଖାଇବାକୁ ପଡିବ ।

ସେ ସେୟା କଲା । ଜିତୁ ତା' ଭଉଣୀର ଗଳିତ ଶବ ଆଣି ବ୍ୟାଙ୍କରେ ଦେଖାଇଲା । ସେ ଚିତ୍ର ସମସ୍ତେ ଦେଖିଲେ । ବଣ ନିଆଁ ପରି ଖବର ପ୍ରସାରିତ ହୋଇଗଲା । ଯିଏ ଦେଖିଲା, ସେ ଆଶ୍ଚର୍ଯ୍ୟ ହୋଇଗଲା । ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଲା ।

ଏକ ଅବାଞ୍ଛିତ ଚିତ୍ର ପାଇଁ ଓଡ଼ିଶା ଆଲୋଚନା ଭିତରକୁ ଆସିଲା । ରାଜ୍ୟ ସାରା ଦେଶରେ ନିନ୍ଦିତ ହେଲା । ସମସ୍ତେ କହିଲେ - ଆଇନ୍ କାନୁନ୍ ଆଳରେ, ମାତ୍ର କେଇଟା ଟଙ୍କା ପାଇଁ କର୍ମଚାରୀ ମାନବୀକତା ଭୁଲିଗଲେ । କି ଅମାନବୀୟ କାଣ୍ଡ ? ହୃଦୟହୀନ ଆଚରଣ ।

ଯାହା ଘଟିଗଲା, ତାହା କିଛି ନୂଆ କଥା ନୁହେଁ । ଏଇ ସମାନ ଘଟଣା ନ ହେଲେ ବି, ଏମିତି କେତେ କଥା ଦେଖିବାକୁ ମିଳେ ଏଇ ଆଦିବାସୀ ଇଲାକାରେ । ବାବୁମାନେ ଯଥା - ପଞ୍ଚାୟତ ଅଧିକାରୀ, ବ୍ଲକ୍ କର୍ତ୍ତୃପକ୍ଷ, ବ୍ଲକ୍ କର୍ମଚାରୀ, ତହସିଲ କର୍ମଚାରୀ, ଡାକ୍ତରଖାନାରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ଜିଲ୍ଲା ପ୍ରଶାସନର କର୍ମଚାରୀ ପ୍ରଭୃତିଙ୍କ ସମାନ ଆଚରଣ, ସମାନ ବ୍ୟବହାର । ଏମିତି ଦ୍ୱନ୍ଦ ସବୁଠି ଏଇ ମାନଙ୍କ ସହିତ । ଏଇ ପ୍ରସଙ୍ଗରେ ଯଦି ଜିତୁକୁ ସରଳ ଭାବରେ, ସେ ବୁଝିବା ଭାଷାରେ ବୁଝାଇ ଦିଆଯାଇଥାନ୍ତା, ଅବଶ୍ୟ ସମୟ ଲାଗିଥାନ୍ତା, କିନ୍ତୁ ସବୁ କିଛି ଠିକ୍ ହୋଇଥାନ୍ତା । ଜିତୁ କାଗଜ ଆଣିଥାନ୍ତା । ଏତେ ନିନ୍ଦା ରାଜ୍ୟ ପାଇ ନଥାନ୍ତା ।

ପୁଣି ଦେଖାଗଲା ସେହି ସମାନ ଆଚରଣ । ଜିତୁ ଯେତେବେଳେ ସେହି ଗଳିତ ଶବକୁ ନେଇ ବ୍ୟାଙ୍କରୁ ଫେରିଲା, ପୁଣି କାନ୍ଧରେ ବୋହି ଚାଲି ଚାଲି ଫେରିଲା । ଏବେ କ'ଣ ତାକୁ ସେଠାରେ ଉପସ୍ଥିତ ଥିବା ପୁଲିସ ଗୋଟିଏ ଟ୍ରଲି ବା ଅଟୋ ଯୋଗାଇ ଦେଇ ପାରିନଥାନ୍ତା ? ଏଥିରେ କିଛି ସାଧନ ବା ଆର୍ଥିକ ବାଧକ ନଥିଲା । ଯାହା ବାଧକ ଥିଲା, ତାହା ଏମାନଙ୍କ ପ୍ରତି ବାବୁମାନଙ୍କର ହୀନ ଦୃଷ୍ଟି । ଉଚ୍ଚ ନୀଚ ମନୋଭାବର କଥା ।

ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କଲା । ସଙ୍ଗେ ସଙ୍ଗେ ମୃତ୍ୟୁ ପ୍ରମାଣପତ୍ର ମିଳିଗଲା । ଉତ୍ତରାଧିକାରୀ କାଗଜ ବି ବାହାରି ଗଲା । ଏତିକିରେ ଟଙ୍କା ଘରେ ଯାଇ ପହଞ୍ଚିଗଲା । କେବଳ ସେତିକି ନୁହେଁ, ଜିତୁକୁ ଜିଲ୍ଲା ପ୍ରଶାସନ ତିରିଶ ହଜାର ଟଙ୍କା ରେଡ୍ କ୍ରସ୍ ପାଣ୍ଠିରୁ ଦେଲା । ଏଠାରେ ପ୍ରଶ୍ନ ଉଠୁଛି - ଜିତୁ କ'ଣ ଏ ସହାୟତା ମାଗିଥିଲା, ନା ଆଉ କିଏ କହିଥିଲା? ବିନା ମାଗିବାରେ ଟଙ୍କା ମିଳିଗଲା । ଜିତୁକୁ ତ ଏପରି ଏକ ପାଣ୍ଠି ଅଛି ବୋଲି ଜଣାବି ନଥିବ । ତେବେ, ଏହା କ'ଣ ନିନ୍ଦା ନିୟନ୍ତ୍ରଣର ପ୍ରଚେଷ୍ଟା ? କାହିଁ ଆଗରୁ ତ କେବେ ଏପରି ଜିତୁମାନଙ୍କୁ ତୁମେ ଦେଖି ନାହିଁ କି ତାଙ୍କ ବିଷୟରେ ଜାଣିବାକୁ ଚାହିଁ ନାହଁ ।

ଏବେ ଦେଖନ୍ତୁ - ଯଦି ମୃତ୍ୟୁ ପ୍ରମାଣପତ୍ର ଅବା ଉତ୍ତରାଧିକାରୀ ପ୍ରମାଣପତ୍ର ସରକାର ସରଳ ଭାବରେ, ଆପଣାଛାଏଁ, ସ୍ୱଳ୍ପ ସମୟ ମଧ୍ୟରେ ଯୋଗାଇ ଦେଇଥାନ୍ତେ, ଜିତୁ ସହିତ ଏପରି ଅବିଚାର ହୋଇନଥାନ୍ତା । ଓଡ଼ିଶା ନିନ୍ଦିତ ହେବାରୁ ବର୍ଞ୍ଚି ଯାଇଥାନ୍ତା । ଦ୍ୱିତୀୟତଃ, ପ୍ରଶାସନ ଯଦି ଜିତୁ ପରି ଅଭାବି ଲୋକଙ୍କୁ ଆପଣାଛାଏଁ ଚିହ୍ନଟ କରି ଆବଶ୍ୟକ ସହାୟତା ଯୋଗାଇ ଦିଅନ୍ତେ, ଏପରି ଅନେକ ଅଭାବୀ ଏଭଳି ହରକତ ହୁଅନ୍ତେ ନାହିଁ । କିନ୍ତୁ, ସେପରି ହୋଇ ନାହିଁ କି, ହେବ ନାହିଁ ! ଏ ଦୃଷ୍ଟିକୋଣର କଥା । ମଣିଷ ପଣିଆର କଥା ।

**ଏମିତି ଆହୁରି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ରହିଛି । ସମସ୍ୟା ଅଛି । ଯନ୍ତ୍ରଣା ରହିଛି । ଅସନ୍ତୋଷ ବି ବଢୁଛି । ଏ ଯନ୍ତ୍ରଣା, ଅସନ୍ତୋଷ ଠୁଳ ହେଉଛି । ବାଟ ଖୋଜୁଛି ବାହାରିବାକୁ । ଗରିବୀ, ନିରକ୍ଷରତା, ଅସଚେତନତା ତା'ର ବାଟ ଓଗାଳୁଛନ୍ତି । ଆଜି ନ ହେଲେ ବି, କାଲି ସମୟ ଆସିବ । କେତେ କେତେ ଜିତୁ ମୁଣ୍ଡା ମୁଣ୍ଡ ଟେକିବେ । ଆମମାନଙ୍କୁ ପ୍ରଶ୍ନ କରିବେ । ବାବୁଗିରି ଜିତୁ ମୁଣ୍ଡାମାନଙ୍କୁ ଦମନ କରିଦେଇ ପାରେ । କିନ୍ତୁ, ଓଡ଼ିଶାକୁ ନିନ୍ଦିତ ହେବାରୁ ଆମେମାନେ ବଞ୍ଚାଇ ପାରିବା ତ?**

ଏ ତ ଗୋଟିଏ ଘଟଣା । ଆମେ ଗଣମାଧ୍ୟମରୁ ଜାଣିଲେ । କିନ୍ତୁ, ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ନିରକ୍ଷରତା, ଅସଚେତନତା, ସରଳତାର ତଳେ ଚାପି ହୋଇ ରହିଛି । ସେମିତି କିଛି ସମସ୍ୟାର ଅବତାରଣା ଏଇଠି କରିବା:

(୧) କେନ୍ଦୁଝରର ଘୁଙ୍ଗି ଗାଁ । ଈଶ୍ୱର ଜୁଆଙ୍ଗ ଓ ସ୍ତ୍ରୀ ଯକ୍ଷିନ୍ ଆର ପାରିକି ଚାଲିଗଲେ । ଘରେ ଚାରୋଟି ନାବାଳକ ପିଲା । ରୋଜଗାର ବୋଲି କିଛି ନାହିଁ ।

ଭଙ୍ଗା ଦଦରା ଘର । ସରକାରୀ ଚାଉଳ ବାଦ୍ ଆଉ କିଛି ସହାୟତା ନାହିଁ । ଆମେ ସରକାରଙ୍କୁ ଲେଖିଲୁ ସହାୟତା ଯୋଗାଇ ଦେବାକୁ । ସରକାର ଶୁଣିଲେ ନାହିଁ । ଏ ପିଲାଙ୍କୁ ଏବେ ପ୍ରମାଣ କରିବାକୁ ହେବ ଯେ ସେମାନେ ଅନାଥ । ସେମାନଙ୍କର ରୋଜଗାର ନାହିଁ । ସେମାନଙ୍କ ପେଟକୁ ଭାତ ନାହିଁ ।

(୨) ସେହି ଘୁଙ୍ଗି ଗାଁରେ ସୁରେନ୍ ଜୁଆଙ୍ଗ ରୁହେ । ପର ଘରେ ମଜୁରୀ କରି ପରିବାର ପାଳେ । ଛଅ ପ୍ରାଣୀର ସଂସାର । ଘରଟି ଅଧା ଭାଙ୍ଗି ଯାଇଛି । ଦୁଆର ସ୍ଥାନରେ ଛିଡ଼ା ହୋଇଛି ମସାରୀ । ସରକାର ନା ଘରଟିର ମରାମତି କଲେ, ନା ଏକ ପକ୍କା ଘର ଯୋଗାଇ ଦେଲେ । ଏବେ ସୁରେନ୍‌କୁ ପ୍ରମାଣ କରିବାକୁ ହେବ ଯେ ତା' ଘର ଭାଙ୍ଗି ଯାଇଛି ଏବଂ ସେ ଏଇ ଗାଁର ଏକ ବାସିନ୍ଦା ।

(୩) ସେହି ଗାଁରେ ନଟ ଜୁଆଙ୍ଗର ଘର । ଚାରି ଝିଅ । ସମସ୍ତେ ଭିନ୍ନକ୍ଷମ । ଛିଡା ହୋଇ ପାରନ୍ତି ନାହିଁ କି ଚାଲି ପାରନ୍ତି ନାହିଁ । ତାଙ୍କ ଚିକିତ୍ସା ପାଇଁ କହିଲୁ । କେହି ଶୁଣିଲେ ନାହିଁ । ଏବେ ଏ ପିଲାଙ୍କୁ ପ୍ରମାଣ କରିବାକୁ ହେବ ଯେ ସେମାନେ ଚାଲି ପାରନ୍ତି ନାହିଁ । ସେମାନେ ଭିନ୍ନକ୍ଷମ ।

(୪) କୁଣ୍ଢେଇ ଗାଁରେ ପଞ୍ଚୁ ଜୁଆଙ୍ଗର ଘର । ଭଙ୍ଗା ଦଦରା ଛପର । ଝଡ ହେଲେ ଧୂଳି ପଶେ । ବର୍ଷା ହେଲେ ପାଣି ଝରେ । ଆମେ ଦାବି ରଖିଲୁ - ଛପର ମରାମତି କରାଯାଉ ଏବଂ ପଞ୍ଚୁକୁ ଏକ ପକ୍କା ଘର ଯୋଗାଇ ଦିଆଯାଉ । ଛପର ଏବେବି ସେମିତି ଅଛି ।

କେହି ଶୁଣିଲେ ନାହିଁ । ଏବେ ପଞ୍ଚୁକୁ ପ୍ରମାଣ କରିବାକୁ ହେବ ଯେ ତା' ଘରର ଛପର ଭାଙ୍ଗି ଯାଇଛି । ସେ ଗରିବ ।

(୫) ରାବଣ ଜୁଆଙ୍ଗର ଭିନ୍ନକ୍ଷମ ପୁଅ, ଭୀମ ଜୁଆଙ୍ଗର ଭିନ୍ନକ୍ଷମ ପିଲା, ଶତ୍ରୁଘ୍ନ ଜୁଆଙ୍ଗର ଭିନ୍ନକ୍ଷମ ଛୋଟ ପିଲାର ଚିକିତ୍ସା ପାଇଁ କହିଲୁ । ଶୁଣିବାକୁ କେହି ନାହିଁ । ଏ ପିଲାଙ୍କୁ ପ୍ରମାଣ କରିବାକୁ ହେବ ଯେ ସେମାନେ ଭିନ୍ନକ୍ଷମ । ତାଙ୍କର ଚିକିତ୍ସା ଦରକାର ।

(୬) ଶିକ୍ଷିତ ଆଦିବାସୀ ଯୁବକ ରମେଶ । ରେଳ ଦୁର୍ଘଟଣାରେ ଗୋଡ ହରାଇଲା । ଘରେ ବସି ରହିଲା । ବାପ ମା' କୁ ସହାୟତା କରିବା ସମୟରେ ତାଙ୍କ କାନ୍ଧରେ ବୋଝ ସାଜିଲା । ତାର ଚିକିତ୍ସା ପାଇଁ କହିଲୁ । ଭତ୍ତା, ଘର ଯୋଗାଇ ଦେବାକୁ ଲେଖିଲୁ । କେହି ଶୁଣିଲେ ନାହିଁ । ଏବେ ଏ ରମେଶକୁ ପ୍ରମାଣ କରିବାକୁ ହେବ ଯେ ତା'ର ଗୋଡ କଟି ଯାଇଛି । ସେ ଅସହାୟ ଓ ଭିନ୍ନକ୍ଷମ ।

ଏମିତି ଆହୁରି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ରହିଛି । ସମସ୍ୟା ଅଛି । ଯନ୍ତ୍ରଣା ରହିଛି । ଅସନ୍ତୋଷ ବି ବଢୁଛି । ଏ ଯନ୍ତ୍ରଣା, ଅସନ୍ତୋଷ ଠୁଳ ହେଉଛି । ବାଟ ଖୋଜୁଛି ବାହାରିବାକୁ । ଗରିବୀ, ନିରକ୍ଷରତା, ଅସଚେତନତା ତା'ର ବାଟ ଓଗାଳୁଛନ୍ତି । ଆଜି ନ ହେଲେ ବି, କାଲି ସମୟ ଆସିବ । କେତେ କେତେ ଜିତୁ ମୁଣ୍ଡା ମୁଣ୍ଡ ଟେକିବେ । ଆମମାନଙ୍କୁ ପ୍ରଶ୍ନ କରିବେ । ବାବୁଗିରି ଜିତୁ ମୁଣ୍ଡାମାନଙ୍କୁ ଦମନ କରିଦେଇ ପାରେ । କିନ୍ତୁ, ଓଡ଼ିଶାକୁ ନିନ୍ଦିତ ହେବାରୁ ଆମେମାନେ ବଞ୍ଚାଇ ପାରିବା ତ?

ମୋ-୭୯୭୮୨୧୦୮୨୧

## ଶ୍ୟାମାପ୍ରସାଦରୁ ଶୁଭେନ୍ଦୁଙ୍କ ଯାଏଁ

# ଦୀର୍ଘ ଦିନର ସଙ୍କଟମୟ ଯାତ୍ରା



**ପ୍ରମୋଦ ମହାନ୍ତି**

୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ ହେବା ପରେ ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ସମୀକରଣର ଆରମ୍ଭ ହୋଇଥିଲା । ଯେଉଁ ଦଳ ଏହି ରାଜ୍ୟରେ ପ୍ରାୟ ଅସ୍ତିତ୍ୱ ସଙ୍କଟରେ ଥିଲା, ସେହି ଦଳ ବିଜେପି ଆଜି ରାଜ୍ୟରେ ଶାସକଦଳ ଭାବେ ନିଜକୁ ପ୍ରତିପାଦିତ କରିଛି । ଏହି ଉତ୍ଥାନ କୌଣସି ଆକସ୍ମିକ ଘଟଣା ନୁହେଁ । ଏହା ପଛରେ ରହିଛି ଦଶକ ଦଶକ ଧରି ଚାଲିଥିବା ଆଦର୍ଶଗତ ଲଢେଇ, ସଂଗଠନାତ୍ମକ ପରିଶ୍ରମ ଏବଂ ରାଜନୈତିକ ଯୋଜନା ।

ବଙ୍ଗରେ ବିଜେପିର ମୂଳ ଖୋଜିବାକୁ ଗଲେ ଫେରିବାକୁ ପଡେ ପଚାଶ ଦଶକକୁ । ସେହି ସମୟରେ ଶ୍ୟାମା ପ୍ରସାଦ ମୁଖାର୍ଜୀ କଲକାତାର ମାଟିରୁ ହିନ୍ଦୁତ୍ୱବାଦୀ ଜାତୀୟତାବାଦର ବୀଜ ରୋପଣ କରିଥିଲେ । ୧୯୫୧ ମସିହାରେ 'ଭାରତୀୟ ଜନସଂଘ' ସ୍ଥାପନା କରି ସେ ଦେଶକୁ ଏକ ନୂତନ ରାଜନୈତିକ ବାର୍ତ୍ତା ଦେଇଥିଲେ । ତାଙ୍କର ମୂଳ ମନ୍ତ୍ର ଥିଲା - ଦେଶ ପାଇଁ ବଞ୍ଚିବାକୁ ପଡିବ, ଦେଶ ପାଇଁ ମରିବାକୁ ପଡିବ । ରାଷ୍ଟ୍ରବାଦ ଓ ସାଂସ୍କୃତିକ ଜାତୀୟତାବାଦକୁ ଆଧାର କରି ସେ ଭାରତୀୟ ରାଜନୀତିରେ ନୂଆ ଧାରା ସୃଷ୍ଟି କରିଥିଲେ ।

ବଙ୍ଗକୁ ଭାରତର ଅଂଶ ଭାବେ ରଖିବା ନେଇ ତାଙ୍କର ଭୂମିକା ଆଜି ମଧ୍ୟ ବିଜେପିର ରାଜନୈତିକ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଦେଖାଯାଏ । ୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନରେ କଲକାତା ସାଉଥ୍-ଇଷ୍ଟ ଆସନରୁ ଜିତି ଜନସଂଘର ପ୍ରଥମ ସାଂସଦ ହୋଇଥିଲେ ସେହି ଶ୍ୟାମାପ୍ରସାଦ ।

ସେହି ନିର୍ବାଚନରେ ମେଦିନୀପୁର-ଝାଡ଼ଗ୍ରାମ ଆସନରୁ ସେ ବିଜୟୀ ହୋଇଥିଲେ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତାଙ୍କର ବିଜୟ ସେତେବେଳେ ବଡ଼ ଚର୍ଚ୍ଚାର ବିଷୟ ହୋଇଥିଲା । ରାମକୃଷ୍ଣ ମିଶନ ସହ ଦୀର୍ଘଦିନ ଜଡିତ ଥିବା ଦୁର୍ଗାଚରଣ ବନ୍ଦ୍ୟୋପାଧ୍ୟାୟ ଗ୍ରାମାଞ୍ଚଳରେ ଜନସଂଘର ସଂଗଠନ ମଜବୁତ କରିବାରେ ବଡ଼ ଭୂମିକା ନେଇଥିଲେ । ଆଜି ଯେଉଁ ମେଦିନୀପୁରକୁ ଶୁଭେନ୍ଦୁ ଅଧିକାରୀ ନିଜର ରାଜନୈତିକ ଗଡ଼ ଭାବେ ପରିଚୟ ଦିଅନ୍ତି, ସେହି ମାଟିରେ ଜନସଂଘର ମୂଳ ଅନେକ ଦଶକ ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା ।

ପରବର୍ତ୍ତୀ ସମୟରେ ଦେବପ୍ରସାଦ ଘୋଷଙ୍କ ପରି ନେତାମାନେ ବଙ୍ଗରେ ଜନସଂଘର ସଂଗଠନକୁ ଆହୁରି ଶକ୍ତିଶାଳୀ କରିଥିଲେ । ସେ କେବଳ ବଙ୍ଗର ନେତା ନୁହେଁ, ପରେ ଜନସଂଘର ସର୍ବଭାରତୀୟ ଅଧ୍ୟକ୍ଷ ମଧ୍ୟ ହୋଇଥିଲେ । ଏହାଛଡା ହରିପଦ ଭାରତୀ, ତପନ ଶିକଦାରଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ । ବିଜେପି ସ୍ଥାପନା ପରେ ପଶ୍ଚିମବଙ୍ଗର ପ୍ରଥମ ରାଜ୍ୟ ସଭାପତି ଥିଲେ ହରିପଦ ଭାରତୀ । ଅନ୍ୟପଟେ ଦମଦମରୁ ଦୁଇଥର ସାଂସଦ ହୋଇଥିବା ତପନ ଶିକଦାର ବଙ୍ଗରେ ବିଜେପିର ସଂଗଠନକୁ ମଜବୁତ କରିଥିଲେ ।



ଶ୍ୟାମାପ୍ରସାଦ ମୁଖାର୍ଜୀ



ଶୁଭେନ୍ଦୁ ଅଧିକାରୀ

ତଥାପି ବଙ୍ଗରେ ହିନ୍ଦୁତ୍ୱବାଦୀ ରାଜନୀତିର ବିସ୍ତାର ସହଜ ନଥିଲା । ଦୀର୍ଘ ୩୪ ବର୍ଷର ବାମ ଶାସନ ରାଜ୍ୟର ମୂଳ ରାଜନୈତିକ ସଂସ୍କୃତିକୁ ନିୟନ୍ତ୍ରଣ କରିଥିଲା । ଫଳରେ ଜନସଂଘ କିମ୍ବା ପରବର୍ତ୍ତୀ ସମୟର ବିଜେପି ବଙ୍ଗ ମାଟିରେ ଦ୍ରୁତ ଗତିରେ ବିକାଶ ଲାଭ କରିପାରି ନଥିଲା । ଦେଶ ବିଭାଜନର ଯନ୍ତ୍ରଣା, ଉଦ୍‌ବାସ୍ତୁ ସମସ୍ୟା ଓ ଜାତୀୟତାବାଦୀ ଭାବନା ବଙ୍ଗକୁ ଜନସଂଘ ପାଇଁ ଉର୍ବର ଭୂମି କରିପାରି ନଥିଲା । କିନ୍ତୁ ବାମପନ୍ଥୀ ରାଜନୀତିର ଶକ୍ତ ଭିତ୍ତି ଗେରୁଆ ଶିବିରର ଗତିକୁ ଅନେକ ଦିନ ଧରି ଅଟକାଇ ରଖିଥିଲା ।

ଏହି ପରିସ୍ଥିତିକୁ ବଦଳାଇବାରେ ବଡ଼ ଭୂମିକା ନେଇଥିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବା ଆରଏସଏସ । ଦୀର୍ଘ ଦିନ ଧରି ସଂଘ ପରିବାର ଜଙ୍ଗଲମହଲ ଓ ଉତ୍ତରବଙ୍ଗର ଆଦିବାସୀ ଏବଂ ରାଜବଂଶୀ ଅଞ୍ଚଳରେ କାମ କରୁଥିଲା । ଛୋଟ ଛୋଟ ଶିକ୍ଷାକେନ୍ଦ୍ର, ସାଂସ୍କୃତିକ ସଂଗଠନ, ସମାଜସେବା ଓ ଯୁବ ପ୍ରଶିକ୍ଷଣ ମାଧ୍ୟମରେ ସଂଘ ତୃଣମୂଳ ସ୍ତରରେ ପ୍ରଭାବ ବଢ଼ାଇଥିଲା । ଏହି ସାମାଜିକ ଓ ସଂଗଠନାତ୍ମକ କାମ ବିଜେପିର ଉତ୍ଥାନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ।

୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗଠନ ପରେ ବଙ୍ଗରେ ବିଜେପିର ବିସ୍ତାର ଦୃଢ଼ ହୋଇଥିଲା । ସେତେବେଳେ ଦୀର୍ଘ ସମୟ ଧରି ରାଜ୍ୟ ବିଜେପିର ଦାୟିତ୍ୱ ସମ୍ଭାଳୁଥିଲେ ରାହୁଲ ସିହ୍ନା । ସୀମିତ ସଂଗଠନ ଶକ୍ତି ନେଇ ମଧ୍ୟ ସେ ଦଳକୁ ବଞ୍ଚାଇ ରଖିବାକୁ ଲଢ଼େଇ ଜାରି ରଖିଥିଲେ । ଏହାପରେ ୨୦୧୬ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ସଭାପତି ହେଲେ ଦିଲ୍ଲୀପ ଘୋଷ । ଏବେ ସେ ଶୁଭେନ୍ଦୁଙ୍କ ମନ୍ତ୍ରିମଣ୍ଡଳର ଜଣେ ମନ୍ତ୍ରୀ ।

ଆରଏସଏସର ପ୍ରଚାରକ ଭାବେ ଦୀର୍ଘ ଅନୁଭବ ଥିବା ଦିଲୀପ ଘୋଷ ବୁଥ୍ ସ୍ତରରେ ସଂଗଠନକୁ ମଜବୁତ କରିବା ଦିଗରେ ଲାଗି ପଡ଼ିଥିଲେ । ସାଧାରଣ କର୍ମୀଙ୍କ ସହ ସିଧାସଳଖ ସମ୍ପର୍କ, ଆକ୍ରମଣାତ୍ମକ ଭାଷଣ ଓ ନିରନ୍ତର ଜନସଂଯୋଗ ମାଧ୍ୟମରେ ସେ ବିଜେପିକୁ ତୃଣମୂଳ ସ୍ତରକୁ ନେଇ ଯାଇଥିଲେ । ତାଙ୍କ ଅମଳରେ ପଶ୍ଚିମବଙ୍ଗରେ ବିଜେପିର ଆସନ ସଂଖ୍ୟା ନାଟକୀୟ ଭାବରେ ବଢ଼ିଥିଲା । ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ୧୮ଟି ଆସନ ଜିତି ରାଜନୈତିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପରେ ବିଧାନସଭାରେ ୭୭ଟି ଆସନ ପାଇ ଦଳ ମୁଖ୍ୟ ବିରୋଧୀ ଦଳ ଭାବେ ଶକ୍ତିଶାଳୀ ହୋଇଉଠିଲା ।

ଏହି ସମୟରେ ମୁକୁଲ ରାୟଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ତୃଣମୂଳ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେବା ପରେ ସେ ଅନେକ ଅନୁଭବୀ ନେତାଙ୍କୁ ଗେରୁଆ ଶିବିରକୁ ଆଣିଥିଲେ । ପରବର୍ତ୍ତୀ ସମୟରେ ସୁକାନ୍ତ ମଜୁମଦାର ରାଜ୍ୟ ସଭାପତି ଭାବେ ସଂଗଠନକୁ ଆହୁରି ବିସ୍ତାର କରିବାରେ ଚେଷ୍ଟା କରିଥିଲେ ।

ଅନ୍ୟପଟେ ଶମିକ ଭଟ୍ଟାଚାର୍ଯ୍ୟ ମଧ୍ୟବିତ୍ତ ବଙ୍ଗାଳୀ ସମାଜରେ ବିଜେପିର ଗ୍ରହଣଯୋଗ୍ୟତା ବଢ଼ାଇବାରେ ବଡ଼ ଭୂମିକା ନେଇଥିଲେ । ମାର୍ଜିତ ଓ ଯୁକ୍ତିସଂଗତ ରାଜନୈତିକ ଭାଷଣ ମାଧ୍ୟମରେ ସେ ଶିକ୍ଷିତ ସହରୀୟ ଭୋଟରମାନଙ୍କ ମନରେ ବିଜେପିର ଛବିକୁ ବଦଳାଇ ଥିଲେ ।

ଆଜିର ବଙ୍ଗ ବିଜେପି କେବଳ ଗୋଟିଏ ଦଳର ଉତ୍ଥାନ ନୁହେଁ, ଏହା ଦଶକ ଧରି ଚାଲିଥିବା ଆଦର୍ଶଗତ ସଂଘର୍ଷ, ସଂଗଠନାତ୍ମକ ପରିଶ୍ରମ ଓ ରାଜନୈତିକ କୌଶଳର ଫଳ । ଶ୍ୟାମାପ୍ରସାଦ ମୁଖୋପାଧ୍ୟାୟଙ୍କ ହାତରେ ଯେଉଁ ବୀଜ ରୋପିତ ହୋଇଥିଲା, ସେହି ବୀଜ ଆଜି ଦୁର୍ଗାଚରଣ ବନ୍ଦୋପାଧ୍ୟାୟ, ହରିପଦ ଭାରତୀ, ତପନ ଶିକଦାର, ଦିଲୀପ ଘୋଷ, ଶମୀକ ଭଟ୍ଟାଚାର୍ଯ୍ୟ ଓ ଶୁଭେନ୍ଦୁ ଅଧିକାରୀଙ୍କ ହାତ ଧରି ଏକ ବିଶାଳ ମହୀରୁହରେ ପରିଣତ ହୋଇଛି । ଆଜି ସେହି ବୃକ୍ଷର ଫଳ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ।

**୧୨, ଏ ଗଙ୍ଗା ପ୍ରସାଦ ମୁଖାର୍ଜୀ ରୋଡ଼**
**ଭବାନୀପୁର, କଲକତା-୭୦୦୦୨୫**
**ମୋ-୯୪୩୩୨୮୮୫୬୨**

# ଇଟିକିଲି ମିଟିକିଲି ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସ୍ଥିତ ରୟାଲ କଲେଜ ଅଡ଼ିଟୋରିଅମ୍ ଠାରେ ଚଳିତ ମଇ ମାସ ୯, ୧୦ ଓ ୧୧ ତାରିଖ ତିନିଦିନ ଧରି ପ୍ରତ୍ୟହ ଆୟୋଜିତ ହୋଇଯାଇଛି ୩୧ତମ ଇଟିକିଲି ମିଟିକିଲି ଉତ୍ସବ । ଏହି ଅବସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ ପିଲାଙ୍କ ପ୍ରତିଭା ପ୍ରଦର୍ଶନ ଓ ତୃତୀୟ ଦିନ ଆୟୋଜିତ ହୋଇଥିଲା ଶିଶୁ-ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ । କେତେକ ଭିନ୍ନକ୍ଷମ ପିଲାଙ୍କ ପ୍ରତିଭା ପ୍ରଦର୍ଶନରେ ଉତ୍ସବର ଦ୍ୱିତୀୟ ଦିବସରେ ମଞ୍ଚ ପ୍ରକମ୍ପିତ ହୋଇଥିଲା । ପ୍ରଥମ କାର୍ଯ୍ୟକ୍ରମ କଣ୍ଠ-ସଙ୍ଗୀତ ପ୍ରତିଯୋଗିତାରୁ ଆରମ୍ଭ ହୋଇଥିଲା । ଏଥିରେ ଅଂଶଗ୍ରହଣ କରିଥିବା ସାଧାରଣ ଶିଶୁ କଣ୍ଠଶିଳ୍ପୀମାନଙ୍କ ସହିତ ଭିନ୍ନକ୍ଷମ ପିଲାମାନେ ସୁମଧୁର ସ୍ୱରରେ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିବାବେଳେ, ସନ୍ଧ୍ୟାରେ ସଙ୍ଗୀତଭିତ୍ତିକ ନୃତ୍ୟରେ ଶିଶୁ ନୃତ୍ୟଶିଳ୍ପୀମାନେ ମନୋମୁଗ୍ଧକର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସଙ୍ଗୀତଭିତ୍ତିକ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅନୁଷ୍ଠାନର




ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଖୋରଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଅତିଥି ଭାବରେ ଯୋଗଦାନ କରି କହିଲେ ଯେ, ଇଟିକିଲି ମିଟିକିଲି ପିଲାମାନଙ୍କ ପ୍ରତିଭାର ସାମଗ୍ରିକ ବିକାଶ ପାଇଁ ଦୀର୍ଘବର୍ଷ ହେଲା ଯେଉଁ ଉଦ୍ୟମ ଜାରି ରଖିଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଉତ୍ସବର ତୃତୀୟ ଦିବସରେ ଆୟୋଜିତ ହୋଇଥିଲା ଶିଶୁ-ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ । ପ୍ରଥମ ଅଧିବେଶନରେ ଆଜିର ଶିଶୁ-ସାହିତ୍ୟ ପିଲାଙ୍କୁ ଆକର୍ଷଣ କରୁଛି କି? ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ଦିଗରାଜ ବ୍ରହ୍ମା, ଡକ୍ଟର ରାଜକିଶୋର ପାଢ଼ୀ ଓ ଡକ୍ଟର ଶରତ କୁମାର ବିଶ୍ୱାଳ ପ୍ରମୁଖ ଶିଶୁ-ସାହିତ୍ୟିକମାନେ ଆଜିର ଶିଶୁ ସାହିତ୍ୟ ଅନେକାଂଶରେ ପିଲାଙ୍କୁ ଆକର୍ଷଣ କରିବାକୁ ସକ୍ଷମ ହୋଇପାରୁନାହିଁ ବୋଲି କହିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନର ବିଷୟବସ୍ତୁ ଥିଲା ବହିଠାରୁ ଡିଜିଟାଲ୍ ଯୁଗ- ପିଲାଙ୍କ ପାଇଁ କଣ ଆକର୍ଷଣ ହେବା ଆବଶ୍ୟକ । ଏହି ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ସଂଘମିତ୍ରା ମିଶ୍ର, ବଙ୍କିମ ଚନ୍ଦ୍ର ନାୟକ ଓ ମାନସ ରଞ୍ଜନ ସାମଲ କହିଲେ ଯେ, ବହି ଯଦିଓ ପିଲାଙ୍କ ପାଇଁ ଏକ ଆକର୍ଷଣ କିନ୍ତୁ ଏବେ ପିଲାମାନେ ଡିଜିଟାଲ୍ ବ୍ୟବସ୍ଥା ପ୍ରତି ଅଧିକ ମନଯୋଗୀ ହେଉଛନ୍ତି । ଅପରାହ୍ନରେ ଶିଶୁ-ସାହିତ୍ୟିକମାନେ ନେଇ ପିଲାଙ୍କ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଶିଶୁ-ସାହିତ୍ୟ ବିଷୟକ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଲିସର ନିଷ୍କ୍ରିୟତାକୁ ନେଇ କଂଗ୍ରେସର ବିଶାଳ ଘେରାଓ

ଭୁବନେଶ୍ୱରତା,(ସବ୍ୟୁ): ରାଜ୍ୟରେ କ୍ରମାଗତ ହତ୍ୟା, ଲୁଣ୍ଠନ, ଗଣ ଦୁଷ୍କର୍ମ ତଥା ଉଦବେଗଜନକ ଅମାନବୀୟ ମବ ଲିଂଚିଂ ହତ୍ୟାରେ ଅହେତୁକ ବୃଦ୍ଧି ପାଇଛି । ଗତ ସପ୍ତାହ ମଧ୍ୟରେ ତିନି ତିନୋଟି ଭିଡ଼ ଜନିତ ହତ୍ୟାକାଣ୍ଡ ଘଟିଲାଣି । ଆଇନ ଶୃଙ୍ଖଳା ଅବସ୍ଥା ଏଭଳି ସ୍ତରକୁ ଆସିଲାଣି ଯେ, ରାଜ୍ୟର ଜଣେ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରଙ୍କୁ ରାଜଧର୍ମ ପାଳନ ପାଇଁ ଚେତାଇବାକୁ ପଡୁଛି । ରାଜ୍ୟର ଭୁଶୁଡ଼ି ପଡ଼ିଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ବିରୋଧରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ପିସିସି ସଭାପତିଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟ ଘେରାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବିଶାଳ ପ୍ରତିବାଦ ଓ ଘେରାଓ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ରାଜ୍ୟରେ ଅପରାଧ କ୍ରମାଗତ ବୃଦ୍ଧି ପାଇବାରେ




ଲାଗିଛି, ତା ସହିତ କଂଗ୍ରେସର ମଧ୍ୟ ଲଢେଇ ଜାରୀ ରହିବ । କିନ୍ତୁ ଦୁଃଖର କଥା ଏଭଳି ଅମାନବୀୟ ଭିଡ଼ ହିଂସା ହତ୍ୟା ଘଟୁଥିଲେ ମଧ୍ୟ ଏସବୁର ପ୍ରତିକାର ପାଇଁ ସରକାର କିମ୍ବା ମୁଖ୍ୟମନ୍ତ୍ରୀ କାହା ପାଖରେ ସମୟ ନାହିଁ । ପୋଲିସ ଫୋର୍ସ ଅପରାଧୀମାନଙ୍କୁ ଘୋଡ଼େଇବାରେ ବ୍ୟସ୍ତ । ଫଳରେ ସାଧାରଣ ଜନତା ମଧ୍ୟ ସାହସ ପାଇ ଏଭଳି ଭିଡ ହିଂସା କରିବାକୁ ପ୍ରଶ୍ରୟ ପାଉଛନ୍ତି । ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଛି ଓ ପୋଲିସ ସମ୍ପୂର୍ଣ୍ଣ ରୂପେ ସରକାରୀ ଦଳର ହାତ ବାରିଶି ସାଜି କାମ କରୁଛି । ଘେରାଓ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା, ଖୋର୍ଦ୍ଧା ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ସୁଧାଂଶୁ ଦେଓ, ପାରାଦୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ରଜନୀ ମହାନ୍ତି, ପ୍ରସନ୍ନ ଚମ୍ପତି, ଅଶୋକ ଦାସ, ଯୁବ କଂଗ୍ରେସ ନେତା ବାଦଲ ମହାନ୍ତି, ଛାତ୍ର କଂଗ୍ରେସ ଉପସଭାପତି ସୌମ୍ୟରଞ୍ଜନ ଜେନା, ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ୫୩ ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ବିଜେଡିରୁ ନିଲମ୍ବିତ

କଟକ, (ସ୍ୱପ୍ର) : କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ବିଜେଡିରୁ ନିଲମ୍ବିତ ହୋଇଛନ୍ତି । ଦଳ ବିରୋଧି କାର୍ଯ୍ୟ ପାଇଁ ସୋମବାର ଦଳ ପକ୍ଷରୁ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ବିଜୟ ନାୟକ ଶ୍ରୀ ଜେନାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି । ନିଲମ୍ବିତ ହେବା ପରେ କର୍ପୋରେଟର ଶ୍ରୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ କୌଣସି ଦଳ ବିରୋଧି କାର୍ଯ୍ୟ କରିନାହାଁନ୍ତି । ଦଳ ଯଦି ଏପରି ଦଳ ପାଇଁ କାମ କରୁଥିବା ଲୋକଙ୍କୁ ଜଣକ ପରେ ଜଣକୁ ନିଲମ୍ବିତ କରିବ ତେବେ ଦଳ ଦୁର୍ବଳ ହେବ । ମୁଁ ୱାର୍ଡବାସୀଙ୍କ ପାଇଁ ଯେପରି କାମ କରୁଛି ସେହିପରି କାମ କରିବି । ସୂଚନାଯୋଗ୍ୟ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଦଳରୁ ବହିଷ୍କୃତ ହେବା ଏବଂ ବିଧାୟକ ସୌଭିକ୍ ବିଶ୍ୱାଳ ନିଲମ୍ବିତ ହେବା ପରେ ଚୌଦ୍ୱାର-କଟକରେ ଦଳକୁ ପରିଚାଳନା କରିବା ପାଇଁ କୌଣସି ଆଖି ଦୃଶିଆ ନେତା ଆଗକୁ ଆସୁନଥିବା ବେଳେ ଦଳରୁ ଜଣକ ପରେ ଜଣେ ନିଲମ୍ବିତ ହେବା ବିଜେଡିକୁ ଏଠାରେ ଦୁର୍ବଳ କରିଛି ।

# ଓଡ଼ିଶାରେ ଆଇନର ଶାସନ ନାହିଁ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟାର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଗୃହ ବିଭାଗର ବିଫଳତା ସମ୍ପୂର୍ଣ୍ଣ ପଦାରେ ପଡିଛି କହି ବିଜେପି ସରକାରକୁ କଡା ସମାଲୋଚନା କରିଛି ବିଜେଡି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି କହିଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ଆଜିର ଦିନରେ ଓଡିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଧ୍ୱଂସ ହୋଇଯାଇଛି । ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଯୋଗୁଁ ଗତ ୧ ସପ୍ତାହ ମଧ୍ୟରେ ଢେଙ୍କାନାଳ, ହିଞ୍ଜିଳି, କଣାସ, ବାଲିଅନ୍ତା, ବାଲିପାଟଣାରେ ଜଘନ୍ୟ ଘଟଣା ଘଟିଛି । ସରକାରୀ ସ୍ତରରେ ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ପୋଲିସ ବ୍ୟବସ୍ଥା ଦୁର୍ବଳ ହୋଇପଡିଛି । ପୋଲିସ ଷ୍ଟେସନ ଗୁଡିକ ବିଜେପିର କାର୍ଯ୍ୟାଳୟ ପାଲଟିଛି ।

ଇପ୍ସିତା ସାହୁ କହିଛନ୍ତି ଯେ, ବିଜେପି ନେତାମାନେ ବିଧାନସଭା ଭିତରେ ୨୪ ବର୍ଷର ୫-ଟି ନାଁ ଧରିକି ଘୋଷି ହେଉଛନ୍ତି । ବର୍ତ୍ତମାନ ବିଜେପି ସରକାରରେ ୨୪ ଘଣ୍ଟାରେ ୫ଟି ଛାତି ଥରାଇ ଦେଲା ଭଳି ଘଟଣା ଘଟିଛି । ଭାରତ ଇତିହାସରେ ସ୍ୱାଧୀନତା ପରେ ଏଭଳି ଘଟଣା କେଉଁଠି ଘଟିନଥିବ । ପୋଲିସ ଡିଜି ସ୍ୱୀକାର କରିଛନ୍ତି, ସାଧାରଣ ଜନତା ଅସୁରକ୍ଷିତ ଅନୁଭବ କରୁଛନ୍ତି । ଡିଜିଙ୍କ କଥାରେ ଗୁରୁତ୍ୱ ଅଛି, କାରଣ ଓଡିଶା ଇତିହାସରେ ଏହା ପ୍ରଥମ । ଆମେରିକା ଭଳି ରାଷ୍ଟ୍ର ନିଜ ନାଗରିକଙ୍କୁ ଓଡିଶା ନଯିବା ପାଇଁ ଆଡ଼ଭାଇଜରି ଜାରି କରିଥିଲା । ଏଥିରେ ଦର୍ଶାଇଥିଲା ଓଡିଶାରେ ନାରୀ ଅସୁରକ୍ଷିତ ।

ଇପ୍ସୀତା ସାହୁ ଆହୁରି କହିଥିଲେ, ଗତକାଲି ରାୟଗଡା ସହରରେ ଜଣେ ଦଳିତ ଯୁବକଙ୍କୁ ଅପହରଣ ପରେ ଗୁଳି କରି ହତ୍ୟା କଲା ପରେ ନାଗାବଳୀ ନଦୀ କୂଳରେ ଫିଙ୍ଗି ଦେଇଥିଲେ ଦୁର୍ବୃତ୍ତ । ନୟାଗଡ଼ ଜିଲ୍ଲା ଓଡଗାଁ ଠାରେ ପଥର ମାଫିଆଙ୍କ ବିରୋଧରେ ପୋଲିସକୁ ସୂଚନା ଦେବାରୁ ଜଣେ ଯୁବକଙ୍କୁ ଖଣ୍ଡ ଖଣ୍ଡ କରି ହାଣି ମାରି ଦେଲେ ମାଫିଆ । ସେହିପରି ମହାକାଳପଡା ଜମ୍ବୁରେ ୨ଟି ବାଇକରେ ଆସି ଖରିନାସୀରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କଲେ । ଅନ୍ୟପଟେ ସୋରରେ ମହିଳାଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ବୈଠକ ଚାଲିଥିବା ବେଳେ ମହିଳା କନେଷ୍ଟବଲକୁ ଅଟୋ ଡ୍ରାଇଭର ଅପହରଣ କରିବାକୁ ଚେଷ୍ଟା କରିଥିଲେ । ଏହି ରାଜ୍ୟରେ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ । ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ପାଇଁ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ।

# ରେଳ ଷ୍ଟେସନ ପରିସରରୁ ଗଞ୍ଜେଇ ଜବତ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନ ପରିସରରୁ ଚାରୋଟି ଆଟାଚରେ ଚାଲାଣ ହେଉଥିବା ଚୋରା ଗଞ୍ଜେଇ ଚାଲାଣକୁ ପଣ୍ଡ କରିଛି ରେଳ ସୁରକ୍ଷା ବଳ । ଆରପିଏଫ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତକାଲି ରାତିରେ ଏକ ନମ୍ବର ପ୍ଲାଟଫର୍ମ ଦିଗର ବଜାର ପଟ ଗେଟ ନିକଟରେ ଚାରୋଟି ଟ୍ରଲି ବ୍ୟାଗ ଥୁଆ ହୋଇଥିବା ବେଳେ ସନ୍ଦିଗ୍ଧ ଅବସ୍ଥାରେ ଜଣେ ଯୁବକ ସେଠାରେ ଛିଡା ହୋଇଥିଲେ । ସନ୍ଦେହରେ ଡ୍ୟୁଟିରେ ଥିବା ଆରପିଏଫ ଅଧିକାରୀ ଯୁବକଙ୍କୁ ପଚରାଉଚୁରା କରି ବ୍ୟାଗ ଖୋଲିବାକୁ କହିଥିଲେ । ତେବେ ଚାବି ମୋ ପାଖରେ ନାହିଁ ସାଙ୍ଗ ପାଖରେ ଅଛି ଚାବି ଆଣୁଛି କହି ସନ୍ଦିଗ୍ଧ ଯୁବକ ଜଣଙ୍କ ସେଠାରୁ ଚମ୍ପଟ ମାରିଥିଲେ । ଟ୍ରଲି ବ୍ୟାଗ ଚାରୋଟିକୁ ଜିଆରପି ଥାନାକୁ ଅଣାଯାଇ ଖୋଲାଯିବା ପରେ ତନ୍ମଧ୍ୟରେ ପ୍ୟାକେଟ ମଧ୍ୟରେ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା । ଜବତ ଗଞ୍ଜେଇ ୪୬ କେଜି ହୋଇଥିବା ବେଳେ ଏ ନେଇ ଜିଆରପି ଥାନାରେ ୪୪/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଅଧିକାରୀ ଏମ ଶଙ୍କର ରାଓ କହିଛନ୍ତି ।

### କିନ୍ନରଙ୍କ ନିମନ୍ତେ ସୋଆ ଆଇନ୍ ମହାବିଦ୍ୟାଳୟ ପକ୍ଷରୁ

# ଦୁଇ ଦିନିଆ ଆଇନ୍‌ଗତ ସହାୟତା ଶିବିର

ଭୁବନେଶ୍ୱର, (ସବ୍ୟୁ): ସମାଜର ସବୁବର୍ଗଙ୍କୁ ସମାନ ଆଇନ୍ ଏବଂ ସାମାଜିକ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ନେଇ କିନ୍ନର ସମ୍ପ୍ରଦାୟଙ୍କ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ନିକଟରେ ଦୁଇ ଦିନିଆ ଆଇନ୍ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡକ୍ଟର) ଏସ୍.ଏ.କେ. ଆଜାଦଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପ୍ରାୟ ୧୦୦ ଜଣ କିନ୍ନର ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଲିଗାଲ ଏଡ୍ ସୋସାଇଟିର ୩୦ ଜଣ ସ୍ୱେଚ୍ଛାସେବୀ ଏବଂ ସଦସ୍ୟ ସକ୍ରିୟ ଭାବେ ସାମିଲ ହୋଇ କାର୍ଯ୍ୟ କରିଥିଲେ।

ପ୍ରଥମ ଦିନର ଶିବିରଟି ଭୁବନେଶ୍ୱର ସ୍ଥିତ ଡମଣା ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖୀ' ଫାଉଣ୍ଡେସନ୍‌ର ସହଭାଗିତାରେ ଆୟୋଜିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ଏହି ଅନୁଷ୍ଠାନର କିନ୍ନର ସମ୍ପ୍ରଦାୟର ଜଣ ଜଣଙ୍କ ସହ ଆଲୋଚନା କରି ସେମାନେ କିଭଳି ପ୍ରତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଜାଣିବା ସହ ସେମାନଙ୍କୁ ନିଜର ମୌଳିକ ଅଧିକାର, ଆଇନଗତ ସୁରକ୍ଷା ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। 'ସଖୀ'ର ସଭାନେତ୍ରୀ ସ୍ୱିଟି ସାହୁ ଯୋଗ ଦେଇ ନିଜ ଯାତ୍ରା ଓ ସଫଳତା ବଖାଣି ଥିଲେ। ସେହିପରି ଦ୍ୱିତୀୟ ଦିନର ଶିବିର ସୁନ୍ଦରପଦା ଅଂଚଳରେ ଆୟୋଜନ କରାଯାଇଥିବା



ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖା'ର ପ୍ରତିଷ୍ଠାତା ମୀରା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସାମିଲ ହୋଇଥିବା ପ୍ରତିନିଧିମାନଙ୍କୁ ସେମାନଙ୍କର ଆଇନଗତ ଅଧିକାର ସହ ସମାନତା, ଆତ୍ମସମ୍ମାନ ଏବଂ ସାମାଜିକ ଅନ୍ତର୍ଭୁକ୍ତି ସମ୍ପର୍କରେ ସଚେତନ କରାଯାଇଥିଲା।

### ଖରାରେ ୬ ତାଲା କୋଠା ଭାଙ୍ଗୁଛନ୍ତି ଶ୍ରମିକ

## ଥାନାରେ 'ମୋ କଟକ ସୁରକ୍ଷା ମଞ୍ଚ' କଲା ଅଭିଯୋଗ

କଟକ, (ସ୍ୱପ୍ର): କଟକ ମଧୁପାଟଣା ଥାନା ଅଧିନସ୍ଥ କଲ୍ୟାଣୀନଗର ବ୍ୟସ୍ତବହୁଳ ସର୍ଭିସ ରାସ୍ତା କଡରେ ଥିବା ବହୁ ପୁରୁଣା ଛଅତାଲା କୋଠାକୁ ଡହଡହ ଖରାରେ କୌଣସି ସୁରକ୍ଷା ବଳୟ ନଥାଇ ବିନା ସେଫଟି କିଟ୍‌ରେ ଜୀବନକୁ ବାଜି ଲଗାଇ ଭାଙ୍ଗୁଛନ୍ତି ଶ୍ରମିକ । ସଂକୀର୍ଣ୍ଣ ରାସ୍ତାରେ କୋଠା ଭଙ୍ଗାଯାଉଥିବା ବେଳେ କେବଳ ଶ୍ରମିକ ନୁହଁନ୍ତି, ଏହି ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ, ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ଆଖପାଖରେ ବସବାସ କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି । ରାଜ୍ୟ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦିନ ୧୧ଟାରୁ ୩ ଟା ପର୍ଯ୍ୟନ୍ତ ଶ୍ରମିକ କାର୍ଯ୍ୟ ନକରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଡହଡହ ଖରାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସେ‌%ଠ ବିଭାଗୀୟ ଅଧିକାରୀ ନୀରବତା ଅବଲମ୍ବନ କରୁଥିବା ଯୋଗୁଁ ନାନାପ୍ରକାର ସନ୍ଦେହ ସୃଷ୍ଟି ହେଉଛି । ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ଶ୍ରମିକ କାର୍ଯ୍ୟ କରିବା ପାଇଁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରୁନଥିବା ଯୋଗୁଁ ପ୍ରଭାବଶାଳୀ ଠିକାସଂସ୍ଥା ଓ ଠିକାଦାର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ଶ୍ରମିକଙ୍କୁ ନିୟୋଜିତ ଠିକାସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଅଞ୍ଚଳବାସୀ ଓ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ପାଇଁ ଛଅତାଲା କୋଠାକୁ ଭଙ୍ଗାଯିବା ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଓ ନୀତିନିୟମ ମାନି ସୁରକ୍ଷାର ସହିତ ଭଙ୍ଗାଯିବା ସମୟରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଭଙ୍ଗାଯିବା ନିମନ୍ତେ 'ମୋ କଟକ ସୁରକ୍ଷା ମଞ୍ଚ' ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମଧୁପାଟଣା ଥାନା ଅତିରିକ୍ତ ଥାନା ଅଧିକାରୀ ସାଗରିକା ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପତ୍ର ଦେବା ସମୟରେ ମାନବାଧିକାର କର୍ମୀ ସନ୍ତୋଷ କୁମାର ସାହୁ ଓ ଡଃ. ବ୍ୟୋମକେଶ କାନୁନଗୋ ଉପସ୍ଥିତ ଥିଲେ ।

## ତିନିକୋଣିଆ ବଗିଚା ତ୍ରିନାଥ ମନ୍ଦିର ପୁନଃରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ

କଟକ, (ସ୍ୱପ୍ର): କଟକ ସହରର ଅନ୍ୟତମ ପବିତ୍ର ଧର୍ମାନୁଷ୍ଠାନ ତିନିକୋଣିଆ ବଗିଚା ସ୍ଥିତ ଶ୍ରୀ ତ୍ରିନାଥ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଆମ ଅଞ୍ଚଳର ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଐତିହ୍ୟର ସୁରକ୍ଷା ପାଇଁ ବିଧାୟିକା ସୋଫିଆ ଫିର୍ଦୌସଙ୍କ ଉନ୍ନୟନ ପାଣ୍ଠି ସହାୟତାରେ ଏହି ମନ୍ଦିରର ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ । ଏହି ନୂତନ ପ୍ରକଳ୍ପ ଦ୍ୱାରା ମନ୍ଦିର ବେଢ଼ାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରୁଖୁରୁରେ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇପାରିବ । ଏହି ଅବସରରେ ବିଧାୟିକା



କହିଛନ୍ତି ଯେ, ଜନସାଧାରଣଙ୍କ ସେବା ଓ ଭକ୍ତଙ୍କ ସୁବିଧା ପାଇଁ ସେ ସର୍ବଦା ଚେଷ୍ଟା ଜାରି ରଖିଛନ୍ତି । ଖୁବ୍‌ଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏକ ନୂତନ ରୂପରେ ମନ୍ଦିରଟି ଉଦଘାଟିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି । କାର୍ଯ୍ୟକ୍ରମରେ ମନ୍ଦିର କମିଟିର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ରହି ଏହି ଉନ୍ନୟନମୂଳକ କାର୍ଯ୍ୟକୁ ସ୍ୱାଗତ କରିଥିଲେ ।

## ଅଙ୍କୁରା ହସପିଟାଲ ପକ୍ଷରୁ ସ୍ୱତନ୍ତ୍ର ମାତୃ ଦିବସ ସମାବେଶ




ଭୁବନେଶ୍ୱର, (ସବ୍ୟୁ) : ଅଙ୍କୁରା ହସପିଟାଲ, ବେବି ଷ୍ଟୁଡିଓ ବାଏ ଅଙ୍କିତା ଏବଂ ସମ୍ମାନାସ୍ପଦ ଗୋଷ୍ଠୀ ସହଭାଗୀମାନଙ୍କ ସହିତ ଭୁବନେଶ୍ୱରରେ ନିର୍ଦ୍ଦିଷ୍ଟ ଭାବରେ ମା' ହେବାକୁ ଯାଉଥିବା, ନୂଆକରି ମା' ହୋଇଥିବା ଏବଂ ଯୁବ ପରିବାରମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ମାତୃ ଦିବସ ସମାବେଶ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ମା'ମାନେ, ସ୍ୱାସ୍ଥ୍ୟସେବା ବିଶାରଦ, ମାନସିକ ସୁସ୍ଥତା ସପକ୍ଷବାଦୀ, ପ୍ରଶିକ୍ଷକ ଏବଂ ସନ୍ତାନ ଲାଳନ ପାଳନକାରୀ ବ୍ରାଣ୍ଡଗୁଡିକ ଗୋଟିଏ ଛାତ ତଳେ ମାତୃତ୍ୱକୁ ନେଇ ଆନନ୍ଦ ଉତ୍ସାହ ପାଳନ କରିବାକୁ ସମବେତ ହୋଇଥିଲେ ଏବଂ ସେହି ସମୟରେ ମାତୃତ୍ୱକାଳୀନ ସୁସ୍ଥତା, ଭାବଗତ ସମର୍ଥନ ଏବଂ ଗୋଷ୍ଠୀ ସହିତ ସଂଯୁକ୍ତ ହେବାର ଗୁରୁତ୍ୱ ଉପରେ ଜୋର୍ ଦିଆଯାଇଥିଲା। ଏହି ପ୍ରୟାସ ଜରିଆରେ ଅଙ୍କୁରା ହସପିଟାଲ ଏକ ନିରାପଦ ଏବଂ ନିୟୋଜନକାରୀ ସ୍ଥାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯେଉଁଠାରେ ମା'ମାନେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କ ସହିତ ସଂଯୁକ୍ତ ହୋଇପାରିବେ।

### ବେଦାନ୍ତ ଆଲୁମିନିୟମ ଛତୁ ଚାଷ ମାଧ୍ୟମରେ

# ରାୟଗଡ଼ାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରୁଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ରାୟଗଡ଼ାର ଆଦିବାସୀ ଜିଲ୍ଲା କାଶୀପୁର ବ୍ଲକର ୭୬ ଜଣ ମହିଳାଙ୍କୁ ତାଲିମ ଦେଇ ବୈଜ୍ଞାନିକ ଛତୁ ଚାଷର ଏକ ସଫଳ ପ୍ରଦର୍ଶନ କରିଛି। ଏହି ପ୍ରୟାସ ମାଧ୍ୟମରେ ଅଂଚଳର ମହିଳାମାନଙ୍କ ପାଇଁ ଉପଲବ୍ଧ ଜୀବିକା ନିର୍ବାହର ବିଭିନ୍ନ ପଥକୁ ବିସ୍ତାର କରିଛି, ଯାହା ଗ୍ରାମୀଣ ପରିବାର ପାଇଁ ଏକ ସ୍କେଲେବଲ୍, କମ୍ ନିବେଶ ଆୟ ମଡେଲ୍ ପ୍ରଦାନ କରୁଛି। ପାଇଲଟ୍ ପ୍ରକଳ୍ପଟି ଡୁମେରପଦର ଏବଂ ପୋରଲଙ୍ଗ ଭଳି ଗ୍ରାମରେ କାର୍ଯ୍ୟକାରୀ କରାଯାଇଛି, ଯେଉଁଠାରେ ଅଂଶଗ୍ରହଣକାରୀମାନେ ବିଛଣା ପ୍ରସ୍ତୁତି, ବିହନ, ବ୍ୟାଗ ପୂରଣ ଏବଂ ବୈଜ୍ଞାନିକ ଚାଷ କୌଶଳରେ ହାତପାହାନ୍ତା ତାଲିମ ନେଇଛନ୍ତି। ଅଂଶଗ୍ରହଣକାରୀମାନଙ୍କୁ ଚୁନା, ବେସନ, ଛତୁ ବିହନ ଏବଂ ଚାଷ ବ୍ୟାଗ ସମେତ ଆବଶ୍ୟକୀୟ ଇନପୁଟ୍ ସହିତ ମଧ୍ୟ ସହାୟତା ଦିଆଯାଇଛି, ଯାହା ସେମାନଙ୍କୁ ପରିବାର ସ୍ତରରେ ତୁରନ୍ତ ସେମାନଙ୍କର ଶିକ୍ଷାକୁ ପ୍ରୟୋଗ କରିବାକୁ ସକ୍ଷମ କରିଥାଏ। ଏହା ସହିତ, ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଚାଷ ଆରମ୍ଭ କରିବା ପାଇଁ ଦୁଇଟି ଛତୁ ବେଡ୍ ପ୍ରଦାନ କରାଯାଇଥିଲା।



ପ୍ରକଳ୍ପ ଅଧୀନରେ ପ୍ରାରମ୍ଭିକ ଉତ୍ପାଦନ ଚକ୍ର ପ୍ରତି ସାଇକେଲ ପ୍ରତି ଶଯ୍ୟା ପାଇଁ ୧-୧.୨ କିଲୋଗ୍ରାମ ଉତ୍ପାଦନ କରିଛି, ଯାହାର ଇନପୁଟ୍ ଖର୍ଚ୍ଚ ପ୍ରାୟ ଟ.୨୫ ପ୍ରତି ଶଯ୍ୟା ଏବଂ ହାରାହାରି ବଜାର ମୂଲ୍ୟ ଟ.୧୫୦ ପ୍ରତି କିଲୋଗ୍ରାମ, ପ୍ରାୟ ୫୦୦% ନିବେଶ ଉପରେ ରିଟର୍ଣ୍ଣ ସୂଚାଇଥାଏ ଏବଂ ଏକ ପରିପୂରକ ଆୟ ଉତ୍ସ ଭାବରେ ମଡେଲର ଉଚ୍ଚ କାର୍ଯ୍ୟକ୍ଷମତାକୁ ଉଲ୍ଲେଖ କରିଥାଏ। ବଂଟନ କରାଯାଇଥିବା ୧୪୦ ଶଯ୍ୟା ମଧ୍ୟରୁ, ପ୍ରାୟ ୧୦୦ ସକ୍ରିୟ ଉତ୍ପାଦନରେ ଅଛନ୍ତି, ହିତାଧିକାରୀମାନେ ହାରାହାରି ପ୍ରତି ସାଇକେଲ ପ୍ରତି ୨ କିଲୋଗ୍ରାମ ଉତ୍ପାଦନ କରିବେ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଘରୋଇ ସ୍ତରୀୟ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ, ବିଶେଷକରି ଭୂମି-ସୀମିତ ଏବଂ ଦୂରବର୍ତ୍ତୀ ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ପାଇଁ ଉତ୍ସାହିତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ଆହୁରି ବୃଦ୍ଧି କରିଛି। ପ୍ରାରମ୍ଭିକ ଫଳାଫଳ ଉପରେ ଆଧାର କରି, କମ୍ପାନୀ କାର୍ଯ୍ୟକ୍ରମକୁ ୧୦,୦୦୦ ଶଯ୍ୟା ଏବଂ ସମାନ ସଂଖ୍ୟକ ସ୍ପନ ପ୍ୟାକେଟକୁ ବୃଦ୍ଧି କରିବାକୁ ଯୋଜନା କରୁଛି।

ଡୁମେରପଦର ଗାଁର ଜଣେ ହିତାଧିକାରୀ ଚନ୍ଦ୍ରିକା ନାଏକ କହିଛନ୍ତି, "ଏହି ପଦକ୍ଷେପ ମାଧ୍ୟମରେ ଆମେ ବୈଜ୍ଞାନିକ ଛତୁ ଚାଷ ଶିଖିଛୁ ଏବଂ ଏବେ ଆମେ ଆମ ଘରୁ ରୋଜଗାର କରିପାରୁଛୁ। ବେଦାନ୍ତାର ଏହି ପ୍ରକଳ୍ପ ଆମକୁ ଆମ ପରିବାରକୁ ସମର୍ଥନ କରିବା ଏବଂ ଆମ ସମ୍ପ୍ରଦାୟର ବିକାଶ ପାଇଁ ମିଳିତ ପ୍ରୟାସ କରିବାରେ ସାହାଯ୍ୟ କରୁଛି। ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ଜୀବିକା ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଝାରସୁଗୁଡ଼ାରେ, ଶୁଭଲକ୍ଷ୍ମୀ ସମବାୟ କ୍ଷୁଦ୍ର ଆର୍ଥିକ ସହାୟତା, ଉଦ୍ୟୋଗ ତାଲିମ ଏବଂ ସଂରଚିତ ସଂଚୟ ମାଧ୍ୟମରେ ୪୪୦ ସ୍ୱୟଂ ସହାୟକ ଗୋଷ୍ଠୀର ୫,୦୦୦ ରୁ ଅଧିକ ମହିଳାଙ୍କୁ ସହାୟତା କରେ। କଳାହାଣ୍ଡିରେ, ପ୍ରକଳ୍ପ ସଖି ୩,୦୦୦ ରୁ ଅଧିକ ମହିଳାଙ୍କୁ କୃଷି ଏବଂ ଅଣ-କୃଷି ଜୀବିକାରେ ନିୟୋଜିତ କରିବାକୁ ସକ୍ଷମ କରିଛି, ଯାହା ପରିବାରର ଆୟ ଏବଂ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିଥାଏ।

ବର୍ଷ ବର୍ଷ ଧରି, ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ୧୨,୦୦୦ ରୁ ଅଧିକ ମହିଳାଙ୍କୁ ସଂରଚିତ ଜୀବିକା ହସ୍ତକ୍ଷେପ ମାଧ୍ୟମରେ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହା ଦକ୍ଷତା, ଉଦ୍ୟୋଗ ବିକାଶ ଏବଂ ବଜାର ସମନ୍ୱୟ ଉପରେ ଦୃଢ଼ ଧ୍ୟାନ ଦେଇ ଆସିଛି। ଏହି ଅଭିଜ୍ଞତା ରାୟଗଡ଼ାରେ କମ୍ପାନୀର ଆଭିମୁଖ୍ୟକୁ ସୂଚିତ କରେ, ଯେଉଁଠାରେ ଜୀବିକା କାର୍ଯ୍ୟକ୍ରମଗୁଡ଼ିକୁ ପର୍ଯ୍ୟାୟକ୍ରମେ ବିସ୍ତାର କରାଯାଉଛି, ଯାହା ସ୍ଥାନୀୟ ପରିସ୍ଥିତି ଯେପରିକି ପ୍ରବେଶ, ସମ୍ବଳ ଉପଲବ୍ଧତା ଏବଂ ଘରୋଇ ଆର୍ଥିକ ଢାଂଚା ସହିତ ଅନୁକୂଳିତ। ପ୍ରମାଣିତ ବଡ଼ ସ୍କେଲ୍ ମଡେଲ୍ ସହିତ ପାଇଲଟ୍-ଆଧାରିତ ଶିକ୍ଷାକୁ ସମନ୍ୱିତ କରି, କମ୍ପାନୀ ଦୀର୍ଘକାଳୀନ ଆୟ ସୃଷ୍ଟି ଏବଂ ସମ୍ପ୍ରଦାୟ ସ୍ଥିରତା ଉପରେ ଧ୍ୟାନ ଦେଇ ସାରା ଓଡ଼ିଶାରେ ମହିଳା ନେତୃତ୍ୱାଧୀନ ଜୀବିକା ଇକୋସିଷ୍ଟମକୁ ସୁଦୃଢ଼ କରିବା ଜାରି ରଖିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା, (ସବ୍ୟୁ):ଶନିବାର ରାତ୍ରରେ ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ବିଲସାହି ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ଉକ୍ତ ଗ୍ରାମର ଜ୍ୟୋତି ରଞ୍ଜନ ବେହେରା ଓ ତାଙ୍କ ପିଉସୀ ପୁଅ ଭାଇ ସୌମ୍ୟରଞ୍ଜନ ଗତ ଶନିବାର ରାତ୍ର ୧୧ ଟା ସମୟରେ ଚାରିଛକ ବଜାରରୁ ନିଜ ଗ୍ରାମ ବିଲସାହିକୁ ଫେରୁଥିବା ବେଳେ ଓରପଟ ଛକ ଠାରେ ଓରପଟ ଗ୍ରାମର ସ୍ୱାଧୀନ କାଣ୍ଡି ଓ ୩ଜଣ ସହଯୋଗୀ ଯୁବକ ଏକ କାର ରଖି ରାସ୍ତା ଅବରୋଧ କରି ନିଶା ସେବନ କରୁଥିଲେ । ସେମାନଙ୍କୁ ସାଇଡ ଦେବା ପାଇଁ କହିବାରୁ ତାଙ୍କ ଭିତରୁ ସତ୍ୟାଧୀନ ରାଗିଯାଇ ଗାଳି ଗୁଲଜ କରିବା ସହିତ ଏକ ପଥରରେ ଜ୍ୟୋତିଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଫଳରେ ଜେ୍ୟାତି ଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକ ସେଠାକୁ ଆସିବା ଦେଖି ଅଭିଯୁକ୍ତ ମାନେ ସେଠାରୁ ଖସି ପଳାଇ ଥିଲେ । ଗୁରୁତର ଅବସ୍ଥାରେ ଜ୍ୟୋତିରଞ୍ଜନ ଙ୍କୁ ତାଙ୍କର ଭାଇ ଚିକିତ୍ସା ପାଇଁ ଚାରିଛକ ସତ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ ।

# ଜୁଲାଇରୁ ଭିବି ଜୀ-ରାମ-ଜୀ ଯୋଜନା

ନୂଆଦିଲ୍ଲୀ : ବିକଶିତ ଭାରତ-ନିଯୁକ୍ତି ଓ ଜୀବିକା ମିସନ ଗ୍ୟାରେଣ୍ଟି (ଗ୍ରାମୀଣ) ବା ଭିବି ଜି-ରାମ-ଜି ଯୋଜନା ଚଳିତ ମାସ ଜୁଲାଇରୁ କାର୍ଯ୍ୟକାରୀ ହେବ। ଏନେଇ କେନ୍ଦ୍ର ସରକାର ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ଉପା ସରକାରଙ୍କ ଅମଳରୁ ଚାଲି ଆସିଥିବା ପୁରୁଣା ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ସ୍ଥାନରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏଥି ସହିତ ଗ୍ରାମୀଣ ନିଯୁକ୍ତି ଯୋଜନାରେ ଏକ ବଡ଼ ଧରଣର ପରିବର୍ତ୍ତନ ହେବାକୁ ଯାଉଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅନୁସାରେ ଏହି ଯୋଜନା ଜୁଲାଇରୁ ପର୍ଯ୍ୟାୟକ୍ରମେ ଲାଗୁ ହେବ ଏବଂ ଧୀରେ ଧୀରେ ତାହା ମନରେଗାର ସ୍ଥାନ ନେବ। କେନ୍ଦ୍ର କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହାକୁ ଗ୍ରାମୀଣ ଶ୍ରମିକ, ଚାଷୀଙ୍କ ପାଇଁ ଏକ ନୂଆ ସକାଳ ଭାବେ ବର୍ଣ୍ଣନା କରିଛନ୍ତି ଯାହା ସେମାନଙ୍କୁ ଜୀବିକା ସୁଯୋଗ



ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ଭିତ୍ତିଭୂମିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଭିବି ଜି-ରାମ-ଜିରେ ଗ୍ରାମୀଣ ପରିବାରଗୁଡ଼ିକୁ ବର୍ଷକୁ ୧୨୫ ଦିନର ନିଶ୍ଚିତ କାମ ଦିଆଯିବ ଯାହା ମନରେଗା ସମୟରେ ମିଳୁଥିବା ୧୦୦ ଦିନର କାମଠାରୁ ଅଧିକ। ମନରେଗାରୁ ଭିବି ଜି-ରାମ-ଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ମନରେଗାର ସବୁ ଉପାଦାନ ପୂର୍ବଭଳି ରହିବ। ମନରେଗା ଯୋଜନାରେ ସମ୍ପୂର୍ଣ୍ଣ ହୋଇପାରିନଥିବା ପ୍ରକଳ୍ପଗୁଡ଼ିକର କାମ ଆସନ୍ତା ଜୁଲାଇ ୧ ପର୍ଯ୍ୟନ୍ତ ଚାଲିବ। ଶ୍ରୀ ଚୌହାନ କହିଛନ୍ତି ଯେ ଯୋଜନାରେ ପରିବର୍ତ୍ତନ ଅବଧି ସମୟରେ ଯେଭଳି କୌଣସି ଶ୍ରମିକ କାମରୁ ବଞ୍ଚିତ ନ ହେବେ ତାହା ନିଶ୍ଚିତ କରିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ରାଜ୍ୟମାନଙ୍କ ସହ ପରାମର୍ଶ କରି ଏହି ଯୋଜନାକୁ ଚୂଡ଼ାନ୍ତ ରୂପ ପ୍ରଦାନ କରାଯାଇଛି। ନୂଆ ନିୟମ ପାଇଁ ପ୍ରସ୍ତୁତ ହେବାକୁ ରାଜ୍ୟମାନଙ୍କୁ ୬ ମାସର ସମୟ ଦିଆଯାଇଛି। ଏହାସତ୍ତ୍ୱେ ଜୁଲାଇ ୧ରୁ ସବୁ ରାଜ୍ୟ ପାଇଁ ଭିବି ଜି-ରାମ-ଜି ଯୋଜନା ଅଧୀନରେ ପାଣ୍ଠି ଦିଆଯିବ। ଚଳିତ ବର୍ଷ ବଜେଟରେ ଭିବି ଜି-ରାମ-ଜି ଯୋଜନା ପାଇଁ ୯୫,୦୦୦ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ରାଜ୍ୟଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ଅଧୀନରେ ବ୍ୟୟ ୧.୫୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବା ଆଶା କରାଯାଉଛି। ଭିବି ଜି-ରାମ-ଜି ଯୋଜନାରେ କେବଳ ଶ୍ରମ ନୁହେଁ, ବରଂ ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପ କାମ ମଧ୍ୟ ହାତକୁ ନିଆଯିବ। ଜଳ ସଂରକ୍ଷଣ ପ୍ରକଳ୍ପ, ଗ୍ରାମୀଣ ସଡ଼କ, ପୋଲ, କଲଭର୍ଟ, ବିଦ୍ୟାଳୟ, ଅଙ୍ଗନବାଡ଼ି କୋଠା ଓ ଚାଷ ସମ୍ପର୍କିତ ଭିତ୍ତିଭୂମି ନିର୍ମାଣ ପାଇଁ କାର୍ଯ୍ୟ ପର୍ମିଟ୍ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଓ କୃଷକ ଉତ୍ପାଦ ସଂଗଠନ ମାନଙ୍କ ପାଇଁ ମଧ୍ୟ ଏହି ଯୋଜନାରେ କାମ ହେବ। ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ଭିତ୍ତିଭୂମି କାମ ମଧ୍ୟ ତହାକୁ ନିଆଯିବ। ମଜୁରି ପ୍ରଦାନରେ ବିଳମ୍ବ ହେଲେ ଶ୍ରମିକଙ୍କୁ କ୍ଷତିପୂରଣ ଦିଆଯିବ ଏବଂ କାମ ଦେଇ ନ ପାରିଲେ ସରକାର ବେକାରୀ ଭତ୍ତା ପ୍ରଦାନ କରିବେ।

# ଶୁଭେନ୍ଦୁଙ୍କ ସହଯୋଗୀଙ୍କୁ ହତ୍ୟା ମାମଲା : ୟୁପିରୁ ୩ ଗିରଫ

କୋଲକାତା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହଯୋଗୀ ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଉତ୍ତର ପ୍ରଦେଶରୁ ତିନି ଜଣଙ୍କୁ ଗିରଫ କରାଯାଇଛି ବୋଲି ସୋମବାର ଦିନ ପୁଲିସ ସୂଚନା ପ୍ରଦାନ କରିଛି। ୬ ମେ' ରାତିରେ ଉତ୍ତର ୨୪ ପରଗଣା ଜିଲ୍ଲାର ମଧ୍ୟମଗ୍ରାମରେ ଘଟିଥିବା ହତ୍ୟାକାଣ୍ଡର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ(ଏସ୍‌ଆଇଟି) ଦ୍ୱାରା ଏହି ଗିରଫଦାରୀ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତକାରୀମାନେ ଡିଜିଟାଲ୍ ପ୍ରମାଣ ଏବଂ ଆନ୍ତଃରାଜ୍ୟ ଲିଙ୍କ୍ ଟ୍ରାକ୍ କରିଥିଲେ। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ବିହାରର ବକ୍ସର ଜିଲ୍ଲାର ପାଣ୍ଡିଆପଟ୍ଟିର ବାସିନ୍ଦା ବିଶାଳ ଶ୍ରୀବାସ୍ତବ। ଏହା ସହିତ ଉତ୍ତର ପ୍ରଦେଶର ଅନ୍ୟ ଦୁଇଜଣ ବୋଲି ଚିହ୍ନଟ କରାଯାଇଛି। ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି ଯେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ସାର୍ପସୁଟର। ତଦନ୍ତରୁ ଜଣାପଡ଼ିଛି, ଆକ୍ରମଣକାରୀମାନେ ପଶ୍ଚିମବଙ୍ଗ ବାହାରର ଥିଲେ। ବୈଷୟିକ ନିରୀକ୍ଷଣ, ଡିଜିଟାଲ୍ ଟ୍ରାକିଂ ଏବଂ ଅନ୍ୟାନ୍ୟ ସୂଚନା ଆଧାରରେ





ଏସ୍‌ଆଇଟିର ସଦସ୍ୟମାନଙ୍କୁ ଉତ୍ତର ପ୍ରଦେଶ ଏବଂ ବିହାର ପଠାଯାଇଥିଲା। ହତ୍ୟା ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ଆଠ ଜଣ ଲୋକ ସାମିଲ ଥିଲେ। ତଦନ୍ତକାରୀମାନଙ୍କ ଅନୁସାରେ ଆକ୍ରମଣକାରୀମାନେ ଚନ୍ଦ୍ରନାଥଙ୍କୁ ଟାର୍ଗେଟ କରିବା ପୂର୍ବରୁ ଗୁପ୍ତଚରୀ କାର୍ଯ୍ୟ କରିଥିଲେ।ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣାରେ ବୁଧବାର ରାତିରେ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ଅଜ୍ଞାତ ଆକ୍ରମଣକାରୀମାନେ ନିକଟରୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟାରେ ଆକ୍ରମଣକାରୀମାନଙ୍କ ଦ୍ୱାରା ବ୍ୟବହୃତ ଦୁଇଟି ମୋଟରସାଇକେଲ ମଧ୍ୟରୁ ଗୋଟିଏ ପୁଲିସ ଜବତ କରିଛି।

# ହିମନ୍ତ ବିଶ୍ୱଶର୍ମା ଆଜି ଶପଥ ନେବେ

ଗୁଆହାଟୀ : ଏନଡିଏର ବିଧାୟକ ଦଳର ନବନିର୍ବାଚିତ ନେତା ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସୋମବାର ସେ ରାଜ୍ୟପାଳଙ୍କୁ



ଭେଟି ସରକାର ଗଠନ ପାଇଁ ଦାବି କରିଛନ୍ତି। ଏହି ସମୟରେ ତାଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଜେପି ନଡ୍ଡା ଉପସ୍ଥିତ ରହିଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଲଗାତାର ତୃତୀୟ ଥର ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ଆସାମରେ ସରକାର ଗଠନ କରିବାକୁ ଯାଉଛି। ଆସାମ ବିଧାନସଭାରେ ୧୨୬ଟି ଆସନ ଥିବା ବେଳେ ଏନଡିଏ ୧୦୨ଟି ଆସନ ଜିତିଛି। ତା' ମଧ୍ୟରେ ବିଜେପି ସର୍ବାଧିକ ୮୨ଟି ଆସନ ରହିଛି। ବିଜେପି ପାଖରେ ଏକାକୀ ସରକାର ଗଠନ କରିବାର ମ୍ୟାଜିକ୍ ନମ୍ବର ରହିଛି। ଅନ୍ୟପକ୍ଷରେ ଏନଡିଏରେ ସାମିଲ ଏଜିପି ଓ ବିପିଏଫକୁ ୧୦ଟି ଲେଖାଏ ଆସନ ମିଳିଛି।

# ପ୍ରକମ୍ପିତ ହେଲା ସୋମନାଥ : କୁମ୍ଭାଭିଷେକ କଲେ ପ୍ରଧାନମନ୍ତ୍ରୀ

ଅହମଦାବାଦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ମନ୍ଦିର ପୁନଃନିର୍ମାଣର ୭୫ତମ ବାର୍ଷିକୀ ପାଳନ କରିବା ପାଇଁ ଗୁଜରାଟ ଗସ୍ତରେ ଯାଇଛନ୍ତି। ସୋମବାର ଦିନ ସେ ସୋମନାଥ ମନ୍ଦିରରେ ଆୟୋଜିତ 'ଅମୃତ ପର୍ବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ଏକ ବିଧିବଦ୍ଧ ପୂଜା କରିଥିଲେ। ଭଗବାନ ଶିବଙ୍କ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ ସୋମନାଥ ମନ୍ଦିରର ଭବ୍ୟ ଶିଖରକୁ ଦେଶର ୧୧ଟି ପବିତ୍ର ତୀର୍ଥସ୍ଥଳରୁ ଜଳରେ କୁମ୍ଭାଅଭିଷେକ କରାଯାଇଥିଲା। ଗୁଜରାଟରେ ସୋମନାଥ ଅମୃତ ମହୋତ୍ସବ ସମୟରେ ପ୍ରଧାନମନ୍ତ୍ରୀ ଭାରତର ସାଂସ୍କୃତିକ ଐତିହ୍ୟ, ଆତ୍ମବିଶ୍ୱାସ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଥିଲେ।ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଇତିହାସରେ ଅନେକ ଆକ୍ରମଣକାରୀ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ଏହାର ବୈଭବକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ



କେବେ ସଫଳ ହୋଇ ନଥିଲେ। ଆକ୍ରମଣକାରୀମାନେ ସୋମନାଥକୁ କେବଳ ଏକ ଭୌତିକ ଗଠନ ବୋଲି ଭାବିଥିଲେ, ଏବଂ ତେଣୁ ଏହାକୁ ବାରମ୍ବାର ଧ୍ୱଂସ କରିଥିଲେ। କିନ୍ତୁ ପ୍ରତ୍ୟେକ ଥର, ସୋମନାଥ ପୁଣି ଠିଆ ହୋଇଥିଲେ କାରଣ ଏହାକୁ ଧ୍ୱଂସ କରିଥିବା ଲୋକମାନେ ଭାରତର ବୈଚାରିକ ଶକ୍ତିକୁ ବୁଝିପାରି ନଥିଲେ। ଭାରତୀୟ ସଂସ୍କୃତି ଭୌତିକ ଶରୀରକୁ ନଶ୍ୱର ବୋଲି ମାନିଥାଏ, କିନ୍ତୁ ଏହା ମଧ୍ୟରେ ଥିବା ଆତ୍ମାକୁ ଅମର ବୋଲି ମାନିଥାଏ। ଶିବ ହେଉଛନ୍ତି ପରମାତ୍ମା, ଏବଂ ଏହା ଭାରତର ଅନନ୍ତ ଚେତନାର ସର୍ବଶ୍ରେଷ୍ଠ ଶକ୍ତି।ପ୍ରଧାନମନ୍ତ୍ରୀ ଏକ ବଡ଼ ବାର୍ତ୍ତା ଦେଇ କହିଛନ୍ତି, ବିଶ୍ୱର କୌଣସି ଶକ୍ତି ଭାରତକୁ ନଇଁ ପାରିବ ନାହିଁ କି ଚାପ ପକାଇପାରିବ ନାହିଁ। ୧୧ ମେ' ୧୯୯୮ର ପୋଖରାନ ପରମାଣୁ ପରୀକ୍ଷଣ ବିଷୟରେ ଉଲ୍ଲେଖ କରି କହିଥିଲେ, ସେହି ସମୟରେ ସମଗ୍ର ବିଶ୍ୱ ଭାରତ ବିରୋଧରେ ଠିଆ ହୋଇଥିଲା। ପରମାଣୁ ପରୀକ୍ଷଣ ପରେ, ଭାରତ ଉପରେ ଅନେକ ପ୍ରତିବନ୍ଧକ ଲଗାଯାଇଥିଲା, ଏବଂ ବିଶ୍ୱ କ୍ରୋଧିତ ହୋଇଥିଲା, କିନ୍ତୁ ଭାରତ ପଛକୁ ହଟି ନଥିଲା। ସ୍ୱାଧୀନତା ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୦୦ ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଏକତ୍ର କରି ଦେଶକୁ ଏକତ୍ର କରିଥିଲେ ଏବଂ ସୋମନାଥ ମନ୍ଦିର ପୁନଃନିର୍ମାଣ ପାଇଁ ତାଙ୍କର ପ୍ରତିଜ୍ଞାକୁ ମଧ୍ୟ ପୂରଣ କରିଥିଲେ। ତାଙ୍କୁ ଅନେକ ଥର ସୋମନାଥ ଦର୍ଶନ କରିବାର ସୁଯୋଗ ମିଳିଛି ଏବଂ କିଛି ଦିନ ପୂର୍ବରୁ ସେ ଏଠାକୁ ଆସିଥିବା ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ଭାରତର ସ୍ୱାଭିମାନ, ସାଂସ୍କୃତିକ ଐତିହ୍ୟ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ବଡ଼ ବକ୍ତବ୍ୟ ଦେଇ କହିଥିଲେ, ଆମ ଦେଶରେ ସ୍ୱାଭିମାନ ଭଳି ପ୍ରସଙ୍ଗକୁ ମଧ୍ୟ ରାଜନୀତିକରଣ କରାଯାଏ।ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ପୁନଃନିର୍ମିତ ସୋମନାଥ ମନ୍ଦିରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କଳାକାର ଏବଂ ଦୂରଦୂରାନ୍ତର ଲୋକଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସୋମନାଥ ମନ୍ଦିରରେ ସୋମନାଥ ଅମୃତ ମହୋତ୍ସବରେ ଅଂଶଗ୍ରହଣ କରିବା ପୂର୍ବରୁ, ପ୍ରଧାନମନ୍ତ୍ରୀ ଏକ ଭବ୍ୟ ରୋଡ୍ ଶୋ କରିଥିଲେ। ତାଙ୍କ ସହିତ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଉପସ୍ଥିତ ଥିଲେ।

# ଜାମ୍ମୁ-କାଶ୍ମୀରରେ ରାପିଡୋ ବେଆଇନ

ଶ୍ରୀନଗର : ଜମ୍ମୁ ଏବଂ କାଶ୍ମୀର ସରକାର ଆନୁଷ୍ଠାନିକ ଭାବରେ ଆପ୍-ଆଧାରିତ ଟ୍ୟାକ୍ସି ଏବଂ ବାଇକ୍ ସେବା ରାପିଡୋକୁ ଜାମ୍ମୁ କାଶ୍ମୀରରେ ବେଆଇନ ଘୋଷଣା କରିଛନ୍ତି। ଜାମ୍ମୁ କାଶ୍ମୀର ପରିବହନ କମିଶନର ବିଶେଷ ପାଲ ମହାଜନ କହିଛନ୍ତି ଯେ ବାଇକ୍ ଟ୍ୟାକ୍ସି ସେବା ରାପିଡୋ କେନ୍ଦ୍ରଶାସିତ ଅଞ୍ଚଳରେ ବେଆଇନ ଭାବରେ କାର୍ଯ୍ୟ କରୁଛି କାରଣ ଏହାର ଜାମ୍ମୁ କାଶ୍ମୀର ମୋଟର ଯାନବାହନ ଅଧିନିୟମ ନୀତି ଅନୁଯାୟୀ ବୈଧ ଲାଇସେନ୍ସ ନାହିଁ।ମହାଜନ କହିଛନ୍ତି ଯେ ସେବା ବିଷୟରେ ଅନେକ ଅଭିଯୋଗ ପାଇବା ପରେ, କର୍ତ୍ତୃପକ୍ଷଙ୍କୁ ପ୍ଲାଟଫର୍ମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବ୍ୟବହାରକାରୀ ଏବଂ ଆରୋହୀମାନଙ୍କୁ ନିଜ ରିସ୍କରେ ଏହାକୁ ବ୍ୟବହାର କରିବାକୁ ଚେତାବନୀ ଦିଆଯାଇଛି।

# ଶୁଭେନ୍ଦୁଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ୬ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

କୋଲକାତା : ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବା ପରେ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ ବୈଠକରେ ଛଅଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ଏବଂ ୪୫ ଦିନ ମଧ୍ୟରେ ବାଂଲାଦେଶ ସୀମା ବାଡ଼ ପାଇଁ ବିଏସ୍‌ଏଫକୁ ଜମି ଯୋଗାଇବା ଅନ୍ତର୍ଭୁକ୍ତ ରହିଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଅବସରରେ ନିର୍ବାଚନ କମିସନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟରେ ହିଂସାମୁକ୍ତ ଏବଂ ସଫଳ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ଭୋଟର ଏବଂ ଭାରତୀୟ ନିର୍ବାଚନ କମିସନଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ନିର୍ବାଚନ ସମୟରେ ନିର୍ବାଚନ କମିସନଙ୍କ କାର୍ଯ୍ୟ ପ୍ରଶଂସନୀୟ।



କ୍ୟାବିନେଟ ବୈଠକରେ ରାଜ୍ୟରେ ବିଜେପି ସରକାର ଗଠନ ସୁନିଶ୍ଚିତ କରିବା ପାଇଁ ନିଜ ଜୀବନ ବଳିଦାନ ଦେଇଥିବା ୩୨୧ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଛନ୍ତି,ଆମେ ସେମାନଙ୍କ ପରିବାର ପାଇଁ ନ୍ୟାୟ ସୁନିଶ୍ଚିତ କରିବୁ। ଏହି ବିଜେପି କର୍ମୀଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ସେମାନେ ଯେକୌଣସି ମୂଲ୍ୟରେ ନ୍ୟାୟ ପାଇବେ। ଜାତୀୟ ସୁରକ୍ଷା ଏବଂ ସୀମାନ୍ତ ଅଞ୍ଚଳରେ ଜନସଂଖ୍ୟାଗତ ପରିବର୍ତ୍ତନକୁ ଧ୍ୟାନରେ ରଖି, ସୀମାରେ ବାଡ଼ ଦେବା ପାଇଁ ବିଏସ୍‌ଏଫ୍‌କୁ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟ ୪୫ ଦିନ ମଧ୍ୟରେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିର୍ବାଚନ ପ୍ରଚାର ସମୟରେ, ବିଜେପି କ୍ଷମତାକୁ ଆସିଲେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏବେ, ଏହି ପ୍ରତିଶ୍ରୁତି ପୂରଣ ହେବାକୁ ଯାଉଛି। ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ରାଜ୍ୟ ଆନୁଷ୍ଠାନିକ ଭାବରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଯୋଜନା 'ଆୟୁଷ୍ମାନ ଭାରତ' ରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦୀଙ୍କ ସମସ୍ତ ଯୋଜନା ଏବେ ରାଜ୍ୟରେ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ବନ୍ଦ କରାଯାଇଥିବା କେନ୍ଦ୍ରୀୟ ତାଲିମ ଏବଂ ଅମଲାଙ୍କ ନିୟୋଜନକୁ ଅନୁମୋଦନ କରାଯାଇଛି। ଏହା ବ୍ୟତୀତ, ଭାରତୀୟ ଦଣ୍ଡ ସଂହିତା (ବିଏନ୍‌ଏସ୍), ଯାହା ଏପର୍ଯ୍ୟନ୍ତ ରାଜ୍ୟରେ କାର୍ଯ୍ୟକାରୀ ହୋଇନଥିଲା, ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି। ସମସ୍ତ ନୂଆ ମାମଲା ଏବେ ନୂଆ ଆଇନ ଅନୁଯାୟୀ ପଞ୍ଜୀକୃତ ହେବ। ୨୦୧୫ ପରଠାରୁ ରାଜ୍ୟରେ କୌଣସି ବଡ଼ ନିଯୁକ୍ତି ହୋଇନାହିଁ। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ପ୍ରତିଶ୍ରୁତି ଅନୁଯାୟୀ ଖୁବ୍ ଶୀଘ୍ର ଏକ ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ।

# କେରଳମ୍‌ରେ ମୁଖ୍ୟମନ୍ତ୍ରୀ ଚୟନ ନେଇ ଅନିଶ୍ଚିତତା ଜାରି

ନୂଆଦିଲ୍ଲୀ : କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଜିତିବାର ୭ ଦିନ ପରେ ବି ନୂଆ ମୁଖ୍ୟମନ୍ତ୍ରୀ ଚୟନ ହୋଇନାହିଁ ଓ ସରକାର ଗଠନ ନେଇ ଅନିଶ୍ଚିତତା ଜାରି ରହୁଛି। ଏହି ବିଳମ୍ବ ଯୋଗୁ ଦଳ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ଚାପ କାରଣ ବୋଲି ଆଲୋଚନା ହେଉଛି। ତେବେ କେରଳମ୍‌ର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ଚିତ୍ର ସ୍ପଷ୍ଟ ହୋଇନାହିଁ। ଦଳର ହାଇକମାଣ୍ଡଙ୍କ ପକ୍ଷରୁ କେରଳମ୍‌ର ବରିଷ୍ଠ ନେତାମାନଙ୍କୁ ନୂଆଦିଲ୍ଲୀ ଡକାଯାଇଛି।

ମେ' ୪ ତାରିଖରୁ ନିର୍ବାଚନ ଫଳାଫଳ ବାହାରିଲାଣି। ହେଲେ ଏ ପର୍ଯ୍ୟନ୍ତ ରାଜନୈତିକ ଆଲୋଚନା ଦଳ ଭିତରେ ସ୍ପଷ୍ଟ ରୂପରେଖ ନେଉନାହିଁ। କଂଗ୍ରେସର ସହଯୋଗୀମାନଙ୍କ ସହ ମଧ୍ୟ ବିଚାର ବିମର୍ଷ ଚାଲୁଥିବାବେଳେ ତାହା ଚୂଡ଼ାନ୍ତ ରୂପ ନେଇନାହିଁ। ବରିଷ୍ଠ କଂଗ୍ରେସ ନେତା କେ ମୁରଲିଧରନ୍‌ଙ୍କୁ ଏଆଇସିସି ପକ୍ଷରୁ ଡାକରା ମିଳିଛି। ମୁରଲୀଧରନ୍ କହିଛନ୍ତି ଯେ ୪୮ ଘଣ୍ଟା ଧରେ କେରଳର ନୂଆ ମୁଖ୍ୟମନ୍ତ୍ରୀ ଚୟନ ହେବେ। ସେହିଭଳି କେରଳ କଂଗ୍ରେସର ଉପସଭାପତି ଏପି ଅନିଲ କୁମାର, ସାଫି ପରମବିଲ, ପିସି ବିଷ୍ଣୁଧାଙ୍କୁ ମଧ୍ୟ ଦିଲ୍ଲୀ ଡକାଯାଇଛି। ମେ' ୨୩ ତାରିଖରେ ବର୍ତ୍ତମାନର କେରଳ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ଏହା ପୂର୍ବରୁ କଂଗ୍ରେସ ନେତାମାନେ ବିଚାର ବିମର୍ଶ କରି ନୂଆ ମୁଖ୍ୟମନ୍ତ୍ରୀ ଚୟନ କରିବା କଥା। ମୁଖ୍ୟମନ୍ତ୍ରୀ ଚୟନରେ ବିଳମ୍ବ ହେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପି ନେତାମାନେ ମଧ୍ୟ କଂଗ୍ରେସକୁ ସମାଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦୌଡରେ ବରିଷ୍ଠ କଂଗ୍ରେସ ନେତା ରମେଶ ଚେନିଥାଲା, ଏଆଇସିସିର ସାଙ୍ଗଠନିକ ସମ୍ପାଦକ କେସି ଭେନୁଗୋପାଳ ଓ ବିରୋଧୀ ଦଳ ନେତା ଭିଡି ସାତିସାନ୍ ରହିଛନ୍ତି। କଂଗ୍ରେସ ହାଇକମାଣ୍ଡ ଗତକାଲି ଏହି ୩ ନେତାଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ମଲ୍ଲିକାର୍ଜୁନେ ଖଡ୍‌ଗେ ଓ ରାହୁଲ ଗାନ୍ଧୀ ମଧ୍ୟ କଂଗ୍ରେସର ବରିଷ୍ଠ ନେତାଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଧିକାଂଶ କଂଗ୍ରେସ ବିଧାୟକ ଭେନୁଗୋପାଳଙ୍କୁ ଏହି ପଦ ପାଇଁ ଦାବିଦାର ବୋଲି କହୁଛନ୍ତି। କିନ୍ତୁ ଲୋକଙ୍କ ପସନ୍ଦ ସାଥିସାଙ୍କ ପକ୍ଷରେ ରହିଛି। ଶ୍ରୀ ଚେନୀତାଲା କହିଛନ୍ତି ଯେ ଆମେ ଆମର ମତକୁ ହାଇକମାଣ୍ଡଙ୍କ ପାଖରେ ରଖିଛୁ। ସେମାନେ ଶୁଣିଛନ୍ତି ଓ ନିଷ୍ପତ୍ତି ନେବେ।

# ବିଜୟ ଓ ଷ୍ଟାଲିନଙ୍କ ଭେଟଘାଟ

ଚେନ୍ନାଇ : ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ସୁପରଷ୍ଟାର ଥାଲାପତି ବିଜୟ ଆଜି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନଙ୍କୁ ଭେଟିଛନ୍ତି। ରବିବାର ବିଜୟ ତାମିଲନାଡୁର ପ୍ରଥମ ଅଣଦ୍ରାବିଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଉଭୟ ଡିଏମକେ ଓ ଏଆଇଏଡିଏମକେକୁ ମାତ ଦେଇ ବିଜୟଙ୍କ ଟିଭିକେ ବିଜୟ ମୁକୁଟ ପିନ୍ଧିଥିଲା। ତେବେ ଶପଥ ନେବାର ଦିନକ ପରେ ଆଜି ବିଜୟ ସୌଜନ୍ୟତା ଦୃଷ୍ଟିରୁ ପ୍ରଥମେ ଷ୍ଟାଲିନଙ୍କ ପୁଅ ଉଦୟନିଧିଙ୍କୁ ଭେଟିଥିଲେ। ଉଦୟନିଧି ଓ ବିଜୟଙ୍କ ବନ୍ଧୁତା ବେଶ ପୁରୁଣା। ଉଭୟ ପିଲା ବେଳେ ପ୍ରାୟ ଏକାଠି ବୁଲାବୁଲି କରୁଥିଲେ। ପ୍ରଥମେ ସେ ଉଦୟନିଧିଙ୍କୁ ଭେଟିବା ପରେ ସିଧା ତାଙ୍କ ଘରକୁ ଯାଇଥିଲେ। ସେଠାରେ ସେ ଡିଏମକେ ସୁପ୍ରିମୋ ଷ୍ଟାଲିନଙ୍କୁ ଭେଟିଛନ୍ତି। ଉଭୟ ନେତା ବେଶ କିଛି ସମୟ ଧରି ଆଲୋଚନା କରିଛନ୍ତି। କିନ୍ତୁ ଆଲୋଚନାର ବିଷୟବସ୍ତୁ ସମ୍ପର୍କରେ ଜଣାପଡ଼ିନାହିଁ। କଳାରଙ୍ଗର ସୁଟରେ ଥିବା ବିଜୟ ପ୍ରଥମେ ଷ୍ଟାଲିନଙ୍କୁ ଉତରୀୟ ଦେଇଥିଲେ। ଏହାପରେ ଷ୍ଟାଲିନ ମଧ୍ୟ ସମାନ ପଦକ୍ଷେପ ନେଇଥିଲେ। ଜଣେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା



ଗୋଟିଏ ସୁସ୍ଥ ଗଣତନ୍ତ୍ରର ସଙ୍କେତ ବୋଲି ଅନେକ ମତ ରଖିଛନ୍ତି। ବିଜୟଙ୍କ ଟିଭିକେ ତାମିଲନାଡୁ ବିଧାନସଭାରେ ୧୦୮ ଆସନ ଜିତିଥିଲା। ଏହାପରେ କଂଗ୍ରେସ, ବାମଦଳ, ଭିସିକେ ଓ ଆୟୁଏମଏଲ ସହାୟତାରେ ବିଜୟ ସରକାର ଗଠନ କରିଛି। ତାମିଲନାଡୁରେ ପ୍ରଥମ ମେଣ୍ଟ ସରକାରର ନେତୃତ୍ୱ ବିଜୟ ନେଉଛନ୍ତି। ରବିବାର ନେହରୁ ଷ୍ଟାଡିୟମରେ ବିଜୟ ଓ ତାଙ୍କ କ୍ୟାବିନେଟର କିଛି ସଦସ୍ୟ ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ। ମ୍ୟାଜିକ ନମ୍ବର ୧୧୮ ହାସଲ କରିବାକୁ ବିଜୟ ସଂଘର୍ଷ କରୁଥିବା ବେଳେ ଷ୍ଟାଲିନ ତାଙ୍କୁ ସରକାର ଗଠନ ପାଇଁ ଅନୁମତି ଦେବାକୁ ମଧ୍ୟ ରାଜ୍ୟପାଳଙ୍କୁ ନିବେଦନ କରିଥିଲେ।ତଥାପି ରାଜ୍ୟପାଳ କିଛି ବି ଶୁଣି ନଥିଲେ। ବିଜୟ ୧୧୮ ବିଧାୟକଙ୍କ ସମର୍ଥନ ଯୋଗାଡ଼ କରିବା ପରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶପଥ ନେବାର ଦିନକ ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ଭେଟିଛନ୍ତି।

# ବାହାସ୍ଫୋଟ ମାରିଲେ ପାକ୍ ସେନା ମୁଖ୍ୟ

ଇସଲାମବାଦ : ଭାରତୀୟ ସେନାର ଅପରେସନ ସିନ୍ଦୂରରେ ଘାଇଲା ହୋଇ ଯୁଦ୍ଧ ବିରତି ଲାଗୁ କରିଥିବା ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିର ପୁଣି ବାଚାଳାମୀ ଦେଖାଇଛନ୍ତି। ଅପରେସନ ସିନ୍ଦୂରର ବର୍ଷକ ପରେ ପାକିସ୍ତାନ ଫିଲ୍ଡ ମାର୍ଶଲ ମୁନିର ଭାରତକୁ ଦେଖାଇଛନ୍ତି ନାଲି ଆଖି।ସେ ଭାରତକୁ ଉସକାଇବା ଭଳି ବୟାନ ଦେଇଛନ୍ତି। ଭବିଷ୍ୟତରେ ଯଦି ପାକିସ୍ତାନ ବିରୋଧରେ କୌଣସି ଦୁଃସାହାସ ପ୍ରଦର୍ଶନ କରିବ, ତା'ହେଲେ ଏହାର ପରିଣାମ ନୂଆଦିଲ୍ଲୀ ପାଇଁ ଅତ୍ୟନ୍ତ ତୀବ୍ର, ବିପଦଜନକ ଓ ଯନ୍ତ୍ରଣା ଦାୟକ ରହିବ ବୋଲି ସେ ବାହାସ୍ଫୋଟ ମାରିଛନ୍ତି। ରାୱଲପିଣ୍ଡିରେ ଥିବା ଜେନେରାଲ ମୁଖ୍ୟାଳୟରେ ମୁନିର ଦାବି କରିଛନ୍ତି ଯେ ୨୦୨୫ ବିବାଦ ସମୟରେ ଭାରତ ତୁଳନାରେ ପାକିସ୍ତାନର ରଣନୀତି ଅଧିକ ଉଚ୍ଚତର ଥିଲା। ସେ କହିଛନ୍ତି, "ଆମ ଶତ୍ରୁମାନେ ମନେ ରଖିବା ଦରକାର ଯେ ଯଦି ଭବିଷ୍ୟତରେ ସେମାନେ କୌଣସି ପ୍ରକାରର ଦୁଃସାହାସ ପାକିସ୍ତାନ ବିପକ୍ଷରେ ପ୍ରଦର୍ଶନ କରିବେ, ତା'ହେଲେ ଯୁଦ୍ଧର ପ୍ରଭାବ ଆଦୌ ସୀମିତ ରହିବ ନାହିଁ। ଏହା ଅତ୍ୟନ୍ତ ତୀବ୍ର, ବିପଦ ଜନକ, ଅଧିକ ଘାତକ ଓ ଯନ୍ତ୍ରଣା ଦାୟକ ହେବ।" ମୁନିର ଆହୁରି ମୁହଁ ଫୁଟାଣି ଦେଖା କହି ଦାବି କରିଛନ୍ତି ଯେ ଭାରତ ୨୦୨୫ ସୈନ୍ୟ ସଂଘର୍ଷ ସମୟରେ ପାକିସ୍ତାନର ସଂପ୍ରଭୁତା ଓ କ୍ଷେତ୍ରୀୟ ସୀମାକୁ ଉଲ୍ଲଘଂନ କରି ଆମ ସଂକଳ୍ପର ପରୀକ୍ଷା ନେବାକୁ ଅସଫଳ ପ୍ରୟାସ କରିଥିଲା। ଏହାର ଜବାବ ଇସଲାମାବାଦ ପୂର୍ଣ୍ଣ ରାଷ୍ଟ୍ରୀୟ ଏକତା ଓ ସୈନ୍ୟ ବଳ ସହ ଦେଇଥିଲା।ଦୁଇ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ କେବଳ ଗୋଟିଏ ପାରମ୍ପରିକ ଯୁଦ୍ଧ ହୋଇ ନଥିଲା। ବାସ୍ତବରେ ଏହି ଯୁଦ୍ଧ ଦୁଇଟି ବିଚାରଧାରା ମଧ୍ୟରେ ହୋଇଥିଲା। ଏଥିରରେ ଆଲ୍ଲାଙ୍କ କୃପାରୁ ବିଶ୍ୱାସ ଜିତିଛି ଓ ମିଥ୍ୟା ହାରିଛି ବୋଲି ସେ ଦମ୍ଭୋକ୍ତି କରିଛନ୍ତି। ସେ କହିଛନ୍ତି ଯେ "୨୦୨୫ ବିବାଦ ଆଦୌ ଅତିର୍କିତ ନଥିଲା। ଏହା ଭାରତର ଦୀର୍ଘକାଳୀନ ରଣନୀତିର ଅଂଶବିଶେଷ। ୨୦୦୧, ୨୦୦୮, ୨୦୧୬ ଓ ୨୦୧୯ ମିଥ୍ୟା ଅଭିଯାନ ଏହା ପ୍ରମାଣିତ କରୁଛି ଯେ ଭାରତ ପୂର୍ବରୁ ମଧ୍ୟ ପାକିସ୍ତାନ ଉପରେ ଅବୈଧ ଯୁଦ୍ଧ ଥୋପିବାକୁ ଚାହୁଁଥିଲା।ନିଜର ସଂକୀର୍ଣ୍ଣ ମାନସିକତା, ଦୀର୍ଘ କାଳୀନ ରାଜନୀତିକ ଓ ସାମରିକ ଲକ୍ଷ୍ୟକୁ ଭାରତ ମିଥ୍ୟା ଅଭିଯୋଗ ଏବଂ ଯୁଦ୍ଧଖୋର ଆଭିମୁଖ୍ୟ ଦ୍ୱାରା ପୂରଣ କରିବାକୁ ଲକ୍ଷ୍ୟ ରଖିଥିଲା।

# ଚୀନ୍ ଗସ୍ତରେ ଯିବେ ଟ୍ରମ୍ପ : ଇରାନ ଶାନ୍ତି ସମାଧାନର ବାଟ ଫିଟିବ !

ବେଜିଂ/ୱାସିଂଟନ : ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଏପର୍ଯ୍ୟନ୍ତ ଥମି ନାହିଁ। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତାରିଖ ପ୍ରକାଶ ପାଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଟ୍ରମ୍ପ ୧୩ ମେ'ରୁ ୧୫ ତାରିଖ ପର୍ଯ୍ୟନ୍ତ ଚୀନ୍‌ରେ ରହିବେ ଏବଂ ବେଜିଂରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିବେ। ଏବେ ପ୍ରଶ୍ନ ଉଠୁଛି ଯେ, ଟ୍ରମ୍ପ ଏବଂ ଜିନପିଙ୍ଗଙ୍କ ମଧ୍ୟରେ ଏହି ବୈଠକ ଇରାନ ସଙ୍କଟର ସମାଧାନ ପାଇଁ କୌଣସି ରାସ୍ତା ଖୋଲିବ କି? ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଏହି ବୈଠକ ସମୟରେ ଟ୍ରମ୍ପ ଇରାନ ଏବଂ ରୁଷକୁ ସହାୟତା ବନ୍ଦ କରିବା ପାଇଁ ଚୀନ୍ ଉପରେ ଚାପ ପକାଇବେ। ଆମେରିକା ଅଭିଯୋଗ କରିଛି ଯେ, ଚୀନ୍ ଏପରି ସାମଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦେଉଛି ଯାହା ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି। ଅଧିକାରୀମାନେ କହିଛନ୍ତି, ଟ୍ରମ୍ପ ପୂର୍ବରୁ ସି ଜିନପିଙ୍ଗଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି ଏବଂ ହେବାକୁଥିବା ବୈଠକରେ ମଧ୍ୟ ଏହା ଏକ ପ୍ରମୁଖ ବିଷୟ ହେବ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ମେ' ୬ ତାରିଖରେ ବେଜିଂରେ ପହଞ୍ଚିଥିଲେ। ସେ ସେଠାରେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଥିଲେ। ସେବେଠାରୁ, ଶାନ୍ତି ଚୁକ୍ତିରେ ଚୀନ୍‌ର ଭୂମିକା ଗ୍ରହଣ ନେଇ କଳ୍ପନାଜଳ୍ପନା ଚାଲିଛି। ଆରାଘଚିଙ୍କ ସହ ତାଙ୍କ ସାକ୍ଷାତରେ, ବୈଦେଶିକ ମନ୍ତ୍ରୀ ୱାଙ୍ଗ ଶାନ୍ତି ଆଲୋଚନାକୁ ସହଜ କରିବା ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୪୦ ଦିନିଆ ଆମେରିକା-ଇରାନ ବିବାଦ ସମୟରେ, ଚୀନ୍ ଏହି ଅଞ୍ଚଳରେ ଶାନ୍ତି ପାଇଁ ନିବେଦନ କରିଥିଲା ଏବଂ ଆମେରିକାକୁ



ସମାଲୋଚନା କରିଥିଲା। ୫ ମେ'ରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଥିଲେ ଯେ, ସେ ଆଶା କରୁଛନ୍ତି ଚୀନ୍ ଇରାନକୁ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ କୋହଳ କରିବା ପାଇଁ ଚାପ ପକାଇବ। ତଥାପି, ପ୍ରଶ୍ନ ହେଉଛି ଯେ, ବେଜିଂ ଦୁଇ ପକ୍ଷ ମଧ୍ୟରେ ଶାନ୍ତି ଆରମ୍ଭ କରିବା ପାଇଁ କେତେ ଚାପ ପ୍ରୟୋଗ କରିବାକୁ ଇଚ୍ଛୁକ, କାରଣ ସି ଜିନପିଙ୍ଗ ଚୀନ୍‌କୁ ଆମେରିକାର ବିକଳ୍ପ ଭାବରେ ସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। କିଛି ଦିନ ପୂର୍ବରୁ, ଆମେରିକା ଅନେକ ଚୀନ୍ କମ୍ପାନି ଉପରେ ନୂତନ କଟକଣା ଲଗାଇଥିଲା। ଶୁକ୍ରବାର, ଆମେରିକାର ବୈଦେଶିକ ବିଭାଗ ତିନୋଟି ଚୀନ୍ ସାଟେଲାଇଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକା ଅଭିଯୋଗ କରିଛି ଯେ, ଏହି କମ୍ପାନିଗୁଡ଼ିକ ଇରାନକୁ ସାଟେଲାଇଟ୍ ଚିତ୍ର ଏବଂ ଅନ୍ୟାନ୍ୟ ବୈଷୟିକ ସେବା ଯୋଗାଇଥିଲେ, ଯାହା ଦ୍ୱାରା ମଧ୍ୟପ୍ରାଚ୍ୟରେ ଆମେରିକୀୟ ସେନାଘାଟି ଉପରେ ଆକ୍ରମଣ ଆରମ୍ଭ କରିବାରେ ସାହାଯ୍ୟ କରିଥିଲା। ଟ୍ରମ୍ପ ବୁଧବାର ମେ'୧୩ ତାରିଖ ଦିନ ବେଜିଂରେ ପହଞ୍ଚିବେ। ସେ ଏବଂ ସି ଜିନପିଙ୍ଗ ଗୁରୁବାର ଦିନ ଏକ ଆନୁଷ୍ଠାନିକ ବୈଠକ କରିବେ। ତା'ପରେ ଦୁଇ ନେତା ସ୍ୱର୍ଗ ମନ୍ଦିର(ଟେମ୍ପଲ ଅଫ୍ ହେଭେନ୍) ପରିଦର୍ଶନ କରିବେ ଏବଂ ସନ୍ଧ୍ୟାରେ ଏକ ରାଷ୍ଟ୍ରୀୟଭୋ ରାତ୍ରୀଭୋଜନରେ ଯୋଗଦେବେ। ଶୁକ୍ରବାର ଦିନ, ସେମାନେ ଏକ ମଧ୍ୟାହ୍ନ ଭୋଜନ କରିବେ, ଯାହା ପରେ ଟ୍ରମ୍ପ ଆମେରିକା ଫେରିଯିବେ। ହ୍ୱାଇଟ୍ ହାଉସ୍ ଡେପୁଟି ପ୍ରେସ୍ ସଚିବ ଆନ୍ନା କେଲିଙ୍କ ଅନୁଯାୟୀ, ଏହି ଗସ୍ତରେ ମହାକାଶ, କୃଷି ଏବଂ ଶକ୍ତି ସମ୍ବନ୍ଧୀୟ ଚୁକ୍ତିନାମା ଉପରେ ମଧ୍ୟ ଆଲୋଚନା ହେବ। ଚୀନ୍ ବୋଇଂ ବିମାନ ଏବଂ ଆମେରିକୀୟ ସୋୟାବିନ୍ କିଣିବା ପାଇଁ ଆଲୋଚନା ଚାଲିଛି। ଦୁଇ ଦେଶ ଅଣ-ସମ୍ବେଦନଶୀଳ ସାମଗ୍ରୀ ପାଇଁ ଏକ ବାଣିଜ୍ୟ ବୋର୍ଡ ଏବଂ ନିବେଶ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକ ନିବେଶ ବୋର୍ଡ ପ୍ରତିଷ୍ଠା କରିବାକୁ ପ୍ରସ୍ତୁତ ହେଉଛନ୍ତି। ଆମେରିକୀୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଏହି ଗସ୍ତ ସମୟରେ କୌଣସି ବଡ଼ ନିବେଶ ଚୁକ୍ତି ଅସମ୍ଭବ। ବେଜିଂରେ ଏହି ବୈଠକ ଇରାନ ସଙ୍କଟ ଏବଂ ଆମେରିକା-ଚୀନ୍ ସମ୍ପର୍କରେ ଏକ ସଫଳତା ପ୍ରଦାନ କରିବ କି ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

**ଆଇପିଏଲ ମହାସମର**

# ଦିଲ୍ଲୀ ୩ ୱିକେଟରେ ବିଜୟୀ



ଧର୍ମଶାଳା, (ଏଜେନ୍ସି) : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୫ତମ ମ୍ୟାଚରେ ପଞ୍ଜାବ କିଙ୍ଗସକୁ ୩ ୱିକେଟରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟ ଲାଭ କରିଛି। ହିମାଚଳ ପ୍ରଦେଶର ଧର୍ମଶାଳା ସ୍ଥିତ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଥିଲା। ଏହି ମ୍ୟାଚ୍ ଜିତିବା ପାଇଁ ଦିଲ୍ଲୀକୁ ୨୧୧ ରନର ବିଜୟ ଲକ୍ଷ୍ୟ ଦେଇଥିଲା। ଦିଲ୍ଲୀ ଆଉ ୬ ଟି ବଲ ବାକି ଥାଇ ଅର୍ଥାତ ୧୯ ଓଭରରେ ୭ ୱିକେଟ ହରାଇ ୨୧୬ ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅକ୍ଷର ପଟେଲ ସର୍ବାଧିକ ୫୬, ଡେଭିଡ୍ ମିଲ୍ଲର ୫୧ ଓ ଆଶୁତୋଷ ଶର୍ମା ୨୪ ରନ କରିଥିଲେ। ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଉନ୍ନତଧରଣର ଥିଲା। ପ୍ରଥମ ୱିକେଟ୍ ପାଇଁ ପ୍ରିୟାଂଶ ଆୟର ଏବଂ ପ୍ରଭସିମରନ ସିଂହ ୭୮ ରନର ଭାଗିଦାରୀ କରିଥିଲେ। ଏଥିରୁ ପ୍ରଭସିମରନ ବ୍ୟକ୍ତିଗତ ଭାବେ ୧୮ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରିୟାଂଶ ଆୟର। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ ଦଳ ପାଇଁ ୫୬ ରନର ଯୋଗଦାନ ଦେଇଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ୬ଟି ଛକା ସାମିଲ ଥିଲା। ଅଧିନାୟକ ଶ୍ରେୟସ ଆୟର ନିଜ ଟିମ୍ ପାଇଁ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିଲେ। ସେ ୩୬ଟି ବଲ୍ ଖେଳି ଅପରାଜିତ ୫୯ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। କୁପର କନୋଲି ୨୭ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ସଂଗ୍ରହ କରିଥିଲେ। ମାର୍କସ ଷ୍ଟୋଇନସି ୧ ରନ୍ କରିଥିବା ବେଳେ ଶଙ୍କର ସିଂହ ଖାତା ଖୋଲିପାରି ନଥିଲେ। ସୂର୍ଯ୍ୟାଂଶ ଶେଡଗେ ଅପରାଜିତ ୨୧ ରନ୍ ସଂଗ୍ରହ କରିଥିଲେ। ସେ ୮ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ଏବଂ ମାଧବ ତିୱାରି ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ମୁକେଶ କୁମାରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ଆଜିର ମ୍ୟାଚ

- ଗୁଜରାଟ - ହାଇଦ୍ରାବାଦ
- ସ୍ଥାନ- ଅହମ୍ମଦାବାଦ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୧ | ୭ | ୪ | ୧୪ |
| ସନରାଇଜର୍ସ | ୧୧ | ୭ | ୪ | ୧୪ |
| ଗୁଜରାଟ | ୧୧ | ୭ | ୪ | ୧୪ |
| ପଞ୍ଜାବ | ୧୧ | ୬ | ୪ | ୧୩ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୨ | ୫ | ୭ | ୧୦ |
| ରାଜସ୍ଥାନ | ୧୧ | ୬ | ୫ | ୧୨ |
| କୋଲକାତା | ୧୦ | ୪ | ୫ | ୯ |
| ମୁମ୍ବାଇ | ୧୧ | ୩ | ୮ | ୬ |
| ଲକ୍ଷ୍ନୌ | ୧୧ | ୩ | ୮ | ୬ |

# ମୁଷ୍ଟିଯୁଦ୍ଧ ଶିବିର ବାତିଲ କଲା ସାଇ

ପତିଆଲା, ୧୧/୫(ଏଜେନ୍ସି) : ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ ପକ୍ଷରୁ ପଞ୍ଜାବର ପତିଆଲାରେ ଆୟୋଜିତ ଏକ ମୂଲ୍ୟାୟନ ଶିବିରକୁ ବାତିଲ କରିଦେଇଛି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)। ଖେଳାଳି ଓ ପ୍ରଶିକ୍ଷକ ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗରେ ସାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ସାଇ ସ୍ପଷ୍ଟ କରିଛି ଯେ ଅସ୍ୱଚ୍ଛ ଚୟନ ପ୍ରକ୍ରିୟାକୁ ବଦଳାଇବା ଓ ପ୍ରଶିକ୍ଷକ ଚୟନକୁ ଉଠିଥିବା ପ୍ରଶ୍ନର ଉତ୍ତର ଦେବା ପରେ ଏହି ଶିବିର ଆୟୋଜନ ଲାଗି ଅନୁମତି ଦିଆଯିବ।ସାଇ ପକ୍ଷରୁ କୁହାଯାଇଛି ଯେ ଏହି ଶିବିରକୁ ନେଇ ମୁଷ୍ଟିଯୋଦ୍ଧା ଓ ପ୍ରଶିକ୍ଷକମାନଙ୍କଠାରୁ ଅଭିଯୋଗ ମିଳିବା ପରେ ଓ ଏ ସମ୍ପର୍କରେ ମହାସଂଘ ପକ୍ଷରୁ ସନ୍ତୋଷଜନକ ଉତ୍ତର ଦିଆଯାଇନଥିଲା। ଏହି ମାମଲା କୋର୍ଟରେ ପଢ଼ିବାର ଆଶଙ୍କା ଥିବାରୁ ମହାସଂଘ ପକ୍ଷରୁ ଏ ନେଇ ବିଏଫଆଇ ପକ୍ଷରୁ ଉପଯୁକ୍ତ ଜବାବର ଆବଶ୍ୟକତା ରହିଛି। କିନ୍ତୁ ମହାସଂଘ ପକ୍ଷରୁ ଆବଶ୍ୟକ ଉତ୍ତର ଦିଆଯାଉନାହିଁ ବୋଲି ସାଇ କହିଛି। ଅନ୍ୟପକ୍ଷରେ ମହାସଂଘ ପକ୍ଷରୁ କୁହାଯାଇଛି ଯେ ଚୟନ ପ୍ରକ୍ରିୟା ସଂପର୍କରେ ସାଇକୁ ସୂଚୀତ କରାଯାଇଥିଲା।



# ଆଣ୍ଡି ଫ୍ଲାୱାର୍ ଦଣ୍ଡିତ

ରାୟପୁର, ୧୧।୫(ଏଜେନ୍ସି) : ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡି ଫ୍ଲାୱାରଙ୍କ ଉପରେ ଜରିମାନା ଲଗାଇଛି ବିସିସିଆଇ। ରବିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ସମୟରେ ଚତୁର୍ଥ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହ ତାଙ୍କ ସହ ବଡ଼ ପାଟିରେ ବଚସା କରିଥିବାରୁ ତାଙ୍କ ମ୍ୟାଚ୍ ଫିର ୧୫ ପ୍ରତିଶତ କଟାଯାଇଛି। ସୂଚନା ଅନୁସାରେ ଆର୍ସିବି ବ୍ୟାଟିଂ ପାଳିର ୧୭.୨ ଓଭରରେ ଏକ କ୍ରୁଣାଳ ପାଣ୍ଡ୍ୟାଙ୍କ ଦ୍ୱାରା ଲଙ୍ଗ୍ ଅନରେ ଏକ ସଟକୁ ନମନ ଧୀର ବାଉଣ୍ଡରୀ ଉପରେ କ୍ୟାଚ୍ କରିଥିଲେ ବି ଭାରସାମ୍ୟ ହରାଇବାରୁ ବଲକୁ ତିଳକ ବର୍ମାଙ୍କ ଆଡ଼କୁ ଫିଙ୍ଗିଦେଇଥିଲେ। କିନ୍ତୁ ତିଳକ ତାହାକୁ ଧରିପାରିନଥିଲେ ଓ ନମନ ବାଉଣ୍ଡରୀ ସ୍ପର୍ଶ କରିଥିବା ଅଭିଯୋଗ କରିଥିଲେ। କିନ୍ତୁ ଥାର୍ଡ ଅମ୍ପାୟାର ତାହାକୁ ବାଉଣ୍ଡରୀ ପ୍ରଦାନ କରିନଥିଲେ, କାରଣ ନମନ ବାଉଣ୍ଡରୀ ସ୍ପର୍ଶ କରିନଥିବା ଟିଭି ରିପ୍ଲେରେ ଦେଖାଯାଇଥିଲା। ଏହି ନିଷ୍ପତ୍ତିକୁ ନେଇ ଆଣ୍ଡି ଓ ଦିନେଶ କାର୍ତ୍ତିକ ଚତୁର୍ଥ ଅମ୍ପାୟାରଙ୍କ ସହ ବଚସା କରିଥିଲେ। ଆଣ୍ଡି ଉଚ୍ଚ ସ୍ୱରରେ ବଚସା କରିଥିବାରୁ ତାଙ୍କୁ ଆଇପିଏଲ୍ ଆଚରଣ ବିଧି ଅନୁସାରେ ଦଣ୍ଡିତ କରାଯାଇଛି। ତେବେ କାର୍ତ୍ତିକଙ୍କ ଉପରେ କୌଣସି ଜରିମାନା ଲଗାଯାଇନାହିଁ।

**ସଲ୍ଟଲେକ୍ ଷ୍ଟାଡିୟମ୍ 'ଗୋଟ୍ ଟୁର୍' ବିଶୃଙ୍ଖଳା**

# ମେସିଙ୍କ କାନ୍ଧରେ ହାତ ପକାଇଥିଲେ ଟିଏମସି ମନ୍ତ୍ରୀ

କୋଲ୍‌କାତା, ୧୧।୫(ଏଜେନ୍ସି) : ପଶ୍ଚିମବଙ୍ଗରେ ତୃଣମୂଳ ସରକାରର ପରାଜୟ ପରେ ମୁହଁ ଖୋଲିଛନ୍ତି 'ଲିଓନେଲ୍ ମେସି ଗୋଟ୍ ଟୁର୍'ର ଆୟୋଜକ ଶତଦ୍ରୁ ଦତ୍ତ। ସେ କହିଛନ୍ତି ଯେ ୨୦୨୫ ଡିସେମ୍ବରରେ ମେସିଙ୍କ ସଲ୍ଟଲେକ୍ ଷ୍ଟାଡିୟମ କାର୍ଯ୍ୟକ୍ରମ ସମୟରେ ତୃଣମୂଳ ସରକାରର ମନ୍ତ୍ରୀ ଓ କର୍ମୀମାନେ ବିଶୃଙ୍ଖଳା ସୃଷ୍ଟି କରିଥିଲେ, କିନ୍ତୁ ତାଙ୍କୁ ଜେଲ୍ ପଠାଯାଇଥିଲା। ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଆୟୋଜନ ତାଙ୍କ ଟିମ୍ ମୁମ୍ବାଇ, ହାଇଦ୍ରାବାଦ ଓ ଦିଲ୍ଲୀରେ କରିଥିଲେ ବି କୌଣସିଠାରେ ବିଶୃଙ୍ଖଳା ହୋଇନଥିଲା। କିନ୍ତୁ କୋଲକାତାରେ ବିଶୃଙ୍ଖଳା ହୋଇଥିଲା। ନିରାପତ୍ତା ଓ ଶୃଙ୍ଖଳା ରକ୍ଷା ପାଇଁ କୋଲକାତା ପୁଲିସ ସହ ସେ ବାରମ୍ବାର ବୈଠକ କରିଥିଲେ ବି ଏହି କାର୍ଯ୍ୟକ୍ରମରେ ଅନେକ ଅନଧିକୃତ ଲୋକ ପ୍ରବେଶ କରି ମେସିଙ୍କ ନିକଟକୁ ଚାଲିଯାଇଥିଲେ। ପ୍ରାୟ ୧୦୦ରୁ ୧୨୦ ଜଣ ଲୋକ ପଡ଼ିଆରେ ମେସିଙ୍କୁ ଘେରି ରହିଥିଲେ ଓ ଫଟୋ ଉଠାଇଥିଲେ। ମେସିଙ୍କ ନିକଟକୁ ଯିବାକୁ କ୍ରୀଡ଼ାମନ୍ତ୍ରୀ ଅରୁପ ବିଶ୍ୱାସଙ୍କୁ ଅନୁମତି ନଥିଲେ ବି ସେ ତାଙ୍କ ନିକଟକୁ ନିଜ ସମର୍ଥକମାନଙ୍କ ସହ ଯାଇଥିଲେ। ଏପରିକି ସେ ମେସିଙ୍କ କାନ୍ଧ ଓ ଅଣ୍ଟାରେ ହାତ ପକାଇଥିଲେ। ଏପିରିକି ପୁଲିସ କମିସନର ବି ନୀରବଦ୍ରଷ୍ଟା ସାଜିଥାନ୍ତି। ଏପରି ବିଶୃଙ୍ଖଳା ଦେଖି ମେସିଙ୍କ ସୁରକ୍ଷା ଦଳ ମାତ୍ର ୨୦ ମିନିଟ୍ ପରେ କାର୍ଯ୍ୟକ୍ରମ ବାତିଲ କରି ମେସିକୁ ନେଇଯାଇଥିଲେ ବୋଲି ଦତ୍ତ କହିଛନ୍ତି।



# କୋକୋ ଗଫଙ୍କ ରୋମ୍ ପ୍ରତ୍ୟାବର୍ତ୍ତନ

ରୋମ୍, ୧୧।୫(ଏଜେନ୍ସି) : ରୋମରେ ଏକ ନାଟକୀୟ ମୁକାବିଲାରେ ଡିଫେଣ୍ଡିଂ ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍ କୋକୋ ଗଫ୍ କିଶୋର ଅନୁଭବ ଇଭା ଜୋଭିକଗଙ୍କୁ ପରାସ୍ତ କରିବା ପୂର୍ବରୁ ଏକ ମ୍ୟାଚ୍ ପଏଣ୍ଟ ବଞ୍ଚାଇଥିଲେ। ଆମେରିକୀୟ ଖେଳାଳି ୫-୭, ୩-୫, ୩୦-୪୦ ରେ ପଛକୁ ରହି ତାଙ୍କର ରୋଲାଣ୍ଡ ଗାରୋସ୍ ପ୍ରସ୍ତୁତିକୁ ଟ୍ରାକରେ ରଖିଥିଲେ। ଡିଫେଣ୍ଡିଂ ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍ କୋକୋ ଗଫ୍ ୧୧ ମଇରେ ରୋମରେ ଇଟାଲୀୟ ଓପନରେ ଏକ ଉଲ୍ଲେଖନୀୟ ପଳାୟନ କାର୍ଯ୍ୟ କରିଥିଲେ, କିଶୋର ଅନୁଭବ ଇଭା ଜୋଭିକଗଙ୍କୁ ୫-୭, ୭-୫, ୬-୨ ରେ ପରାସ୍ତ କରିବା ପୂର୍ବରୁ ମ୍ୟାଚ୍ ପଏଣ୍ଟ ବଞ୍ଚାଇ ଡବ୍ଲ୍ୟୁଟିଏ ୧୦୦୦ ଇଭେଣ୍ଟର କ୍ୱାର୍ଟର ଫାଇନାଲକୁ ଉଠିଥିଲେ। ବିଶ୍ୱର ୪ ନମ୍ବର ଖେଳାଳି ରୋଲାଣ୍ଡ ଗାରୋସଙ୍କୁ ଡିଫେଣ୍ଡିଂ ଚାମ୍ପିଅନ୍ ଭାବରେ ଫେରିବାର କିଛି ସପ୍ତାହ ପୂର୍ବରୁ ତାଙ୍କର ରୋମ୍ ଅଭିଯାନକୁ ଜୀବନ୍ତ ରଖିବା ପାଇଁ ପ୍ରଚୁର ସ୍ଥିରତା ଦେଖାଇବା ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ପରାଜୟର ଦ୍ୱାରଦେଶରେ ଥିଲେ। ନିର୍ଭୀକ ୧୮ ବର୍ଷୀୟ ଜୋଭିକ୍ ଙ୍କ ବିପକ୍ଷରେ ପ୍ରଥମ ସେଟ୍ ୫-୭ରେ ହରାଇ ଗଫ୍ ନିଜକୁ ଗଭୀର ସମସ୍ୟାରେ ପକାଇଥିଲେ, ଯିଏ ବେସଲାଇନ୍ ରୁ ମୁକ୍ତ ଭାବରେ ଆକ୍ରମଣ ଜାରି ରଖିଥିଲେ। ଯୁବତୀ ଦ୍ୱିତୀୟ ସେଟ୍ ପର୍ଯ୍ୟନ୍ତ ସେହି ଗତି ବହନ କରିଥିଲେ ଏବଂ ୫-୩ ଲିଡ୍ ହାସଲ କରି ତାଙ୍କ କ୍ୟାରିଅରର ସର୍ବବୃହତ ବିଜୟର ସ୍ୱର୍ଣ୍ଣ ଦୂରତା ମଧ୍ୟରେ ପହଞ୍ଚିଥିଲେ। ତା'ପରେ ଜୋଭିକ୍ ଗଫ୍ ଙ୍କ ସର୍ଭିସରେ ୩୦-୪୦ରେ ମ୍ୟାଚ୍ ପଏଣ୍ଟ ଅର୍ଜନ କରିଥିଲେ, ଯାହା ଫଳରେ ଆମେରିକୀୟ ଖେଳାଳି ଏଲିମିନେସନ୍ ଠାରୁ ମାତ୍ର ଗୋଟିଏ ପଏଣ୍ଟ ଦୂରରେ ଥିଲେ।



# ମୁମ୍ବାଇ ଇଣ୍ଡିଆନ୍ସ ସହ ସମ୍ପର୍କ ତୁଟାଇଲେ ହାର୍ଦ୍ଦିକ

ମୁମ୍ବାଇ, ୧୧।୫(ଏଜେନ୍ସି) : ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ଓ ଦଳର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମଧ୍ୟରେ ସବୁ କିଛି ଠିକଠାକ ଚାଲି ନାହିଁ। ୨୦୨୬ ଆଇପିଏଲରେ ମୁମ୍ବାଇର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ପାଣ୍ଡ୍ୟା ବିବାଦରେ ରହିଛି। ଗତ ୨ଟି ମ୍ୟାଚରେ ମଧ୍ୟ ସେ ନଜର ଆସି ନାହାନ୍ତି। ଦଳ ସହ ତିକ୍ତତା କାରଣରୁ ପାଣ୍ଡ୍ୟା ଖେଳୁ ନଥିବା ଚର୍ଚ୍ଚା ହେଉଛି। ହେଲେ ରବିବାର ଆରସିବି ଠାରୁ ହାରି ମୁମ୍ବାଇ ବିଧିବଦ୍ଧ ଭାବେ ୨୦୨୬ ଆଇପିଏଲର ପ୍ଲେ ଅଫ ରେସରୁ ବାଦ ପଡ଼ିବା ପରେ ପାଣ୍ଡ୍ୟା ନେଇଥିବା ବଡ଼ ପଦକ୍ଷେପ ଏବେ ବେଶ ଚର୍ଚ୍ଚାରେ ରହିଛି। ରବିବାର ମ୍ୟାଚ୍ ପରେ ସେ ନିଜର ମୂଳ ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସକୁ ଇନଷ୍ଟାଗ୍ରାମରେ ଅନଫଲୋ କରି ଦେଇଥିଲେ। ଏହାର କାରଣ ଜଣା ପଡ଼ି ନଥିଲେ ହେଁ ଟିମ ସହ ବିବାଦ କାରଣରୁ ପାଣ୍ଡ୍ୟା ଏପରି ପଦକ୍ଷେପ ନେଇଥିବା କୁହାଯାଉଛି। ସେହିପରି ସେ ଆଉ ମୁମ୍ବାଇ ପାଇଁ ଆଇପିଏଲ ଖେଳିବେ ନାହିଁ ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ମେ' ୧୦ ଅର୍ଥାତ ରବିବାର ମୁମ୍ବାଇର ମୁକାବିଲା ଆରସିବି ସହ ରାୟପୁରରେ ହୋଇଥିଲା। ଏହି ମ୍ୟାଚକୁ ଆରସିବି ଶେଷ ବଲରେ ଜିତିବା ମ୍ୟାଚରେ ମୁମ୍ବାଇ ପ୍ଲେ ଅଫ ରେସରୁ ଆଉଟ ହୋଇଯାଇଛି। ଏହି ମ୍ୟାଚର କିଛି ସମୟ ପରେ ଦେଖିବାକୁ ମିଳିଥିଲା ଯେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେ ୧୫୦ ଜଣଙ୍କୁ ଅନୁସରଣ କରିଛନ୍ତି। କିନ୍ତୁ ସେ ଅନୁସରଣ କରିଥିବା ୧୫୦ ଆକାଉଣ୍ଟ ମଧ୍ୟରେ ନଥିଲା ମୁମ୍ବାଇ ଇଣ୍ଡିଆନ୍ସର ଅଫିସିଆଲ ଆଇଡି।



# ୧୦ ବର୍ଷ ପରେ କନ୍ୟା ସନ୍ତାନର ବାପା ହେଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ, ୧୧।୫(ସବ୍ୟ) : ଭାରତୀୟ ଟି-୨୦ର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ବିବାହର ୧୦ବର୍ଷ ପରେ ସୂର୍ଯ୍ୟକୁମାର ବାପା ହେବାର ସୌଭାଗ୍ୟ ପାଇଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ପତ୍ନୀ ଦେବୀଶା ସେଚ୍ଚି କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଦମ୍ପତି ସନ୍ତାନର ନାମ ରଖିଛନ୍ତି ରିଦ୍ଧିମା। ସୂର୍ଯ୍ୟ ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟ ସହିତ ଏହି ବିଶେଷ ମୁହୂର୍ତ୍ତକୁ ସେୟାର କରିଛନ୍ତି। ସୂର୍ଯ୍ୟକୁମାର ଯାଦବ ଏବଂ ଦେବୀଶାଙ୍କ ପ୍ରେମ କାହାଣୀ କଲେଜ ସମୟରୁ ଆରମ୍ଭ ହୋଇଥିଲା। ୨୦୧୬ ଜୁଲାଇ ୭ ତାରିଖରେ ଦୁହେଁ ପ୍ରେମ ବିବାହ କରିଥିଲେ। ସୂର୍ଯ୍ୟ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିଥିବା କିଛି ଖେଳାଳିଙ୍କ ମଧ୍ୟରୁ ଜଣେ। ଏହା ବ୍ୟତୀତ, ଚଳିତ ବର୍ଷ ଆରମ୍ଭରେ ତାଙ୍କ ଅଧିନାୟକତ୍ୱରେ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରେ ଭାରତୀୟ ଦଳକୁ ବିଶ୍ୱ ଟାଇଟଲ୍ ସ୍ଥିତିରେ ପହଞ୍ଚାଇଥିଲେ ସେ। ସୂର୍ଯ୍ୟକୁମାର ଯାଦବଙ୍କୁ ଟିମ୍ ଇଣ୍ଡିଆର ସବୁଠାରୁ ଲୋକପ୍ରିୟ ଖେଳାଳିଙ୍କ ମଧ୍ୟରୁ ଜଣେ। ତାଙ୍କର ଚମତ୍କାର ବ୍ୟାଟିଂ ପାଇଁ ପ୍ରଶଂସକମାନେ ତାଙ୍କୁ "ମିଷ୍ଟର ୩୬୦" ବୋଲି ଡାକି ଥାଆନ୍ତି। ସୋସିଆଲ ମିଡିଆରେ ସେୟାର କରାଯାଇଥିବା ଏକ ପୋଷ୍ଟରେ, ସୂର୍ଯ୍ୟକୁମାର ଏବଂ ଦେବୀଶା ସେମାନଙ୍କ ଝିଅର ନାମ ପ୍ରକାଶ କରି ଲେଖିଛନ୍ତି, "ଆମର ସବୁଠାରୁ ମୂଲ୍ୟବାନ ଆଶୀର୍ବାଦ, ରିଦ୍ଧିମାଙ୍କୁ ଭେଟନ୍ତୁ। "ରିଦ୍ଧିମା" ନାମର ଅର୍ଥ ସମୃଦ୍ଧି, ପ୍ରେମ ଏବଂ ସୌଭାଗ୍ୟ ବୋଲି ବିଶ୍ୱାସ କରାଯାଏ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ।

# ଡ୍ରେସିଂ ରୁମରେ ଆରସିବି ବିଜୟର ପ୍ରଶଂସା କଲେ କୋହଲି

ମୁମ୍ବାଇ, ୧୧।୫(ଏଜେନ୍ସି) : ଗତକାଲି ଆଇପିଏଲରେ ମୁମ୍ବାଇ ବିପକ୍ଷରେ ଏକ ରୋମାଞ୍ଚକର ବିଜୟ ପରେ ବିରାଟ କୋହଲି ଖେଳାଳିମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ଏକ ଦଳକୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଜିତିବା ପାଇଁ ଚାପରେ ଲଢ଼ିବା ପାଇଁ ଏହି ପ୍ରକାରର ଲଢୁଆ ମନୋଭାବ ଏବଂ ମାନସିକତା ଆବଶ୍ୟକ। କୋହଲି ବିଶେଷ ଭାବରେ କେପି(କୃନାଲ ପାଣ୍ଡ୍ୟା)ଙ୍କ ବ୍ୟାଟିଂର ପ୍ରଶଂସା କରି କହିଥିଲେ ଯେ ଏହା କୌଣସି ଆଇପିଏଲ ମ୍ୟାଚରେ ସେ ଦେଖିଥିବା ସର୍ବୋତ୍ତମ ଇନିଂସ। ସେ କହିଛନ୍ତି ଯେ ଅନେକ ଖେଳାଳି କଷ୍ଟକର ପରିସ୍ଥିତିରେ ଭାଙ୍ଗିପଡ଼ନ୍ତି, କିନ୍ତୁ ଆଘାତ ଏବଂ କ୍ରାମ୍ପ ଭଳି ଚ୍ୟାଲେଞ୍ଜ ସତ୍ତ୍ୱେ କେପି ଅଟଳ ରହିଥିଲେ। ସେ କହିଛନ୍ତି ଯେ ଯେତେବେଳେ ଦଳ ସମସ୍ୟାରେ ଥିଲା, କେପି ଧୈର୍ଯ୍ୟ ଦେଖାଇଥିଲେ, ସଠିକ୍ ମୁହୂର୍ତ୍ତ ପାଇଁ ଅପେକ୍ଷା କରିଥିଲେ ଏବଂ ପରେ ବଡ଼ ସଟ୍ ମାରି ମ୍ୟାଚକୁ ବଦଳାଇ ଦେଇଥିଲେ। କୋହଲି ବିଶେଷ ଭାବରେ କ୍ରାମ୍ପ ସତ୍ତ୍ୱେ ମାରିଥିବା ଦୁଇଟି ଛକାକୁ ସଫଳତାର ପଏଣ୍ଟ ଭାବରେ ଉଲ୍ଲେଖ କରିଥିଲେ। ଦଳର ବିଜୟରେ ବୋଲରମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିରାଟ କୋହଲି ଭୁବନେଶ୍ୱର କୁମାରଙ୍କ ପ୍ରଶଂସା କରି କହିଥିଲେ ଯେ ପାୱାର ପ୍ଲେରେ ତାଙ୍କର ବୋଲିଂ ସମ୍ପୂର୍ଣ୍ଣ ବିଶ୍ୱସ୍ତରୀୟ ଥିଲା। ସେ ପ୍ରତିପକ୍ଷ ବ୍ୟାଟସମ୍ୟାନଙ୍କ ଉପରେ ନିରନ୍ତର ଚାପ ବଜାୟ ରଖିଥିଲେ ଏବଂ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ।ତଥାପି, ମ୍ୟାଚର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ସେତେବେଳେ ଆସିଥିଲା ଯେତେବେଳେ ଶେଷ ଓଭରରେ ବ୍ୟାଟିଂ କରିବାକୁ ଆସି ଭୁବନେଶ୍ୱର ଚାପରେ ଏକ ଚମତ୍କାର ଛକା ମାରିଥିଲେ। ଅଧିନାୟକ ମଜା କରି ମନ୍ତବ୍ୟ ଦେଇଥିଲେ ଯେ ସମସ୍ତେ ଜାଣନ୍ତି ଯେ ଜଣେ ବୋଲର ଭାବେ ଭୁବନେଶ୍ୱର କେତେ ଚମତ୍କାର, କିନ୍ତୁ ଏହି ମ୍ୟାଚରେ ସେ ଏହା ମଧ୍ୟ ପ୍ରମାଣ କରିଛନ୍ତି ଯେ ସେ ବ୍ୟାଟ୍ ସହିତ ଚମତ୍କାର କରିପାରିବେ। କୋହଲି ଦଳର ଅନ୍ୟ ସଦସ୍ୟଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ସୁୟଶ, ରସିକ ଏବଂ ସେଚ୍ଚି ବଲ୍ ସହିତ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିଲେ। ସେଚ୍ଚିଙ୍କ ସଠିକ୍ ଲାଇନ ଏବଂ ଲେନ୍ଥର ପ୍ରଶଂସା କରି କୋହଲି କହିଛନ୍ତି ଯେ ଯେତେବେଳେ ଜଣେ ଖେଳାଳି ଆତ୍ମବିଶ୍ୱାସୀ ଥାଏ, ତାଙ୍କର ଦକ୍ଷତା ଆହୁରି ଉଜ୍ଜ୍ୱଳ ହୋଇଥାଏ। ବ୍ୟାଟିଂରେ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ, ଦଳ ହାର ମାନି ନଥିଲା। କୋହଲି ବେଥେଲ ଏବଂ କେପିଙ୍କ ମଧ୍ୟରେ ଭାଗୀଦାରୀକୁ ବିଜୟର ମୂଳଦୁଆ ଭାବରେ ଶ୍ରେୟ ଦେଇଥିଲେ। ସେ କହିଛନ୍ତି ଯେ ଉଭୟ ବ୍ୟାଟସ ମ୍ୟାନ ମ୍ୟାଚ୍ ପରିସ୍ଥିତିକୁ ବୁଝିପାରିଥିଲେ ଏବଂ ଧୈର୍ଯ୍ୟ ଏବଂ ଆକ୍ରମଣାତ୍ମକତା ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରିଥିଲେ।



## ଲଢ଼ିବି ପଛେ ଛାଡିବି ନାହିଁ : ଭିନେଶ ଫୋଗଟ

ନୂଆଦିଲ୍ଲୀ, ୧୧।୫(ଏଜେନ୍ସି) : ଭିନେଶ ଫୋଗଟଙ୍କୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ଭାରତୀୟ କୁସ୍ତି ସଂଘସହ ପୁଣି ଥରେ ମୁହାଁମୁହିଁ ହୋଇ ଭିନେଶ କହିଛନ୍ତି 'ମୁଁ ସନ୍ନ୍ୟାସ ନେବି ନାହିଁ। ଜାତୀୟ ଓପନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବି। ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫଆଇ) ର କାରଣ ଦର୍ଶାଅ ନୋଟିସ୍ର ଉତ୍ତର ଦେଇସାରିଛି। ବିଶ୍ୱ କୁସ୍ତି ସଂଘଠାରୁ ଅନୁମତି ଆଣିଥିବାରୁ ମୁଁ ଲଢ଼ିବାକୁ ଯୋଗ୍ୟ ରହିଛି।" ଅନ୍ୟପକ୍ଷରେ ଭାରତୀୟ କୁସ୍ତି ସଂଘ କହିଛି 'ଶୃଙ୍ଖଳାଗତ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଭିନେଶ ପ୍ରତିଯୋଗିତାରେ ଲଢ଼ିପାରିବେ ନାହିଁ। ପୂର୍ବରୁ ଡବ୍ଲ୍ୟୁଏଫ୍ଆଇ ୨୦୨୬ ଜୁନ୍ ୨୬ ପର୍ଯ୍ୟନ୍ତ ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି